R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୫୫
ତିଥି : ଏକାଦଶୀ
୨୨ ଜୁନ୍ ୨୦୨୫, ରବିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ୍ ତରଙ୍ଗ ଟାବଲଏଡ୍ ସହ

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 255
22 June 2025, Sunday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ବିଶାଖାପାଟଣାରେ ଏକାଦଶ ଅନ୍ତର୍ଜାତୀୟ ଯୋଗ ଦିବସରେ ପ୍ରଧାନମନ୍ତ୍ରୀ

## ଯୋଗ ସମଗ୍ର ବିଶ୍ୱକୁ ଏକତ୍ର କରିଛି : ମୋଦି



ଯୋଗ ସମସ୍ତଙ୍କ ପାଇଁ, ଏହା ସୀମା, ବୟସ ଓ କ୍ଷମତାଠାରୁ ଊର୍ଦ୍ଧ୍ୱରେ

ଭୁବନେଶ୍ୱର, ୨୧।୬ (ସବ୍ୟୁ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ଏକାଦଶ ଅନ୍ତର୍ଜାତୀୟ ଯୋଗ ଦିବସ (ଆଇୱାଇଡି) କାର୍ଯ୍ୟକ୍ରମରେ ଉଦବୋଧନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନର ନେତୃତ୍ୱ ନେଇଥିଲେ ଏବଂ ଯୋଗ ଅଧିବେଶନରେ ଅଂଶଗ୍ରହଣ କରିଥିଲେ ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଭାରତ ଏବଂ ବିଶ୍ୱର ଲୋକମାନଙ୍କୁ ଅନ୍ତର୍ଜାତୀୟ ଯୋଗ ଦିବସରେ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ । ସେ କହିଥିଲେ, ଚଳିତ ବର୍ଷ ଏକାଦଶ ଯୋଗ ଦିବସରେ ସାମୂହିକ ଭାବରେ ଯୋଗ ଅଭ୍ୟାସ କରିବା ପାଇଁ ସାରା ବିଶ୍ୱ ଏକତ୍ରିତ ହୋଇଛି । ଯୋଗର ବିଶେଷତ୍ୱ ହେଉଛି "ଏକଜୁଟ ହେବା" ଏବଂ ଯୋଗ କିପରି ବିଶ୍ୱକୁ ଏକତ୍ରିତ କରିଛି, ତାହା ହୃଦୟଙ୍ଗମ କରିବା ଉତ୍ସାହଜନକ । ଗତ ଦଶନ୍ଧି ଧରି ଯୋଗର ନିରନ୍ତର ଯାତ୍ରା ଉପରେ ଗୁରୁତ୍ୱାରୋପ କରି ଶ୍ରୀ ମୋଦୀ ସେହି ମୁହୂର୍ତ୍ତକୁ ମନେ ପକାଇଥିଲେ ଯେତେବେଳେ ଭାରତ ମିଳିତ ଜାତିସଂଘରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନର ପ୍ରସ୍ତାବ ଦେଇଥିଲା । ସେ ଉଲ୍ଲେଖ କରିଥିଲେ, ୧୭୫ଟି ଦେଶ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ, ଯାହା ବ୍ୟାପକ ବିଶ୍ୱ ଏକତାର ଏକ ଅନନ୍ୟ ଉଦାହରଣ । ଏହି ସମର୍ଥନ କେବଳ ଏକ ପ୍ରସ୍ତାବ ପାଇଁ ନୁହେଁ ବରଂ ମାନବତାର ବୃହତ୍ତର ମଙ୍ଗଳ ପାଇଁ ବିଶ୍ୱର ସାମୂହିକ ପ୍ରୟାସର ନିଦର୍ଶନ ବୋଲି ସେ (୯ ପୃଷ୍ଠାରେ)

## ଇନ୍ଧନ କମ୍ ଯୋଗୁ ଇଣ୍ଡିଗୋ ବିମାନର ଜରୁରୀ ଅବତରଣ

ନୂଆଦିଲ୍ଲୀ, ୨୧।୬ : ଯାତ୍ରୀବାହୀ ବିମାନ ସେବା ଉପରେ ସତେ ଯେମିତି କାହା ନଜର ଲାଗିଛି । ଅହମ୍ମଦାବାଦ ଦୁର୍ଘଟଣା ପରେ ଅଧିକାଂଶ ବିମାନର ଉଡାଣ ବାତିଲ ହେବା, ହେଲିକେପ୍ଟର ଦୁର୍ଘଟଣା ଘଟିବା, ପକ୍ଷୀମାଡ ଘଟଣାରୁ ବର୍ତ୍ତିଯିବା ଏବେ ଏକ ନୀତିଦିନିଆ କଥା ପାଲଟିଲାଣି । ତେବେ ଆଜି ମଝି ଆକାଶରେ ଇଣ୍ଡିଗୋର ଏକ ବିମାନରୁ ଇନ୍ଧନ କମିଯିବାରୁ ପାଇଲଟ୍ 'ମେଡେ' କହି ଏହାର ଜରୁରୀ ଅବତରଣ କରାଇଛନ୍ତି । ଏହାର କାରଣ ବିମାନରେ ପର୍ଯ୍ୟାପ୍ତ ଇନ୍ଧନ ନଥିଲା । ଇଣ୍ଡିଗୋ ବିମାନଟି ଯେକି ଚେନ୍ନାଇ ଯାଉଥିଲା । ତା'ର ଗତିପଥକୁ ବେଙ୍ଗାଲୁରୁ ସ୍ଥାନାନ୍ତର କରାଯାଇଥିଲା । ବିମାନଟି କମ୍ ରହିଛି । ତୁରନ୍ତ ସେ ଏଟିସିକୁ ସୂଚନା ଦେଇଥିଲେ ଏବଂ ବିମାନକୁ ବେଙ୍ଗାଲୁରୁ ନିଆଯାଇଥିଲା । ବେଙ୍ଗାଲୁରୁରେ ଏହା ସୁରକ୍ଷିତ ଭାବେ ଅବତରଣ କରିଥିଲା ।

### 'ମେଡେ' ବାର୍ତ୍ତା ଦେଲେ ପାଇଲଟ୍

ଗୌହାଟି ବିମାନ ବନ୍ଦରରୁ ଅପରାହ୍ନ ୪.୪୦ରେ ଉଡାଣ ଭରିଥିଲା ଓ ୭.୪୫ରେ ଚେନ୍ନାଇରେ ପହଞ୍ଚିବାର ଥିଲା । ମାତ୍ର ବିମାନ ଉଡାଣ ଭରିବା ପରେ ପାଇଲଟ୍ ଜାଣିପାରିଥିଲେ ଯେ ଏଥିରେ ଇନ୍ଧନ ଅବତରଣ ସମୟରେ ମେଡିକାଲ ଓ ଅଗ୍ନିଶମ ବିଭାଗକୁ ମଧ୍ୟ ସଜାଗ ରଖାଯାଇଥିଲା । ଏହି ବିମାନରେ ୬୮ ଯାତ୍ରୀ ଥିଲେ । ତେବେ ସୁରକ୍ଷିତ ଅବତରଣ ଯୋଗୁ ସବୁ ଯାତ୍ରୀ ସୁସ୍ଥ ଅଛନ୍ତି । (୯ ପୃଷ୍ଠାରେ)

## ବନ୍ୟଜନ୍ତୁ ଆକ୍ରମଣରେ ମୃତ୍ୟୁ ହେଲେ ୧୦ ଲକ୍ଷ

ଭୁବନେଶ୍ୱର, ୨୧।୬ (ସବ୍ୟୁ) : ବନ୍ୟପ୍ରାଣୀ (ସୁରକ୍ଷା) (ଓଡିଶା) ନିୟମ, ୧୯୭୪ର ନିୟମ ୪୫କେକେ ଦ୍ୱାରା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି,ରାଜ୍ୟ ସରକାରଙ୍କ ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ବନ୍ୟଜନ୍ତୁଙ୍କ ଦ୍ୱାରା କ୍ଷୟକ୍ଷତି କ୍ଷେତ୍ରରେ ଅନୁକମ୍ପାମୂଳକ ଦେୟର ସଂଶୋଧିତ ବିଜ୍ଞପ୍ତି ଜାରି କରିଛନ୍ତି ।

ବନ୍ୟପ୍ରାଣୀ(ସୁରକ୍ଷା)(ଓଡିଶା) ନିୟମ, ୧୯୭୪ ର ନିୟମ ୪୫ଏଏ ଅନୁଯାୟୀ ବନ୍ୟଜନ୍ତୁଙ୍କ ଦ୍ୱାରା ମଣିଷ ମୃତ୍ୟୁବରଣ କଲେ ଏଣିକି ଅନୁକମ୍ପାମୂଳକ ସହାୟତା ୧୦ ଲକ୍ଷ ଟଙ୍କା ମିଳିବ । ବନ୍ୟପ୍ରାଣୀ(ସୁରକ୍ଷା)(ଓଡିଶା) ନିୟମ, ୧୯୭୪ ର ନିୟମ ୪୫ଏଫଏଫ ଅନୁଯାୟୀ ବନ୍ୟଜନ୍ତୁଙ୍କ ଦ୍ୱାରା ଘରର ଆଂଶିକ କ୍ଷତି (୯ ପୃଷ୍ଠାରେ)

## ରଥଯାତ୍ରାରେ ଭିଜିବ ଓଡ଼ିଶା

ଭୁବନେଶ୍ୱର, ୨୧।୬ (ସବ୍ୟୁ) : ଓଡ଼ିଶାରେ ଆସନ୍ତା ୨୭ ପର୍ଯ୍ୟନ୍ତ ବର୍ଷା ଜାରି ରହିବ । ଫଳରେ ୨୭ରେ ଅନୁଷ୍ଠିତ ହେବାକୁ ଥିବା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଚଳିତ ବର୍ଷ ବର୍ଷାରେ ଭିଜିବାର ସମ୍ଭାବନା ରହିଛି । କାରଣ ଏହି ସମୟରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ ।

ପାଣିପାଗ ବିଭାଗର କହିବାନୁଯାୟୀ, ଓଡ଼ିଶାରେ ବର୍ଷା ୨୭ ପର୍ଯ୍ୟନ୍ତ ଜାରି ହୋଇପାରେ । ରାଜ୍ୟରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ । ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ାରେ ଝଡ଼ବର୍ଷା ତଥା ବଜ୍ରପାତ ହେବାର ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡ଼ିକୁ ବଜ୍ରପାତ ପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଏହି ଅଞ୍ଚଳଗୁଡ଼ିକରେ ପବନର ବେଗ ଘଣ୍ଟାପ୍ରତି ୩୦ ରୁ ୪୦ କିଲୋମିଟର ମଧ୍ୟରେ ରହିବ ବୋଲି ପୂର୍ବାନୁମାନ କରାଯାଇଛି ।

୨୨ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଝାରସୁଗୁଡା, ବରଗଡ଼, ବଲାଙ୍ଗୀର, ନୂଆପଡ଼ା, ସମ୍ବଲପୁର, ସୋନପୁର, କଳାହାଣ୍ଡି, କନ୍ଧମାଳ, (୯ ପୃଷ୍ଠାରେ)

## ୱେବ କାଷ୍ଟିଂ ଫୁଟେଜର ସାର୍ବଜନୀନକୁ ମନା କଲେ ଇସିଆଇ

ନୂଆଦିଲ୍ଲୀ, ୨୧।୬ : ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ମହାରାଷ୍ଟ୍ର ନିର୍ବାଚନରେ ମ୍ୟାଚ୍ ଫିକ୍ସିଂ ଅଭିଯୋଗ ପରେ ଏବେ ନିର୍ବାଚନ କମିଶନ (ଇସିଆଇ)ଙ୍କ ପକ୍ଷରୁ ଗୋଟିଏ ପରେ ଗୋଟିଏ ବୟାନ ଆସିବାରେ ଲାଗିଛି । ମତଦାନ କେନ୍ଦ୍ରର ୱେବ୍ କାଷ୍ଟିଂ ଫୁଟେଜକୁ ସାର୍ବଜନିନ କରିବା ପାଇଁ ରାହୁଲ କରିଥିବା ଦାବି ଉପରେ କମିଶନ ଏକ ବୟାନ ଦେଇଛନ୍ତି । କମିଶନଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏପରି ପଦକ୍ଷେପ ମତଦାତାଙ୍କ ଗୋପନୀୟତା ଓ ସୁରକ୍ଷା ସମ୍ବନ୍ଧିତ ଚିନ୍ତାର ଉଲ୍ଲଂଘନ କରିବ ।

ସୂତ୍ରରୁ ଜଣାପଡିଛି ଯେ ଏଭଳି ତଥ୍ୟ ଦେବା ଭୋଟରମାନଙ୍କର ସୁରକ୍ଷା ଓ ଗୋପନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବ । ଯାହା ଭୋଟରଙ୍କ ଅନୁକୂଳ ପରି ମନେହୁଏ ଏବଂ ଗଣତାନ୍ତ୍ରୀକ ପ୍ରକ୍ରିୟାର (୯ ପୃଷ୍ଠାରେ)

### ଡାଇରିଆ ପରିସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

## ପରିସ୍ଥିତି ନିୟନ୍ତ୍ରଣାଧୀନ, ସତର୍କ ରହିବାକୁ ପରାମର୍ଶ



ଭୁବନେଶ୍ୱର, ୨୧।୬ (ସବ୍ୟୁ) : ରାଜ୍ୟର ଛଅଟି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଦେଖାଦେଇଥିବା ଡାଇରିଆ ପରିସ୍ଥିତି ଓ ଏହାର ନିୟନ୍ତ୍ରଣ ପାଇଁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ ଠାରେ ସମୀକ୍ଷା କରିଛନ୍ତି ।

ରାଜ୍ୟରେ ପରିସ୍ଥିତି ବର୍ତ୍ତମାନ ନିୟନ୍ତ୍ରଣାଧୀନ ଓ ନୂତନ ସଂକ୍ରମିତଙ୍କ ସଂଖ୍ୟା ସମ୍ପୂର୍ଣ୍ଣ ହ୍ରାସ ପାଇଥିବା ନେଇ ବୈଠକରୁ ଜଣାପଡିଛି ଏବଂ ଯାଜପୁର, ଭଦ୍ରକ, କଟକ, କେନ୍ଦ୍ରାପଡ଼ା, ଢେଙ୍କାନାଳ ଓ କେନ୍ଦୁଝର ଜିଲ୍ଲାରେ ଡାଇରିଆ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇବା ସହିତ ଜନଜୀବନ ସ୍ୱାଭାବିକ ସ୍ଥିତିକୁ ଫେରି ଆସୁଛି ।

ବୈଠକରେ ସରକାରଙ୍କ ବିଭିନ୍ନ ବିଭାଗର ସମନ୍ୱିତ ପ୍ରୟାସ ଯୋଗୁଁ ଡାଇରିଆ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଛି ଓ ସଂକ୍ରମଣ ଦ୍ରୁତ ହ୍ରାସ ପାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ତେବେ ପରିସ୍ଥିତି ଯେପରି ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣାଧୀନ ରହିବ, ସେଥିପାଇଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠୁ ମେଡ଼ିକାଲ କଲେଜ ଯାଏଁ ଚିକିତ୍ସା ସେବାକୁ ବର୍ତ୍ତମାନ ପରି ସମନ୍ୱିତ ଭାବରେ କାର୍ଯ୍ୟକ୍ଷମ ରଖିବାପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ସଚିବ ଏବଂ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଯେଉଁଠାରେ ରୋଗର ଆଶଙ୍କା ଅଛି କିନ୍ତୁ କେସ ନାହିଁ, ସେଠାରେ ଆଗୁଆ ପ୍ରତିରୋଧକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହିତ ଦଶହରା ପର୍ଯ୍ୟନ୍ତ ସମସ୍ତ ପ୍ରଭାବିତ ଏବଂ ସମ୍ଭାବ୍ୟ ପ୍ରଭାବିତ ଅଂଚଳ ମାନଙ୍କରେ ପ୍ରସ୍ତୁତ (୯ ପୃଷ୍ଠାରେ)

## ୪ ବ୍ଲକର ଶତାଧିକ ଗାଁ ଜଳବନ୍ଦୀ, ବହୁରାସ୍ତା ବିଚ୍ଛିନ୍ନ



ସୁବର୍ଣ୍ଣରେଖା ବନ୍ୟା ସ୍ଥିତି ଗମ୍ଭୀର, ଭାସିଗଲେ ଯୁବକ

ଏକ ଗାଁ ରୁ ଅନ୍ୟ ଗାଁକୁ ଯିବାକୁ ଡ଼ଙ୍ଗା ସାହା

ସ୍ଥିତି ଅନୁଧ୍ୟାନ କଲେ ବିଧାୟକ ଓ ପ୍ରଶାସନ

ଭୋଗରାଇ, ୨୧।୬ (ସବ୍ୟୁ) :ଝାଡ଼ଖଣ୍ଡ ମାଳାଞ୍ଚଳରେ ଭୀଷଣ ବର୍ଷା ଓ ଗାଲୁଡ଼ିହି ଜଳାଧାରୁ ୮ ରୁ ଅଧିକ ଗେଟରେ ଉଦବୃତ୍ତ ବର୍ଷାପାଣି ପ୍ରତି ସେକେଣ୍ଡରେ ୨ ଲକ୍ଷ ୪ ୨ କ୍ୟୁସେକ ସୁବର୍ଣ୍ଣରେଖାକୁ ନିଷ୍କାସନ କରାଯିବାରୁ ନଦୀରେ ଆକସ୍ମିକ ବନ୍ୟା ଆସିଛି । ଶୁକ୍ରବାର ସନ୍ଧ୍ୟାରୁ ସୁବର୍ଣ୍ଣରେଖା ଜଳସ୍ତର ବୃଦ୍ଧିପାଇ ରାଜଘାଟ ଗେଜାଠାରେ ବିପଦ ସଂକେତ ୧ ୦. ୩ ୬ ମି ଉର୍ଦ୍ଧ୍ୱରେ ପ୍ରବାହିତ ହେଉଥିବାବେଳେ ଶନିବାର ସକାଳ ୬ ଟା ସୁଧା ୧ ୧. ୪୦ ମିରେ ସ୍ଥିର ରହିବାପାରେ ଧୀରେ ଧୀରେ ବନ୍ୟା ପାଣି ହ୍ରାସ ହେଉଛି । ଖବର ଲେଖାକୁ ରାଜଘାଟରେ ବନ୍ୟାପାଣି ଖସି ବିପଦ ସଂକେତ ଉପରେ ୧ ୦. ୪ ୮ ମି ଉର୍ଦ୍ଧ୍ୱରେ ବହୁଛି ।ସୁବର୍ଣ୍ଣରେଖା ଉପରମୁଣ୍ଡାରେ ବର୍ଷାର ପ୍ରକୋପ କମିଥିବାବେଳେ ଜଳାଧାରର ଗେଟ ଗୁଡ଼ିକ ବନ୍ଦ କରିଦିଆ ଯାଇଥିବାରୁ ବନ୍ୟାପାଣି ଖସୁଛି । ରାଜଘାଟରେ ବନ୍ୟାପାଣି (୯ ପୃଷ୍ଠାରେ)

## ବଡଚଣା, ଧର୍ମଶାଳାରେ ବଢୁଛି ଡାଇରିଆ

ଚଣ୍ଡିଖୋଲ, ୨୧।୬ (ସବ୍ୟୁ) : ଯାଜପୁର ଜିଲ୍ଲାର ବଡଚଣା ଓ ଧର୍ମଶାଳାରେ ଡାଇରିଆ ପ୍ରକୋପ ନିୟନ୍ତ୍ରଣକୁ ଆସୁଛି। ଅନ୍ୟ ଦିନ ତୁଳନାରେ ଶନିବାର ଦିନ ଏହିଦୁଇ ଅଞ୍ଚଳରେ ରୋଗୀଙ୍କ ସଂଖ୍ୟା କମ ହୋଇଥିବା ଜଣାପଡିଛି। ଏହିଦୁଇ ବ୍ଲକ ଅଞ୍ଚଳରେ ଶନିବାର ଦିନ ମୋଟ ୨୭ଜଣ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି। ସେଥି ମଧ୍ୟରୁ ବଡଚଣାରେ ୧୫ଜଣ ଓ ଧର୍ମଶାଳାରେ ୧୨ଜଣ ରୋଗୀ ରହିଥିବା ଦୁଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀମାନେ ସୂଚନା ଦେଇଛନ୍ତି।

ଏବେସୁଦ୍ଧା ଧର୍ମଶାଳା ଡାକ୍ତରଖାନାରେ ମୋଟ ୪୧ଜଣ ରୋଗୀ ଚିକିତ୍ସାଧୀନ ଥିବାବେଳେ ସମସ୍ତଙ୍କ ଅବସ୍ଥା ଭଲଥିବା

### ୨୭ ନୂଆ ରୋଗୀ ଚିହ୍ନଟ, ୪ ହୋଟେଲ ସିଲ୍

ଜଣାପଡିଛି। ତେବେ ବଡଚଣା ଅଞ୍ଚଳରେ ହୋଟେଲ ଓ ଜଳଖିଆ ଦୋକାନୀଙ୍କ ଖାମଖିଆଲି ମନୋଭାବ ବଢି ଚାଲିଥିବା ଦେଖାଯାଇଛି। ପ୍ରଶାସନର ବାରମ୍ବାର ତାଗିଦ ସତ୍ତ୍ୱେ ହୋଟେଲ ଓ ଜଳଖିଆ ଦୋକାନୀ ମାନେ ସରକାରୀ ନିର୍ଦ୍ଦେଶ ନାମାକୁ ବେଖାତିରକରି ଚାଲୁଥିବା ଦେଖାଯାଇଛି। ଯାହାକୁନେଇ ସାଧାରଣରେ ଚିନ୍ତାପ୍ରକଟ ହୋଇଛି। ଗତକାଲି ସୁଧା ଏପରି ଅମାନିଆ ସାଜିଥିବା ବଡଚଣା ଅଞ୍ଚଳର ୧୧ଟି ହୋଟେଲ ଓ (୯ ପୃଷ୍ଠାରେ)

## ପୂରିଲା ବର୍ଷେ : ଏଣିକି ପ୍ରଶ୍ନର ଉତ୍ତର ଲୋଡ଼ିବେ ଭୋଟର

**ଶାରଦା ଦେବତା**

ଭୁବନେଶ୍ୱର, ୨୧।୬ : ରାଜ୍ୟରେ ପ୍ରଥମ ଥର ଲାଗି ଗଠନ ହୋଇଥିବା ବିଜେପି ସରକାରର ବର୍ଷପୂର୍ତ୍ତି ସମାରୋହ ଶେଷ ହୋଇଯାଇଛି । ସିଧା ଭାଷାରେ କହିବାକୁ ଗଲେ ସରକାରକୁ ବର୍ଷେ ପୂରିଛି । ବର୍ଷପୂରାଣି ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ସରକାରଙ୍କୁ ମଧ୍ୟ ସାର୍ଟିଫିକେଟ ଦେଇଛନ୍ତି । ତେବେ ଏହି ବର୍ଷକ ମଧ୍ୟରେ ଲୋକଙ୍କ ଆଶା, ଆକାଂକ୍ଷା କେତେଦୂର ପୂରଣ ହୋଇଛି ତାହା ଏବେବି ଏକ ପ୍ରଶ୍ନବାଚୀ ହୋଇ ରହିଛି । ଏହା ନିଃସନ୍ଦେହ ଯେ ବର୍ଷକ ମଧ୍ୟରେ 'ଲୋକଙ୍କ ସରକାର, ଲୋକଙ୍କ ମୁଖ୍ୟମନ୍ତ୍ରୀ'ର ହଲମାର୍କ ଲାଗିବା ଏକରକମ ସ୍ପଷ୍ଟ ହୋଇଛି ।

ଓଡ଼ିଆ ଅସ୍ମିତା, ବିକାଶ ଆଦିର ଦୁହାଇ ଦେଇ ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାରେ ଏକ ବଡ ପରିବର୍ତ୍ତନ ହୋଇଥିଲା । ୨୦୨୪ର ରାଜନୈତିକ ପଟ୍ଟ ପରିବର୍ତ୍ତନ ନିଶ୍ଚିତ ଭାବେ ଇତିହାସରେ ସ୍ଥାନିତ ହୋଇ ରହିବ । ଓଡ଼ିଶା ରାଜନୈତିକ ଇତିହାସ ଲେଖିବାବେଳେ ଐତିହାସିକମାନେ ଏହାକୁ ବ୍ୟାଖ୍ୟାନ କରିବେ । ସରକାର ଗଠନ ହେବାପରେ ହଠାତ୍



ସରକାରଙ୍କ ଲାଗି ମାର୍ଗଦର୍ଶକ କରୁଥିବା ମଣ୍ଡଳୀ ଲୋକଙ୍କ ସରକାର ଓ ଲୋକଙ୍କ ମୁଖ୍ୟମନ୍ତ୍ରୀର ଟ୍ୟାଗ୍ ଆରମ୍ଭ କରିଥିଲେ । ଯଦିଓ ପୂର୍ବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ବିକାଶ ଲାଗି ଅନେକ କାର୍ଯ୍ୟ କରିଥିଲେ ତଥାପି ସାଧାରଣ ଲୋକଙ୍କ ସହ ସେ ମିଶିପାରୁନଥିଲେ । ଯେଉଁଭଳି ଭାବରେ ଏବେକାର ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କ ସହ ମିଶି କାର୍ଯ୍ୟ କରୁଛନ୍ତି ତାହା ୨୪ ବର୍ଷରେ ଦେଖିବାକୁ ମିଳିନଥିଲା । ହୁଏତ ପୂର୍ବ ସରକାରର ଏହି ଦୁର୍ବଳତାକୁ ଆୟୁଧ କରି ନିଜର ଏକ ନୂତନ ପରିଚୟ ସୃଷ୍ଟି କରିବା ପାଇଁ ବର୍ଷ ପ୍ରାରମ୍ଭରୁ ଯେଉଁ ଉଦ୍ୟମ ହୋଇଥିଲା ତାହା ସଫଳ ହୋଇଛି । ତେବେ ସରକାର ଆସିବା ପରେ ପୁଞ୍ଜି ବିନିଯୋଗର ଏକ ନୂଆ ସ୍ରୋତ ଖୋଲିଛି ବୋଲି କୁହାଯାଉଛି । ବର୍ଷକ ମଧ୍ୟରେ ଅନେକ ଉପଲବ୍ଧି ରହିଛି । ୬ ଥର ଲାଗି ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିଛନ୍ତି । ପ୍ରବାସୀ ଭାରତୀୟ ସମ୍ମିଳନୀ ସମେତ ସବୁ ରାଜ୍ୟର ଡିଜିପି ଓ ପୋଲିସ ଅଧିକାରୀଙ୍କ ସମ୍ମିଳନୀ ମଧ୍ୟ ଓଡ଼ିଶାରେ ହୋଇଛି । ଚାଷୀଙ୍କୁ ୮୦୦ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟରେ ବୋନସ ମିଳିଛି । ସୁଭଦ୍ରା ଯୋଜନା କାର୍ଯ୍ୟକାରୀ ହୋଇଛି । (୯ ପୃଷ୍ଠାରେ)

**ଓଡ଼ିଶା ସରକାର** T- 43

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆସନ୍ତା ସୋମବାର, ଇଂରାଜୀ ତା. 23/06/2025 ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
*ସାଧାରଣ ପ୍ରଶାସନ ଓ*
*ସାଧାରଣ ଅଭିଯୋଗ ବିଭାଗ*

OIPR : 09014/11/0151/2526



## ଆଜି ଶ୍ରାଦ୍ଧଦିବସ
# ଜ୍ଞାନ ତପସ୍ୱୀ ବିନୋଦ କାନୁନ୍‌ଗୋ

ଜନ୍ମ ମୃତ୍ୟୁର ବ୍ୟବଧାନ ହେଉଛି ଜୀବନ । କର୍ମ ହିଁ ମଣିଷକୁ କାଳଜୟୀ କରିଥାଏ । ସେହିଭଳି ଜଣେ କାଳଜୟୀ ମଣିଷ ହେଉଛନ୍ତି ଜ୍ଞାନମଣ୍ଡଳର ପ୍ରଣେତା ବିନୋଦ କାନୁନ୍‌ଗୋ । ୧୯୧୨ ମସିହା ଜୁନ ୬ ତାରିଖରେ କଟକ ଜିଲ୍ଲାର କିଶନନଗର ଥାନାର ମଲୀପୁର ଗ୍ରାମରେ ପିତା କେଶବ ଚନ୍ଦ୍ର କାନୁନଗୋ ଓ ମାତା ପୀର ଦେବୀଙ୍କ କୋଳ ମଣ୍ଡନ କରିଥିଲେ ବିନୋଦ । ୧୯୨୭ରେ ସେ ରାଣୀହାଟ ମାଇନର ସ୍କୁଲରୁ ବୃତ୍ତି ପାଇ ରେଭେନ୍ସା କଲିଜିଏଟ୍ ସ୍କୁଲରେ ପାଠପଢା ଆରମ୍ଭ କରିଥିଲେ, କିନ୍ତୁ ତାଙ୍କର ପାଠପଢା ବିଶେଷ ଆଗେଇ ପାରିନଥିଲା । କୁହାଯାଏ କଠିନ ପରିଶ୍ରମ କେବେ ବୃଥାଯାଏ ନାହିଁ । ନିରବଚ୍ଛିନ୍ନ ସାଧନା ସଫଳତା ଦେଇଥାଏ । ଏହାକୁ ଅକ୍ଷରେ ଅକ୍ଷରେ ନିଜ ଜୀବନରେ ପ୍ରତିଫଳିତ କରିଥିଲେ ବିନୋଦ କାନୁନଗୋ । ଏକଦା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ୧୯୧୮ ମସିହାରେ ଲେଖିଥିଲେ ଧନୀ ଓ ଜ୍ଞାନୀ ମାନଙ୍କର ସହଯୋଗିତା ନାହିଁ । ନିକଟ ଭବିଷ୍ୟତରେ ଇନ୍‌ସାଇକ୍ଲୋପିଡିଆ ଭଳିଆ ଗୋଟିଏ କାର୍ଯ୍ୟ ସ୍ୱପ୍ନରେ ସୁଧା ଓଡିଆ ଭାଷାରେ ଆଶା କରାଯାଇପାରେ କି? ଏହି ଆହ୍ୱାନ ଗ୍ରହଣ କରିଥିଲେ ବିନୋଦ କାନୁନଗୋ । କୌଣସି କାର୍ଯ୍ୟ ଆରମ୍ଭ କରି ଶେଷ କରିବା ପାଇଁ ଆବଶ୍ୟକ ପ୍ରତିଶ୍ରୁତିବଦ୍ଧତା । ତାହାକୁ ପ୍ରାଥେୟକରି ବିନୋଦ କାନୁନଗୋ ତାଙ୍କ ଲକ୍ଷ୍ୟ ପଥରେ ଆଗେଇ ଚାଲିଲେ । ସେ କହୁଥିଲେ ମୁଁ ମନୁଷ୍ୟ। ଅନ୍ୟପ୍ରାଣୀମାନଙ୍କ ତୁଳନାରେ ମୋର ଗୋଟିଏ ଉନ୍ନତ ମସ୍ତିଷ୍କ ଅଛି । ଆମର ଗୋଟିଏ ଉନ୍ନତ ଭାଷା ଅଛି । ଶେଷରେ ତାଙ୍କ ସ୍ୱପ୍ନର ଦିନ ସାକାର ହେଲା ଯେତେବେଳେ ୧୯୬୦ ମସିହାରେ ଜ୍ଞାନ ମଣ୍ଡଳର ପ୍ରଥମଭାଗ ପ୍ରକାଶ ପାଇଲା । ଯାହାର ପ୍ରଥମ ଖଣ୍ଡ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ ଉନ୍‌ମୋଚନ କରିଥିଲେ । ବିନୋଦ କାନୁନଗୋଙ୍କ ଏନସାଇକ୍ଲୋପିଡିଆ ବା ଜ୍ଞାନକୋଷକକୁ ତିନି ଶ୍ରେଣୀରେ ବିଭକ୍ତ କରାଯାଇଛି ।

ସୂଚନାଯୋଗ୍ୟ ଯେ, ବିନୋଦ କାନୁନଗୋ ଜଣେ ଉଚ୍ଚମାନର ଶିଶୁ ସାହିତ୍ୟିକ ଥିଲେ । ତାଙ୍କର ସୃଜନଶୀଳତାର ଚଉହଦୀ ବେଶ୍ ପରିବ୍ୟାପ୍ତ ଥିଲା । ଶିଶୁ କିଶୋରମାନଙ୍କ ପାଇଁ ସେ ଅନେକ ପୁସ୍ତକ ଲେଖିଛନ୍ତି । ଋଣ ପରିଷୋଧ, ଛାତିକି ପଥର କରି, ବିଜ୍ଞାନ ପୁସ୍ତକ, ପବନ ଇତ୍ୟାଦି ଅନେକ ପୁସ୍ତକ ସେ ରଚନା କରିଛନ୍ତି । ଋଣପରିଶୋଧ ପାଇଁ ଓଡିଆ ସାହିତ୍ୟ ଏକାଡେମୀ ପୁରସ୍କାର ସେ ପାଇଥିଲେ । ସ୍ୱାଧୀନତା ପୂର୍ବରୁ ୧୯୩୦ ଏପ୍ରିଲ ୧୦ ତାରିଖରେ ଗାନ୍ଧିଜୀଙ୍କ ଡାକରାରେ ପାଠ ଛାଡି ଦେଇ ସେ ଲବଣ ସତ୍ୟାଗ୍ରହରେ ଯୋଗଦେଲେ ଓ ନଭେମ୍ବର ୧୫ରେ ଜେଲ ଯାଇଥିଲେ । ୧୯୫୪ ମସିହା ଜାନୁଆରୀ ପହିଲା ଦିନ ମାତ୍ର ଗୋଟିଏ ଟଙ୍କା ଧରି ଗାଁ ରୁ କଟକ ଚାଲି ଆସିଲେ ଓ ସେହିଦିନ ହିଁ ଜ୍ଞାନମଣ୍ଡଳ ପ୍ରଣୟନ ଲାଗି ଦୀର୍ଘ ତପସ୍ୟା ଓ ସାଧନା ଆରମ୍ଭ କଲେ ।

ଏହି ପ୍ରତିଭାଧର ମଣିଷଙ୍କ ଦେହାବସାନ ହେଲା ୧୯୯୦ ମସିହା ଜୁନ ୨୨ ତାରିଖରେ । ତାଙ୍କ ବିୟୋଗରେ ଏକ ଯୁଗର ଅବସାନ ହେଲା । ବିନୋଦ କାନୁନଗୋଙ୍କ ଜ୍ଞାନ ମଣ୍ଡଳ ଯେ ପର୍ଯ୍ୟନ୍ତ ରହିଛି ସେ ପର୍ଯ୍ୟନ୍ତ ଏହି ଜ୍ଞାନ ତପସ୍ୱୀ ଆମ ନିକଟରେ ଚିରସ୍ମରଣୀୟ ହେଇ ରହିଥିବେ ।

ହିମାଂଶୁ ଶେଖର ଆଚାର୍ଯ୍ୟ, ମୋ–୯୩୩୭୨୨୧୯୨୪

## ଇତିହାସ

୧୯୩୨– ଭାରତୀୟ ସିନେମାର ପ୍ରସିଦ୍ଧ ଅଭିନେତା ଅମରେଶ ପୁରୀଙ୍କ ଜନ୍ମ ।

୧୯୩୯– ନେତାଜୀ ସୁବାଷ ଚନ୍ଦ୍ର ବୋଷ କଂଗ୍ରେସ୍‌ରୁ ଅଲଗା ହୋଇ ଫର୍‌ୱାର୍ଡ ବ୍ଲକ୍‌ର ସ୍ଥାପନା କଲେ ।

୧୯୪୧– ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀ ସୋଭିଏତ ଋଷ ଉପରେ ଆକ୍ରମଣ କଲା ।

୧୯୪୬– ଲଣ୍ଡନର ଲର୍ଡସ୍ କ୍ରିକେଟ୍ ମଇଦାନରେ ଇଂଲଣ୍ଡ ଓ ଭାରତ ମଧ୍ୟରେ ପ୍ରଥମ କ୍ରିକେଟ୍ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେଲା ।

୧୯୫୭– ସୋଭିଏତ ଋଷ ପ୍ରଥମ ଥର ପାଇଁ ଆର୍–୧୨ ମିସାଇଲ୍‌ର ପ୍ରକ୍ଷେପଣ କଲା ।

୨୦୦୨– ଇରାନ୍‌ରେ ଭୂକମ୍ପ ଆସି ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ।

୨୦୦୭– ମହାକାଶଚାରୀ ସୁନିତା ୱିଲିୟମ୍ସ ନିଜ ଦଳ ସହିତ ଭାରତ ଫେରିଲେ ।

୨୦୦୮– ସଇଦ୍ ଫକୀର ହୁସୈନ ବାଳାଶ୍ରମର କେନ୍ଦ୍ରୀୟ ପରାମର୍ଶଦାତା ବୋର୍ଡର ଉପାଧ୍ୟକ୍ଷ ରୂପେ ନିଯୁକ୍ତି ନେଲେ ।

୨୦୦୯– ଏକବିଂଶ ଶତାବ୍ଦୀର ସବୁଠୁ ଦୀର୍ଘତମ ସୂର୍ଯ୍ୟଗ୍ରହଣ ଭାରତରେ ଦେଖାଦେଲା ।

୨୦୧୪– ଭାରତୀୟ ନିର୍ଦ୍ଦେଶକ ତଥା ନିର୍ମାତା ରାମ ନାରାୟଣଙ୍କ ପରଲୋକ ।

୨୦୧୬– ମହାକାଶରେ ଇସ୍ରୋ ପକ୍ଷରୁ ୨୦ଟି ଉପଗ୍ରହ ଲଞ୍ଚ୍ କରାଗଲା, ଯାହା ଇତିହାସରେ ସବୁଠୁ ବଡ ଘଟଣା ।

# ତାପମାତ୍ରା ସହ ଶରୀରର ସମ୍ପର୍କ

ଅନେକ ସମୟରେ ଦେଖିବାକୁ ମିଳେ ଅଧିକ ଖରା କାରଣରୁ ଲୋକମାନେ ଅଂଶୁଘାତର ଶିକାର ହୋଇଥାଆନ୍ତି, ଯେଉଁକାରଣରୁ ସେମାନେ ଚେତାଶୂନ୍ୟ ହୋଇ ଯାଆନ୍ତି । ତେବେ ଯେତେବେଳେ ବାହାରର ତାପମାତ୍ରା ଖୁବ ଅଧିକ ବଢିଥାଏ ସେହି ସମୟରେ ଶରୀରର ପ୍ରାକୃତିକ ଥଣ୍ଡା କରିବାର ଶକ୍ତି ବିଫଳ ହୋଇଯାଏ । ଯେଉଁ କାରଣରୁ ବ୍ୟକ୍ତିମାନେ ଚେତାଶୂନ୍ୟ ହେବା ଦେଖିବାକୁ ମିଳିଥାଏ । ତେବେ ସୂଚନା ଅନୁସାରେ ଯଦି ବାହାରର ତାପମାତ୍ରା ୫୦ ଡିଗ୍ରୀ ଛୁଇଁଥାଏ ତେବେ ଶରୀରର ପ୍ରାକୃତିକ ଉପାୟରେ ଆଉ ଥଣ୍ଡା କରିପାରିନଥାଏ । ଯାହା ଫଳରେ ଅଂଶୁଘାତ ଭଳି ସମସ୍ୟା ଉପୁଜିଥାଏ । ତେଣୁ ଯଦି ଆପଣ ଯେଉଁ ଅଞ୍ଚଳରେ ରହୁଛନ୍ତି ସେଠିକାର ତାପମାତ୍ରା ୫୦ ଡିଗ୍ରୀ ଛୁଉଁଛି ତେବେ ଥଣ୍ଡା ସ୍ଥାନରେ ରହିବାକୁ ଚେଷ୍ଟା କରନ୍ତୁ । ହିଟ୍‌ଷ୍ଟ୍ରୋକ ଆମ ଶରୀର ପାଇଁ ଖୁବ ଖରାପ ହୋଇଥାଏ । ଏହାର ସିଧା ପ୍ରଭାବ ଆମ ମସ୍ତିଷ୍କ ଉପରେ ପଡିଥାଏ । ତେଣୁ ଖରାଦିନେ ସବୁବେଳେ ଥଣ୍ଡା କିମ୍ବା ଛାଇରେ ରହିବାକୁ ଚେଷ୍ଟା କରନ୍ତୁ ।



## ସୋସିଆଲ କୋଟ୍ସ



"ପିଲାଦିନ ଖୁବ କଷ୍ଟରେ କଟିଛି । ପିଲାଦିନେ ମୋର ପାଟି ଲାଗୁଥିଲା ଏହା ସହିତ ସବୁବେଳେ ଡରି ଡରି ରହୁଥିଲି ।

ବୋମନ ଇରାନୀ, ଅଭିନେତା



"ଡେଭିଡ୍ ଧବନ ମୋ ପାଇଁ ଜଣେ ଡମି ନିର୍ଦ୍ଦେଶକ ଥିଲେ । ମୋ ବିରୋଧରେ ଗୋବିନ୍ଦାଙ୍କୁ ଡେଭିଡ୍ ଧବନ ହିଁ କହିଥିଲେ, ଯାହା ଆମ ସମ୍ପର୍କରେ ପ୍ରଭାବ ପକାଇଥିଲା ।

ପହଲାଜ ନିହଲାନୀ, ଫିଲ୍ମମେକର



"ସୁସ୍ଥ ରହିବାରେ ଯୋଗ ଖୁବ ସହାୟତା କରିଥାଏ । ଯୋଗ କରିବା ଫଳରେ ଆମେ ସାରା ଦିନ ଆକ୍ଟିଭ ରହିପାରିବା । ମୁଁ ଯୋଗ ଉପରେ ଖୁବ ନିର୍ଭର କରେ ।

ମଲାଇକା ଅରୋରା, ଅଭିନେତ୍ରୀ

# କାଜୋଲ କରିଥିଲେ ବିରକ୍ତି



କାଜୋଲ ଓ ଶାହରୁଖ ଖାନ୍‌ଙ୍କର ଅନେକ କାହାଣୀ ସବୁବେଳେ ସୋସିଆଲ ମିଡିଆରେ ଚର୍ଚ୍ଚାରେ ରହିଥାଏ । ଉଭୟଙ୍କର ବନ୍ଧୁତା ଖୁବ ଗଭୀର ହୋଇଥିବାରୁ ସେମାନଙ୍କ ଭିତରେ ବିଭିନ୍ନ ପ୍ରକାର ମଜାଳିଆ ଘଟଣା ଘଟିଥାଏ । ନିକଟରେ ସେହିଭଳି ଏକ ଘଟଣା କାଜୋଲ ମିଡିଆ ଆଗରେ ବର୍ଣ୍ଣନା କରିଛନ୍ତି । କାଜୋଲ ଦେଇଥିବା ଏକ ଷ୍ଟେଟମେଣ୍ଟରେ ବାଜିଗର ସୁଟିଂ ବିଷୟରେ ବର୍ଣ୍ଣନା କରିଛନ୍ତି । ସୁଟିଂ ସମୟରେ ଗୋଟିଏ ଦିନ ଶାହରୁଖ କାହା ସହିତ କିଛି କଥା ହେଉନଥିଲେ, ଯାହା କାଜୋଲଙ୍କୁ ଖୁବ ଖରାପ ଲାଗିଥିଲା । ଏପରିକି ସେ ଶାହରୁଖଙ୍କ ପାଖକୁ ଯାଇ ଏ ବିଷୟରେ କହିଥିଲେ । ସେ ଅନ୍ୟମାନଙ୍କୁ ଶାହରୁଖ ଖଡୁସ ବୋଲି କହିଥିଲେ । ସେହିଭଳି ଶାହରୁଖ ମଧ୍ୟ ସେତେବେଳେ କାଜୋଲଙ୍କ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ତାଙ୍କୁ ଚୁପ ରହିବାକୁ ନିବେଦନ କରିଥିଲେ । ଏପରିକି ସେଟ୍‌ରେ କିଛି ଲୋକଙ୍କୁ କହିଥିଲେ କାଜୋଲଙ୍କୁ ଚୁପ କରାଇବା ପାଇଁ । ନବେଦଶକର ହିଟ୍ ଯୋଡି ହେଲେ କାଜୋଲ ଓ ଶାହରୁଖ । ଉଭୟଙ୍କୁ ଅନେକ ସିନେମାରେ ଏକାଠି ଦେଖିବାକୁ ମିଳିଛି । ଉଭୟଙ୍କ ଫ୍ୟାନ ଫଲୋଇଂ ଆଜି ବି ରହିଛି, ଆଜି ବି ଲୋକ ଏମାନଙ୍କ ଅନ୍‌ସ୍କ୍ରିନ୍ କେମେଷ୍ଟ୍ରୀ ଦେଖିବାକୁ ଅପେକ୍ଷା କରି ରହିଥାଆନ୍ତି ।

# ଘାତକ ଜୀବାଣୁ

ବର୍ତ୍ତମାନ ଆମେରିକାର ଏକ ଘାତକ ଫଙ୍ଗସ ବା କବକ ବ୍ୟାପିବାରେ ଲାଗିଛି, ଯେଉଁ କାରଣରୁ ସେଠିକାର ଲୋକମାନେ ବିଭିନ୍ନ ସମସ୍ୟା ଭୋଗୁଥିବା ଦେଖିବାକୁ ମିଳୁଛି । ଏହି ଫଙ୍ଗସର ବୈଜ୍ଞାନିକ ନାଁ ରହିଛି ଆସ୍ପରଜିଲସ୍ ଫୁମିଗାଟସ୍ । ଏହି ଫଙ୍ଗସଟି ଶରୀର ଭିତରକୁ ଯିବାପରେ ଭିତରୁ ଆମ ଟିସୁକୁ ନଷ୍ଟ କରିଦେଉଛି । ଏହି ଘାତକ କବକଟି ବାୟୁ ସାହାଯ୍ୟରେ ଚାରିଆଡେ ବ୍ୟାପିବାରେ ଲାଗିଛି, ଯେଉଁ କାରଣରୁ ଏହା ଖୁବ ଅଧିକ ବେଗରେ ବଢିବାରେ ଲାଗିଛି । ସେହିଭଳି ଏହି ଫଙ୍ଗସ୍ ମାଟି, ଘରର ଧୂଳି କିମ୍ବା ମରିଯାଇଥିବା ଗଛରେ ରହିଥାଏ । ତେବେ କିଛି ବ୍ୟକ୍ତିଙ୍କ ରୋଗପ୍ରତିରୋଧକ ଶକ୍ତି ଏହାକୁ ନଷ୍ଟ କରିବାରେ ସଫଳ ହୋଇଥାଏ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି । ଏଥିରୁ ବଞ୍ଚିବାପାଇଁ ସମସ୍ତଙ୍କୁ ଧୂଳି ମାଟିରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି । ସେହିଭଳି ଲକ୍ଷଣ ଦେଖିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ ମଧ୍ୟ ପରାମର୍ଶ ଦିଆଯାଇଛି ।





# ମଙ୍ଗଳରେ ଛତୁ

ନାସାର ଏକ ପୁରୁଣା ଫଟୋ ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ଏହି ଫଟୋରେ ଥିବା ଏକ ପଦାର୍ଥ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଲାଗିଛି । ୨୦୧୩ରେ ଉଠାଯାଇଥିବା ଏହି ଫଟୋରେ ଛତୁ ଭଳି କିଛି ପଦାର୍ଥର ଛବି ଦେଖିବାକୁ ମିଳିଛି । ଯାହାକୁ ଇଣ୍ଟରନେଟ୍‌ରେ ୟୁଜର୍ସମାନେ ଛତୁ ବୋଲି ଆକଳନ କରୁଛନ୍ତି । ତେବେ ଏନେଇ କୌଣସି ସ୍ପେସ୍ ଏଜେନ୍ସିର ପ୍ରତିକ୍ରିୟା ମିଳି ନାହିଁ । ସୋସିଆଲ ମିଡିଆରେ ଜଣେ ୟୁଜର୍ସ ଏହି ଫଟୋ ପୋଷ୍ଟ କରିବା ପରେ ଏହା ଭାଇରାଲ ହେବାରେ ଲାଗିଛି । ଯଦି ଏହା ସତ ଛତୁର ଫଟୋ ହୋଇଥାଏ ତେବେ ମଙ୍ଗଳରେ ଜୀବନ ନେଇ ବୈଜ୍ଞାନିକଙ୍କୁ ଏକ ବଡ ସୁରାକ ମିଳିବ ବୋଲି ୟୁଜର୍ସମାନେ ମତ ଦେଇଛନ୍ତି । ସେହିଭଳି କିଛି ୟୁଜର୍ସ ଏହା ଉପରେ ବୈଜ୍ଞାନିକଙ୍କୁ ଦୃଷ୍ଟି ଦେବାକୁ ଅନୁରୋଧ କରୁଥିବା ମଧ୍ୟ ଦେଖିବାକୁ ମିଳିଛି ।

## ହାହାଃ..ହାହାଃ..



ବାପା – ତୁ ବଡ ହେଲେ କଣ ହେବୁ ?
ଗୁଲୁ – ମୁଁ ବଡ ହେଲେ ଡାକ୍ତର ହେବି ।
ବାପା (ଖୁସି ହୋଇ) – ବା ଭଲ କଥା । ତେବେ ତୁ କଣ ପାଇଁ ଡାକ୍ତର ହେବୁ ?
ଗୁଲୁ – ମୋର ହ୍ୟାଣ୍ଡରାଇଟିଂ ଭଲ ନୁହେଁ ତେଣୁ ସାର ମୋତେ କହୁଛନ୍ତି ତୁ ସବୁ ଭୁଲ ଲେଖୁଛୁ । ସେହିଭଳି ଡାକ୍ତରଙ୍କ ହ୍ୟାଣ୍ଡରାଇଟିଂ ମଧ୍ୟ କେହି ବୁଝି ପାରନ୍ତି ନାହିଁ ।






ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୫ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

### କଳିଙ୍ଗ ଷ୍ଟାଡିୟମରେ ଅନ୍ତର୍ଜାତୀୟ ଯୋଗ ଦିବସ

# ସ୍କୁଲ, ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସାମିଲ ହେବ ଯୋଗ

■ ଶାରୀରିକ ବ୍ୟାୟମଠୁ ଯୋଗର ସ୍ଥାନ ବହୁତ ଉଚ୍ଚରେ

■ ୧୫ହଜାର ଜନସାଧାରଣ କଲେ ଯୋଗାଭ୍ୟାସ

ଭୁବନେଶ୍ୱର(ସବ୍ୟୁ): ଯୋଗ କେବଳ ଏକ ବ୍ୟାୟମ କିମ୍ବା ଯୋଗକୁ କିଛି ଆସନ ମଧ୍ୟରେ ସୀମିତ ରଖିବା ଉଚିତ ନୁହେଁ । ଶାରୀରିକ ବ୍ୟାୟମ ଠାରୁ ଏହାର ସ୍ଥାନ ବହୁତ ଉଚ୍ଚରେ । ଯୋଗ ହେଉଛି ଶାରୀରିକ, ବୌଦ୍ଧିକ, ମାନସିକ ଓ ଆଧ୍ୟାତ୍ମିକତାର ଏକ ଅପୂର୍ବ ସଙ୍ଗମ । ଭାରତୀୟ ସଂସ୍କୃତି ଏବଂ ଯୋଗୀ ପରମ୍ପରାରୁ ସୃଷ୍ଟି ହୋଇଥିଲେ ମଧ୍ୟ ଏହା କୌଣସି ନିର୍ଦ୍ଦିଷ୍ଟ ଧର୍ମ ସହିତ ଜଡିତ ନୁହେଁ । ଯୋଗ ଆଜି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ଦ୍ୱାରା ଆଦୃତ ହୋଇପାରିଛି । ବିଦ୍ୟାଳୟ ଏବଂ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଯୋଗ ଅନ୍ତର୍ଭୁକ୍ତ କରିବାକୁ ମଧ୍ୟ ପଦକ୍ଷେପ ନେଉଛୁ । ଆମର ଲକ୍ଷ୍ୟ ହେଉଛି ଏକ ସୁସ୍ଥ, ଆତ୍ମନିର୍ଭରଶୀଳ, ଦକ୍ଷ ତଥା ସଶକ୍ତ ଓଡ଼ିଶା ଗଠନ କରିବା । ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି ।



କଳିଙ୍ଗ ଷ୍ଟାଡିୟମ ଠାରେ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଯୋଗ ସମାରୋହରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମବେତ ଯୋଗାଭ୍ୟାସ କରିଥିଲେ । ଏହି ଅବସରରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାଇଜାଗ ଠାରୁ ଦେଶବାସୀଙ୍କୁ ସମ୍ବୋଧନ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ, ଭାରତୀୟ ସଂସ୍କୃତି ଏବଂ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେଉଛି "ଯୋଗ' । ଯାହା କେବଳ ଦେଶ ଭିତରେ ସୀମିତ ହୋଇ ରହିଥିଲା । କିନ୍ତୁ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ୨୦୧୪ ମେ'ରେ ଦାୟିତ୍ୱ ଗ୍ରହଣ କରିବାର ମାତ୍ର ୬ ମାସରେ ଯୋଗକୁ ସାରା ବିଶ୍ୱରେ ପରିଚିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଥିଲେ । ଫଳରେ ଜାତିସଂଘ ପ୍ରତିବର୍ଷ ଜୁନ ୨୧ ତାରିଖକୁ "ଆନ୍ତର୍ଜାତୀୟ ଯୋଗ ଦିବସ' ଭାବେ ପାଳନ କରିବା ପାଇଁ ପ୍ରସ୍ତାବ ପାରିତ କରିଥିଲା । ଆଜି ପୃଥିବୀର ପ୍ରାୟ ସବୁ ଦେଶରେ ଲୋକେ ଆଗ୍ରହ ଏବଂ ଉତ୍ସାହର ସହିତ ଏହାକୁ ପାଳନ କରୁଛନ୍ତି ।

ଚଳିତ ବର୍ଷ ପାଳନ ହେଉଥିବା ଅନ୍ତର୍ଜାତୀୟ ଯୋଗ ଦିବସର ଶୀର୍ଷକ ହେଉଛି, "ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ଯାହା ବ୍ୟକ୍ତିଗତ କଲ୍ୟାଣ ଓ ପୃଥିବୀର ସ୍ୱାସ୍ଥ୍ୟ ମଧ୍ୟରେ ଥିବା ଗଭୀର ସମ୍ପର୍କକୁ ଉଜାଗର କରେ । ଓଡ଼ିଶାରେ ଆମେ ଯୋଗକୁ ସମସ୍ତଙ୍କ ପାଇଁ ଉପଲବ୍ଧ କରୁଛୁ । ଆମର ସ୍କୁଲ, କଲେଜ, ଛାତ୍ରାବାସ ଏବଂ କ୍ରୀଡା କେନ୍ଦ୍ର ମାଧ୍ୟମରେ ଆମେ କର୍ମଶାଳା ଆୟୋଜନ କରୁଛୁ ଏବଂ ସଚେତନତା ସୃଷ୍ଟି କରୁଛୁ । ରାଜ୍ୟର ସମସ୍ତ ଜିଲ୍ଲାରେ ଯୋଗ ଅଧିବେଶନ ଅନୁଷ୍ଠିତ ହେଉଛି । ସହରାଞ୍ଚଳ ହେଉ କି ଗ୍ରାମାଞ୍ଚଳ ହଜାର ହଜାର ଲୋକ ଯୋଗ ପାଳନ କରିବାକୁ ଏକାଠି ହେଉଛନ୍ତି । କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏହି ରାଜ୍ୟ ସ୍ତରୀୟ ଯୋଗ ଶିବିରରେ ପ୍ରାୟ ୧୫ ହଜାର ଜନସାଧାରଣଙ୍କ ସମେତ ରାଜ୍ୟର ମନ୍ତ୍ରୀ, ସାଂସଦ, ବିଧାୟକ ଓ ବରିଷ୍ଠ ଅଧିକାରୀମାନେ ସାମିଲ ହେବା ସହିତ ଯୋଗାଭ୍ୟାସ କରିଥିଲେ । ଏହି ଅବସରରେ ସଂସ୍କୃତି ବିଭାଗ ପକ୍ଷରୁ ପାରମ୍ପରିକ ଗୋଟିପୁଅ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା ।

## ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟରେ ଯୋଗ



ଭୁବନେଶ୍ୱର (ସବ୍ୟୁ): ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଏକ ବିଶେଷ ଯୋଗ ଶିବିର ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୧୦୦ ରୁ ଅଧିକ ଲୋକ ସ୍ୱେଚ୍ଛାକୃତ ଭାବେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ଉଦ୍‌ଘାଟନ ଉପାଧ୍ୟକ୍ଷା ଡ଼ା. ବନ୍ଦିନ୍ତା ରାଣୀ ମିଶ୍ର କରିଥିଲେ ଓ ଏହାକୁ ହସ୍ପିଟାଲ ଇନଚାର୍ଜ ଡା ଚିତ୍ତରଞ୍ଜନ ବେହେରା ପରିଚାଳନା କରିଥିଲେ। ଯୋଗ ଶିବିରରେ ଡ଼ା. ଔରୋବିନ୍ଦୋ କୁମାର ସାହୁ, ଡ଼ା. ସ୍ତିଥି ସୃଜନୀ ମିଶ୍ର, ଡ଼ା. ପ୍ରିୟଙ୍କା ଗିରି, ଡ଼ା. ଗାୟତ୍ରୀ ସନ୍ଧିବିଗ୍ର, ଡ଼ା. ସସ୍ମିତା କୁମାରୀ ଦାସ ଏବଂ ଯୋଗ ପ୍ରଶିକ୍ଷିକା ନିଳୀମା ପଲ୍ ଉପସ୍ଥିତ ଥିଲେ। ବିଭିନ୍ନ ଯୋଗ ଆସନ, ପ୍ରାଣାୟାମ ଓ ଧ୍ୟାନ ଅଭ୍ୟାସ କରାଇଥିଲେ। ଏହି ଉଦ୍ୟମ ମାନବ ସମୁଦାୟ ମଧ୍ୟରେ ସ୍ୱାସ୍ଥ୍ୟ ଓ ଯୋଗ ପ୍ରତି ଆଗ୍ରହ ବୃଦ୍ଧି କରିଛି।

## ସିପେଟ୍: ସିଏସ୍‌ଟିଏସ୍ ର ଆନ୍ତର୍ଜାତିକ ଯୋଗ ଦିବସ

ଭୁବନେଶ୍ୱର, (ସବ୍ୟୁ): ମଞ୍ଚେଶ୍ୱର ସ୍ଥିତ ସିପେଟ୍: ସିଏସ୍‌ଟିଏସ୍ ରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ସିପେଟର ମୁଖ୍ୟ ତଥା ଡାଇରେକ୍ଟର୍ ବିପି ପାତ୍ର ଯୋଗା ପାଇଁ "ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ନାରାରେ ଯୁବବର୍ଗଙ୍କୁ ସାମିଲ୍ ହେବା ପାଇଁ ଆହ୍ୱାନ କରିବା ସହ ଯୋଗର ଉପକାରିତା ଉପରେ ଆଲୋକପାତ କରିଥିଲେ। ଛାତ୍ର ଛାତ୍ରୀମାନେ ଯୋଗଦ୍ୱାରା କିପରି ଏକାଗ୍ରତା ବଢାଇବା ସହ ସନ୍ତୁଳିତ ଜୀବନ ଶୈଳୀକୁ ଆପଣେଇ ପାରିବେ ସେ ବିଷୟରେ ଅବଗତ କରାଇଥିଲା। ଯୋଗ ପ୍ରଶିକ୍ଷକ ରଞ୍ଜନ କୁମାର ପାତ୍ର ଯୋଗ ଶିକ୍ଷା ପ୍ରଦାନ କରିବା ସହିତ ଏକ ନିରୋଗ ସ୍ୱାସ୍ଥ୍ୟ ପାଇଁ ଯୋଗର ଭୂମିକା ମହତ୍ୱପୂର୍ଣ୍ଣ ବୋଲି କହିଥିଲେ। ସିପେଟର ପ୍ରଶାସନିକ ଅଧିକାରୀ ଜୟନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ମଞ୍ଚେଶ୍ୱରସ୍ଥିତ ଶାଖା ଅଧୀନସ୍ଥ ପାରାଦ୍ୱୀପ ଓ ରାଉରକେଲା ସିପେଟରେ ମଧ୍ୟ ଆନୁରୂପ ଭାବରେ ଯୋଗ ଦିବସ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ଏବଂ ଯୋଗ ପାଇଁ ବୟସ ବାଧକ ନୁହେଁ ବୋଲି ଶ୍ରୀ ଦାସ୍ ଆଲୋଚନା କରିଥିଲେ । କେବଳ ସେତିକି ନୁହେଁ , ଗତ ତିନିଦିନ ଧରି ଯୋଗ ଶିକ୍ଷାର ମହତ୍ୱକୁ ଅବଗତ କରିବା ପାଇଁ ସିପେଟରେ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ ଆଦି ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇ ଥିଲା। ଜନ ସଚେତନତା ପାଇଁ ସିପେଟର ଛାତ୍ର ଛାତ୍ରୀ ଓ ଏହାର ଶିକ୍ଷକବୃନ୍ଦ ମଞ୍ଚେଶ୍ୱର ଅଂଚଳରେ ଏକ ଶୋଭାଯାତ୍ରାର ଆୟୋଜନ ମଧ୍ୟ କରିଥିଲେ।



## ଭାରତୀୟ ଯୋଗ ସଂସ୍ଥାନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ

ଭୁବନେଶ୍ୱର, (ସବ୍ୟୁ) : ବିଶ୍ୱ ଯୋଗ ଦିବସ ଅବସରରେ ଭାରତୀୟ ଯୋଗ ସଂସ୍ଥାନ ଓ ଭାରତ ପେଟ୍ରୋଲିୟମ୍‌ର ମିଳିତ ସହଯୋଗରେ ଭୁବନେଶ୍ୱର ସହିଦ୍‌ନଗର ସ୍ଥିତ ଇମଫା ପାର୍କଠାରେ ସ୍ୱତନ୍ତ୍ର ଯୋଗ ଶିବିର ଆୟୋଜିତ କରାଯାଇଛି । ଯୋଗ କେବଳ ଏକ ଶାରିରୀକ ବ୍ୟାୟାମ ନୁହେଁ ବରଂ ଶରୀରକୁ ନୂତନ ଶକ୍ତି ଯୋଗାଇବା ସହ ଶରୀରକୁ ଫିଟ୍ ରଖିଥାଏ । ସାମ୍ପ୍ରତିକ ଚାପଗ୍ରସ୍ତ ଦୁନିଆରେ ଯୋଗର ମହତ୍ୱ ବେଶ୍ ପ୍ରାସଙ୍ଗିକତା ରହିଛି । ଭାରତର ପ୍ରାଚୀନ ସଂସ୍କୃତିରୁ ଆସିଥିବା ଏହି ଯୋଗ ପରମ୍ପରାକୁ ବିଶ୍ୱ ସ୍ତରରେ ଆପଣା ଯିବା ଉଚିତ୍ । ଯୋଗ ଦ୍ୱାରା ଦେହ ସୁସ୍ଥ ରହିବା ସହ ଆୟୁଷ ଓ ବଳବୃଦ୍ଧି ପାଇଥାଏ ବୋଲି ଭାରତୀୟ ଯୋଗ ସଂସ୍ଥାନ, ଇମ୍ଫା ପାର୍କ ମୁଖ୍ୟ ଶ୍ରୀ ପ୍ରଦୀପ ପ୍ରଧାନ ମତପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭାରତୀୟ ଯୋଗସଂସ୍ଥାନର ସଦସ୍ୟ ନମିତା ପାଲି, ଜ୍ୟୋତିର୍ମୟୀ, ସନ୍ତୋଷ ଜୀ,କନ୍ଦର୍ପ ଜୀଙ୍କ ସମେତ ସ୍ୱର୍ଣ୍ଣ ହସ୍ପିଟାଲ୍ର ଡାକ୍ତର, ବିପିସିଏଲ୍ ର ଓଡ଼ିଶା ଅଞ୍ଚଳ ମୁଖ୍ୟ ଜନ୍ମଜିତ୍ ଦାସ୍,ବିକ୍ରୟମୁଖ୍ୟ ସୌମ୍ୟିକ୍ ଦାସ୍, ବ୍ରହ୍ମକୁମାରୀ ରାଜଯୋଗ ର ଗୀତା ଜୀ ଓ ଅନ୍ୟ ଭଉଣୀ ପ୍ରମୁଖ ଉପସ୍ଥିତ ରହି ଯୋଗ ଅଭ୍ୟାସ କରିବା ସହ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିଥିଲେ ।



## ନମାମି ଯୋଗ ଏକାଡେମୀ ପକ୍ଷରୁ ମନୋଗ୍ରାହୀ ଯୋଗ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ): ଆନ୍ତର୍ଜାତିକ ଯୋଗ ଦିବସ ୨୦୨୫ ପାଳନ ଅବସରରେ ନମାମି ଯୋଗ ଏକାଡେମୀ ପକ୍ଷରୁ ଏହାର ପ୍ରତିଷ୍ଠାତା କାଜଲ ଶତପଥୀଙ୍କ ନେତୃତ୍ୱରେ ମାଷ୍ଟର ରୁଦ୍ରଙ୍କ ଉପସ୍ଥିତିରେ ଏକ ଅତ୍ୟାଧୁନିକ ଓ ମନୋଗ୍ରାହୀ ଯୋଗ ଉତ୍ସବ ଭୁବନେଶ୍ୱରସ୍ଥିତ ହୋଟେଲ ନିଉ ମାରିଅନରେ ଆୟୋଜିତ ହୋଇଯାଇଛି। ଏଥିରେ ପ୍ରାଚୀନ ଯୋଗର ଦୃଷ୍ଟିକୋଣ ସହିତ ଆଧୁନିକ ଯୋଗ ପ୍ରକ୍ରିୟାର ବିକାଶ ଯଥା ଏରିଏଲ୍ ଯୋଗ ଓ ଆଧ୍ୟାତ୍ମିକ ଶିକ୍ଷା ଉପରେ ଆଲୋକପାତ କରାଯାଇଥିଲା । ଏହି ଅବସରରେ ଚଳିତ ଥରର ଥିମ୍ ଏକ ବିଶ୍ୱ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗକୁ ଗୁରୁତ୍ୱ ଦିଆଯାଇଛି।

ଏରିଏଲ୍ ଯୋଗ, ଯାହା ଶରୀରକୁ ବୈଶ୍ୱିକ ରୂପେ ଶକ୍ତିଶାଳୀ କରିବା ପାଇଁ ସୂତ୍ର ରୂପେ ଜାଲ ଅଥବା ହ୍ୟାମକ୍ ଉପଯୋଗ କରାଯାଏ। ସେଥିରେ ଜଣେ ଅଭ୍ୟାସକାରୀ ଭୂମି ରହିତ ଗୁରୁତ୍ୱ ତ୍ୟାଗ କରି ଶରୀର ଓ ମନ ମଧ୍ୟରେ ସମନ୍ୱୟ ବାଏ। ଏହି ପ୍ରକାର ଅଭ୍ୟାସ କେବଳ ଶକ୍ତି ବଢ଼ାଇ ନ ଥାଏ, ମନୋ ସମାଧାନ, ଦଘ୍ୟ ଓ ସୃଜନାତ୍ମକତାରେ ବିବୃଦ୍ଧି କରିଥାଏ। ଏକାଡେମୀ ପକ୍ଷରୁ ଅଧିକ ଗତିଶୀଳ ଯୋଗ ଅଭ୍ୟାସ ସେପରିକି କୁଣ୍ଡାଳିନୀ ଯୋଗ, ଅନ୍ତଃ ଧ୍ୟାନ, ଓ ନାଡୀ ଶୋଧନ ପ୍ରାଣାୟାମ ଉପରେ ବି ଅଭିନବ ଶିକ୍ଷା ସେସନ୍ ରଖାଯାଇଥିଲା।




DSPL-135

ଡ଼ାଇରିଆ ନିରାକରଣ ପାଇଁ କେତୋଟି ସାଧାରଣ ସତର୍କତା

୧. **ଅଧ ଘଣ୍ଟାଏ ଫୁଟାଯାଇ ଥଣ୍ଡା କରାଯାଇଥିବା ପାଣି** କିମ୍ବା ୧ ଲିଟର ପାଣିରେ ଗୋଟିଏ ହାଲୋଜେନ୍ ବଟିକା ପକାଇ ଅଧ ଘଣ୍ଟା ପରେ ପିଇବା ପାଇଁ ବ୍ୟବହାର କରନ୍ତୁ ।

୨. ଖାଦ୍ୟ ପ୍ରସ୍ତୁତି ପୂର୍ବରୁ, ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ସାବୁନ୍‌ରେ ଭଲଭାବେ ହାତ ଧୁଅନ୍ତୁ ।

୩. କାହାର ଝାଡ଼ା / ବାନ୍ତି ଲକ୍ଷଣ ଦେଖାଦେଲେ ତୁରନ୍ତ ଓ.ଆର୍.ଏସ୍. ଦ୍ରବଣ ପିଆନ୍ତୁ ଓ ଡ଼ାକ୍ତରଖାନା ନିଅନ୍ତୁ । ବିଳମ୍ବ କଲେ ବିପଦ ଅଛି ।

OIPR: 10003/13/0210/2526

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in/

## କେନ୍ଦୁପତ୍ର ତୋଳାଳୀ, ବନ୍ଧାଳୀଙ୍କ ଲାଗି ୧୦୦ କୋଟିର ସହାୟତା

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ କେନ୍ଦୁପତ୍ର ସଂଘର ସଦସ୍ୟ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳୀ, ବନ୍ଧାଳୀ ଓ ସିଜିନାଲ ଷ୍ଟାଫଙ୍କ ପାଇଁ ମୁଖ୍ୟମନ୍ତ୍ରୀ କଲ୍ୟାଣ ପାଣ୍ଠିରେ ୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟବସ୍ଥା କରିଥିବାରୁ ଆଜି(ଶନିବାର) ରାଜ୍ୟ ଅତିଥି ଭବନ ଠାରେ ବିଭିନ୍ନ ଜିଲ୍ଲାରୁ ଶିତାଧିକ ଓଡିଶା କେନ୍ଦୁପତ୍ର ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ । ବରଗଡ ସାଂସଦ ପ୍ରଦୀପ ପୁରୋହିତ ସଂଘର ସଦସ୍ୟମାନଙ୍କ ସହିତ ଉପସ୍ଥିତ ଥିଲେ ।

ସଂଘର ସଦସ୍ୟମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟ ସରକାର ଆପଣଙ୍କ ବିକାଶ ଓ କଲ୍ୟାଣ ପାଇଁ ତତ୍ପର ଅଛନ୍ତି । ନୂଆ ସରକାର ଗରିବ କଲ୍ୟାଣ ପାଇଁ ଅନେକ କାର୍ଯ୍ୟକ୍ରମ ଓ ଯୋଜନା କରିଛନ୍ତି । ଏସବୁ କାର୍ଯ୍ୟକ୍ରମରେ ସାମିଲ ହୋଇ ଏହାର ସୁଫଳ ପାଇବା ପାଇଁ ସେ ପରାମର୍ଶ ଦେଇଥିଲେ । ଏଥି ସହିତ ମହିଳା ସଦସ୍ୟାମାନଙ୍କୁ ଯୁଗାନ୍ତକାରୀ ସୁଭଦ୍ରା ସହାୟତା ରାଶିକୁ ବ୍ୟବସାୟରେ ସଠିକ୍ ଭାବେ ବିନିଯୋଗ କରି ଲକ୍ଷପତି ଦିଦି ହେବା ପାଇଁ ମୁଖ୍ୟମନ୍ତ୍ରୀ ଉତ୍ସାହିତ କରିଥିଲେ ।

ରାଜ୍ୟର ୨୨ଟି ଜିଲ୍ଲାରେ ୧୯ଟି ଡିଭିଜନ ଅଧିନରେ ପ୍ରାୟ ୯ ଲକ୍ଷରୁ ଉର୍ଦ୍ଧ୍ୱର୍ ଲୋକଙ୍କ ଜୀବନଜୀବିକାର ମାଧ୍ୟମ ହେଉଛି କେନ୍ଦୁପତ୍ର । ମୁଖ୍ୟମନ୍ତ୍ରୀ ନିକଟରେ ଦେବଗଡ ଗସ୍ତ ସମୟରେ ରାଜ୍ୟର କେନ୍ଦୁପତ୍ର ତୋଳାଳୀ, ବନ୍ଧାଳୀ ଓ ସିଜିନାଲ ଷ୍ଟାଫଙ୍କ ପାଇଁ ୪୧ କୋଟି ୧୭ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଥିଲେ । ଏହି ସହାୟତାରେ ସେମାନଙ୍କ ପାଇଁ ଚପଲ, କେରି ବନ୍ଧା କପଡା, ଟୋପି, ମସାରି ଓ କମ୍ବଳ ବାବଦକୁ ଅର୍ଥ ରାଶି ରହିଛି ।

## ୨୫ରେ ଷଷ୍ଠ ଓଡ଼ିଶା ପର୍ଯ୍ୟଟନ କନକ୍ଲେଭ ୨୦୨୫

# ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ସହ ବିଦେଶୀ ପର୍ଯ୍ୟଟକ ଆକୃଷ୍ଟ ଲକ୍ଷ୍ୟ

ଭୁବନେଶ୍ୱର(ସବ୍ୟୁ): ଆସନ୍ତା ୨୫ ତାରିଖରେ ଭୁବନେଶ୍ୱରରେ ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହେବ ଷଷ୍ଠ ଓଡ଼ିଶା ପର୍ଯ୍ୟଟନ କନକ୍ଲେଭ ୨୦୨୫ । ଯେଉଁଥିରେ ମୁଖ୍ୟ ବିଷୟବସ୍ତୁ ରହିବ ଭାରତର ପର୍ଯ୍ୟଟନ ମାନଚିତ୍ରରେ ଓଡ଼ିଶାର ସ୍ଥାନ । ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ କ୍ଷେତ୍ର ସହ ଜଡ଼ିତ ବହୁ ବକ୍ତା ଓ ସଂଗଠନ ଯୋଡ଼ି ହେବେ । ଓଡ଼ିଶାରେ ପର୍ଯ୍ୟଟନ ଶିଳ୍ପର ବିକାଶ, ଭିତ୍ତିଭୂମିର ଉନ୍ନତି, ଓଡ଼ିଶାର ଲୋକପ୍ରିୟ ପର୍ଯ୍ୟଟନସ୍ଥଳରେ ହୋଟେଲ ନିର୍ମାଣ ପାଇଁ ସରକାର ଲ୍ୟାଣ୍ଡ ବ୍ୟାଙ୍କ ଜରିଆରେ ଜମି ଯୋଗାଇଦେବା ସହ ବିଦେଶୀ ପର୍ଯ୍ୟଟକଙ୍କୁ ଓଡ଼ିଶା ପ୍ରତି ଆକୃଷ୍ଟ କରିବା ନେଇ ଆଲୋଚନା ହେବ । ରାଜ୍ୟରେ ପର୍ଯ୍ୟଟନ କ୍ଷେତ୍ରରେ ବଡ଼ ବଡ଼ ପୁଞ୍ଜି ନିବେଶକୁ ଆକର୍ଷିତ କରିବା ଏବଂ ଓଡ଼ିଶାକୁ ଆସୁଥିବା ବିଦେଶୀ ପର୍ଯ୍ୟଟକ କିପରି ଓଡ଼ିଶାକୁ ଆସି କେବଳ ଦିନେ ଦୁଇଦିନ ନୁହେଁ, ବରଂ ଅଧିକ ଦିନ ରହି ବୁଲିପାରିବେ ତାହା ଏହି କନକ୍ଲେଭର ମୂଳ ଲକ୍ଷ୍ୟ ହେବ ।

ଏହି କନକ୍ଲେଭରେ ମୋଟ ୫ଟି ସେସନ ରହିବ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହାକୁ ଉଦଘାଟନ କରିବେ । କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରୀ ଯୋଗଦେବା ପାଇଁ ନିବେଦନ କରାଯିବ ବୋଲି ଓଡ଼ିଶା ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ସଂଘର ସମ୍ପାଦକ କହିଛନ୍ତି ।

## ବିଜେଡିର ଅଭିଯୋଗ

# ବିଜେପିର ଏକ ବର୍ଷ ଶାସନରେ କେନ୍ଦ୍ରୀୟ ଅନୁଦାନ ୧୮.୧୯% କମିଲା

ଭୁବନେଶ୍ୱର, (ସବ୍ୟୁ): ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବକ୍ତବ୍ୟ ଓ ତାଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିବା ଓଡ଼ିଶାର ଭିଜନ ଡକ୍ୟୁମେଣ୍ଟ ଉପରେ ପ୍ରତିକ୍ରିୟା ରଖି ବିଜେଡ଼ି ରାଜ୍ୟ ବିଜେପି ସରକାରଙ୍କ ଏକ ବର୍ଷର ବିଫଳତାକୁ ରାଜ୍ୟବାସୀଙ୍କ ସମ୍ମୁଖରେ ରଖିବା ସହିତ, ଡବଲ ଇଂଜିନ ସରକାର ରାଜ୍ୟବାସୀଙ୍କ ପାଇଁ ଡବଲ ଧୋକା ଓ ନିର୍ବାଚନ ସମୟର ପ୍ରତିଶ୍ରୁତି ବାସ୍ତବରେ ପ୍ରତାରଣାରେ ପରିଣତ ହୋଇଛି ବୋଲି କହିଛନ୍ତି। ଶଙ୍ଖଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳ ରାଜନୈତିକ ବ୍ୟାପାର କମିଟି ସଦସ୍ୟ ସଞ୍ଜୟ କୁମାର ଦାସବର୍ମା, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛନ୍ତି। ସଞ୍ଜୟ କୁମାର ଦାସବର୍ମା କହିଥିଲେ, ଶ୍ରୀମନ୍ଦିର ତଥା ତୀର୍ଥକ୍ଷେତ୍ର ପୁରୀର ବିକାଶ ପାଇଁ ନବୀନ ସରକାରଙ୍କ ଦ୍ୱାରା ବ୍ୟାପକ କାର୍ଯ୍ୟକ୍ରମ କରାଯାଇଥିଲା ବେଳେ ଗତ ଏକ ବର୍ଷରେ ଏହି ବିକାଶ କାର୍ଯ୍ୟ ଠପ ହୋଇ ଯାଇଛି। ଗତ ନିର୍ବାଚନ ସମୟରେ ବିଜେପି ତରଫରୁ ଶ୍ରୀମନ୍ଦିରର ରତ୍ନଭଣ୍ଡାର ଚାବି ଚୋରି ହୋଇଛି ବୋଲି କୁହାଯାଇଥିଲା ଓ ଏହା ପାତାଳରେ ବି ରହିଥିଲେ ମଧ୍ୟ ଆମେ ତାକୁ ଖୋଜି ଆଣିବୁ। କିନ୍ତୁ ସରକାରକୁ ଆସିବା ପରେ ଚାବି ସମ୍ପର୍କରେ ଉଚ୍ଚ ନ୍ୟାୟାଳୟରେ ସରକାରଙ୍କ ତରଫରୁ ଦାଖଲ କରାଯାଇଥିବା ଏକ ସତ୍ୟପାଠରେ ଚାବି କଥାକୁ ସାର୍ବଜନୀନ କରି ପାରିବୁ ନାହିଁ ବୋଲି କହିଥିଲେ। ସେହିପରି, ରତ୍ନଭଣ୍ଡାରର ଗଣତି ମଣତି ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏହା ଏ ପର୍ଯ୍ୟନ୍ତ କରାଯାଇନାହିଁ। ଶ୍ରୀ ଦାସବର୍ମା କହିଥିଲେ, ୨୦୨୪-୨୫ ଆର୍ଥିକ ବର୍ଷରେ ଓଡିଶାକୁ ପୂର୍ବ ବର୍ଷ ତୁଳନାରେ ୧୮.୧୯% ଅନୁଦାନ କମିଛି। ଶ୍ରୀମତୀ ଛୁରିଆ କହିଥିଲେ, ସୁଭଦ୍ରା ଯୋଜନାରେ ବିଜେପି ତରଫରୁ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ଦୁଇ ବର୍ଷରେ ୫୦ ହଜାର ଟଙ୍କା ଦିଆଯିବ ବୋଲି କୁହା ଯାଇଥିଲା। କିନ୍ତୁ, ଏହାକୁ, ପାଞ୍ଚ ବର୍ଷରେ, ବର୍ଷକୁ ପାଞ୍ଚ ପାଞ୍ଚ ହଜାର ଦୁଇ କିସ୍ତିରେ ଦିଆ ଯାଉଛି, ତାହା ପୁଣି ସମସ୍ତ ମହିଳା ମାନଙ୍କୁ ନୁହେଁ। ସୁଭଦ୍ରା ଯୋଜନା ମାଧ୍ୟମରେ, ଦିନକୁ ୨୭ ଟଙ୍କା ପ୍ରଦାନ କରାଯାଉଛି, ଯାହା ମହିଳାଙ୍କ ସ୍ୱାଭିମାନ ପ୍ରତି ଉପହାସ।

ଶ୍ରୀ ଭୃଗୁ ବକ୍ସିପାତ୍ର କହିଥିଲେ, ପ୍ରଧାନମନ୍ତ୍ରୀ ଗତକାଲି ଓଡିଶାକୁ ଆସିଥିଲେ ଓ ତାଙ୍କ ବକ୍ତବ୍ୟରେ ଓଡିଶା ସରକାରଙ୍କୁ ପ୍ରଶଂସା କଲେ। କିନ୍ତୁ, ଆମର ଧାରଣା, ରାଜ୍ୟ ସରକାର ଓଡ଼ିଶାର ବାସ୍ତବ ଚିତ୍ର ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନ କରିନାହାନ୍ତି।

## ରାଜ୍ୟସ୍ତରୀୟ ସମ୍ବିଧାନ ହତ୍ୟା ଦିବସ ପାଳନ ଲାଗି ପ୍ରସ୍ତୁତି ବୈଠକ

# ଜରୁରୀକାଳୀନ ପରିସ୍ଥିତିର ସ୍ୱତନ୍ତ୍ରତା ସେନାନୀଙ୍କୁ ସମ୍ମାନିତ କରାଯିବ

ଭୁବନେଶ୍ୱର, ( ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଚଳିତ ମାସ ୨୫ ତାରିଖରେ ରାଜ୍ୟସ୍ତରୀୟ ସମ୍ବିଧାନ ହତ୍ୟା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୧୯୭୫ ମସିହା ଜୁନ୍ ୨୫ ତାରିଖରେ ଲାଗୁ କରାଯାଇଥିବା ଜରୁରୀକାଳୀନ ପରିସ୍ଥିତିର ୫୦ତମ ବର୍ଷ ପୂର୍ତ୍ତି ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିପାଇଁ କେନ୍ଦ୍ର ସରକାରଙ୍କର ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି । ବୈଠକରୁ ଜଣାଯାଇଛି ଯେ ଭୁବନେଶ୍ୱର ରେଳ ଅଡିଟୋରିଅମ୍ ଠାରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହେବ। ଓଡିଶାର ସମସ୍ତ ଜିଲ୍ଲାରୁ ଜନସାଧାରଣ ଏଥିରେ ଉପସ୍ଥିତ ରହିବେ। ଜରୁରୀକାଳୀନ ପରିସ୍ଥିତିର ସ୍ୱତନ୍ତ୍ରତା ସେନାନୀ ମାନଙ୍କୁ ମଧ୍ୟ ନିମନ୍ତ୍ରିତ କରାଯାଇ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି।



ଏହି ଉତ୍ସବର ବ୍ୟାପକ ପ୍ରଚାର ପ୍ରସାର ପାଇଁ ସୂଚନା ଓ ଲୋକସଂପର୍କ ବିଭାଗକୁ ଦାୟିତ୍ୱ ଦିଆଯାଇଛି । ସୂଚନା ଓ ଲୋକସଂପର୍କ ବିଭାଗକୁ ପ୍ରଦର୍ଶନୀ ଓ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନର ମଧ୍ୟ ଦାୟିତ୍ୱ ଦିଆଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବକ୍ତୃତା, କୁଇଜ୍, ପ୍ରବନ୍ଧ ଓ କଳା ପ୍ରତିଯୋଗିତା ଇତ୍ୟାଦି କରାଯିବ। ସେହିପରି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ କଲେଜ ଓ ବିଶ୍ୱବିଦ୍ୟାଳୟ ସ୍ତରରେ କର୍ମଶାଳା, ବକ୍ତୃତା ଓ ସେମିନାର ଆୟୋଜନ କରାଯିବ। ଏହି ଉପଲକ୍ଷେ କ୍ରୀଡା ବିଭାଗ ପକ୍ଷରୁ ଶୋଭାଯାତ୍ରାର ଆୟୋଜନ କରାଯିବ। ସ୍ୱତନ୍ତ୍ରତା ସେନାନୀ ମାନଙ୍କୁ ସମ୍ମାନିତ କରିବା ଉପଲକ୍ଷେ ଆୟୋଜନ ହେଉଥିବା ଏଭଳି ଏକ ମହତ୍ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ଉପସ୍ଥିତ ସମସ୍ତ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି, କ୍ରୀଡା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର, ସଂସ୍କୃତି ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ, ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ ଦାସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଏମ୍‌ସିର ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷଙ୍କ ନାଁ ଘୋଷଣା

ଭୁବନେଶ୍ୱର(ସବ୍ୟୁ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପଦ ପାଇଁ ଆଜି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ବିଏମ୍‌ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଏହି ନିର୍ବାଚନରେ ମେୟର ସୁଲୋଚନା ଦାସ ପ୍ରିଜାଡିଂ ଅଫିସର ଭାବେ କାର୍ଯ୍ୟ କରିଥିଲେ । ଏହି ନିର୍ବାଚନରେ ଡେପୁଟି ମେୟର ମଞ୍ଜୁଲତା କହଁର, ଅତିରିକ୍ତ କମିଶନରନିକର ସାହୁ, ସସ୍ମିତା ସାହୁ, ଡେପୁଟି କମିଶନର କାଜଲ ପ୍ରଧାନ ଓ ଅଜୟ କୁମାର ମହାନ୍ତି ପ୍ରମୁଖ ସହାୟତା କରିଥିଲେ।

ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ପୂର୍ବାହ୍ନ ୧୦.୩୦ସମୟରେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପଦ ପାଇଁ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ । ସେଗୁଡିକ ଯାଞ୍ଚ ପରେ କାଏମ ରହିଥିବା ପ୍ରାର୍ଥୀଙ୍କ ନାମ ମେୟର ଘୋଷଣା କରିଥିଲେ । ଟାକ୍ସେସନ, ଫାଇନାନ୍ସ ଆଣ୍ଡ ଆକାଉଣ୍ଟସ୍ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଭାବେ ରାଜ କିଶୋର ଦାସ, ପବ୍ଲିକ ହେଲଥ, ଇଲେକଟ୍ରିସିଟି, ଓ୍ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନଭାଇରନମେଣ୍ଟ କମିଟି ଅଧ୍ୟକ୍ଷ ଭାବେ ବିରଞ୍ଚି ନାରାୟଣ ମହାସୁପକାର, ପବ୍ଲିକ ଓ୍ୱାର୍କସ୍ ଅଧ୍ୟକ୍ଷ ଶ୍ରୀଧର ବେହେରା,



ପ୍ଲାନିଂ ଆଣ୍ଡ ଡେଭଲପମେଣ୍ଟ ଅଧ୍ୟକ୍ଷ ଶ୍ରୀଧର ଜେନା, ଲାଇସେନ୍ସ ଆଣ୍ଡ ଅପିଲ୍ସ ଅଧ୍ୟକ୍ଷ ପ୍ରେମାନନ୍ଦ ଜେନା, କର୍ପୋରେସନ ଏଷ୍ଟାବ୍ଲିସମେଣ୍ଟ ଅଧ୍ୟକ୍ଷ ଦୀପକ ମିଶ୍ର, ଗ୍ରୀଭାନସେସ୍ ଆଣ୍ଡ୍ ସୋସିଆଲ ଜଷ୍ଟିସ୍ ଅଧ୍ୟକ୍ଷ ବିନୟିନୀ ଜେନା, ସ୍ଲମ ସେଟଲମେଣ୍ଟ ଆଡିସନାଲ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଭାବେ ମହାମାୟା ସ୍ୱାଇଁ ଅପ୍ରତିଦ୍ୱନ୍ଦୀ ନିର୍ବାଚିତ ହୋଇଥିଲେ । ଏଜୁକେସନ, ରିକ୍ରେସନ ଆଣ୍ଡ କଲଚର ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପଦ ପାଇଁ ରାମଚନ୍ଦ୍ର ରଣସିଂହ ଓ ସୁଶ୍ରୀ ମୋନାଲିସା ବେହେରା ଦୁଇ ଜଣ ପ୍ରତିଦ୍ୱନ୍ଦୀ ଥିଲେ । ଏଥିପାଇଁ ନିର୍ବାଚନ ହୋଇଥିଲା । ପ୍ରିଜାଡିଂ ଅଫିସରଙ୍କ ସମେତ ଉଭୟ ପ୍ରାର୍ଥୀ ଓ ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଜଉମୁଦ ଦିଆ ବାଲଟ୍ ବକ୍ସ ଖୋଲାଯାଇଥିଲା । ସେମାନଙ୍କ ଉପସ୍ଥିତିରେ ମଧ୍ୟ ଭୋଟ ଗଣତି କରାଯାଇଥିଲା । ଗଣତି ପରେ ମାନନୀୟା ମେୟର ରାମଚନ୍ଦ୍ର ରଣସିଂହଙ୍କୁ ବିଜୟୀ ବୋଲି ଘୋଷଣା କରିଥିଲେ । ନବ ନିର୍ବାଚିତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, ଅଧ୍ୟକ୍ଷାଙ୍କୁ ମେୟର ଶ୍ରୀମତୀ ଦାସ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ । ଆଗାମୀ ଦିନରେ ବିଏମ୍‌ସିର ଉନ୍ନତି ପାଇଁ ଉତ୍ସାହର ସହ କାମ କରିବୁ ବୋଲି ନବ ନିର୍ବାଚିତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ କହିଛନ୍ତି ।

### ଦୁଇ ଗିରଫ, ୫ ବାଇକ୍ ଉଦ୍ଧାର

ଭୁବନେଶ୍ୱର, (ସବ୍ୟୁ): ମଞ୍ଚେଶ୍ୱର ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୫ଟି ଚୋରା ବାଇକ୍ ଜବତ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଦୀପୁ ଓରଫ ନାନିଆ ଓରଫ ତ୍ରିଲୋଚନ ସାମନ୍ତରାୟ ଏବଂ ମାଲୋର ଚିରଞ୍ଜୀବ ସେଠୀ।

ଅନିଲ କୁମାର ସ୍ୱାଇଁ ଅଭିଯୋଗ କରିଥିଲେ ଯେ, ଗତ ମାସ ୨୯ ତାରିଖରେ ଦୀପୁ ତାଙ୍କ ଘରୁ ତାଙ୍କ ହୁଣ୍ଡା ଆକଟିଭା ସ୍କୁଟରକୁ ଚୋରି କରି ନେଇଯାଇଛି। ସିସିଟିଭି ଫୁଟେଜ୍ ଆଧାରରେ ପୋଲିସ୍ ସ୍ପଷ୍ଟ ହୋଇଥିଲା ଯେ, ଦୀପୁ ସ୍କୁଟର ନେଇଛି ବୋଲି। ମାଷ୍ଟର ଚାବି ବ୍ୟବହାର କରି ସ୍କୁଟର ଚାବି ଖୋଲିଥିଲା। ଏହା ଜଣାପଡିବା ପରେ ମଞ୍ଚେଶ୍ୱର ଥାନାରେ ଏକ ପୋଲିସ ଟିମ୍ କେନ୍ଦ୍ରାପଡ଼ାର ରାଜନଗର ଯାଇ ସେଠାକାର ପୋଲିସ ସହାୟତାରେ ଅଭିଯୁକ୍ତ ଦୀପୁକୁ ଗିରଫ କରିଥିଲା।

# ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ସାମିଲ ହେଲା ତାଳପଦା

ଭୁବନେଶ୍ୱର (ସବ୍ୟୁ): ଭଦ୍ରକ ତିହିଡି ବ୍ଲକ ଅଧିନ ତାଳପଦା ଗ୍ରାମକୁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ସାମିଲ କରାଯାଇଛି । ରାଜ୍ୟ ସଙ୍ଗୀତ ମାନ୍ୟତା ପାଇଥିବା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଗାଁ ତାଳପଦାକୁ କେନ୍ଦ୍ର ସରକାର ବରପୁତ୍ର ଐତିହ୍ୟ ଗ୍ରାମ୍ୟ ଭାବେ ଘୋଷଣା କରିଛନ୍ତି । ଗତ ଶୁକ୍ରବାର ଅପରାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱର ଆସି ବରପୁତ୍ର ଐତିହ୍ୟ ଗ୍ରାମ୍ୟ ଯୋଜନାକୁ ଆଭାସି ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି ।

ଏହି ପରିପ୍ରେକ୍ଷରେ ତାଳପଦା କାନ୍ତକବି ସ୍ମୃତି ମନ୍ଦିର ପରିସରରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବିଡ଼ିଓ ନିରଞ୍ଜନ ବାରିକ, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଜିଲ୍ଲା କଳା ସଂସ୍କୃତି ଉପସଭାପତି ତିଲୋଚନ ପଣ୍ଡା, ବ୍ଲକ ଅଧ୍ୟକ୍ଷା ଅବନ୍ତି ଦାସ, ବ୍ଲକ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, ସହକାରୀ ଯନ୍ତ୍ରୀ ଭିଷ୍ମଦେବ ଶତପଥୀ ଓ ତନୁଜା ମିଶ୍ର, କନିଷ୍ଠଯନ୍ତ୍ରୀ ଅଲେଖ ତିର୍କି, ଏବିଡ଼ିଓ ମାନସ କୁମାର ଜେନା, ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତ, ବ୍ଲକ ମଙ୍ଗଳ



ସଂପ୍ରସାରଣ ଅଧିକାରୀ ସୌମ୍ୟା ସୁଚରିତା ମହାନ୍ତି, କାନ୍ତକବି ସ୍ମୃତି ପରିସଦର ସଭାପତି ଚିନ୍ତାମଣି ଦାସ, ସଂପାଦକ ବାଣୀ କଲ୍ୟାଣ ମହାପାତ୍ର, ବରିଷ୍ଠ ବିଜେପି ନେତା ଦିନବନ୍ଧୁ ପତି, ରାମଚନ୍ଦ୍ର ନାୟକ, ରତିକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ବିଜେପି କାନ୍ତକବି ମଣ୍ଡଳ ସଭାପତି ସରୋଜ କୁମାର ନାୟକ, ଯୁବମୋର୍ଚ୍ଚା ସଭାପତି ଯଜ୍ଞଦତ୍ତ ପତି, ବିଜେପି ନେତା ତାପସ ବେହେରା, ଗୋପବନ୍ଧୁ ବେହେରା, ସୁନିଲ ଦାସ, ଚନ୍ଦନ ସେନାପତି, ନିଳମଣି ଜେନା, ରନାକର ଜେନା, ସୁରେଶ ଦାସ, ଜୟନ୍ତୀ ବେହେରା, ଅଞ୍ଜନା ଦଳେଇ, ଭକ୍ତହରି ମହାଳିକ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ପୁରୁଷ ଓ ମହିଳା ଯୋଗ ଦେଇଥିଲେ ।

# ଗୋଟିଏ ଦିନରେ ଦୋଷୀ ସାବ୍ୟସ୍ତ ଓ ଦଣ୍ଡାଦେଶ ଆଇନର ପରିପନ୍ଥୀ

କଟକ,(ସବ୍ୟୁ): ଅନୁଗୁଳର ଗୋଟେ ପରିବାରର ତିନିଜଣଙ୍କୁ ହତ୍ୟା ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ ହୋଇଥିଲାବେଳେ ଏହି ଶୁଣାଣି ପ୍ରକ୍ରିୟାକୁ ନେଇ ହାଇକୋର୍ଟ ପ୍ରଶ୍ନ ଉଠାଇଛନ୍ତି । ଯେଉଁଦିନ ଏହି ମାମଲାରେ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରାଗଲା ସେହି ଗୋଟିଏ ଦିନରେ ଆସାମୀମାନଙ୍କୁ ଦଣ୍ଡାଦେଶ ଶୁଣାଯାଇଥିବାରୁ ଏହା ସୁପ୍ରିମ୍‌କୋର୍ଟଙ୍କ ଆଦେଶର ଉଲଂଘନ କରିଥିବା ଦର୍ଶାଇ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଯେତେବେଳେ ଦଣ୍ଡାଦେଶକୁ ନେଇ ଶୁଣାଣି ହୁଏ ସେତେବେଳେ ତାହା ବାସ୍ତବ ହେବା ଆବଶ୍ୟକ। ଶୁଣାଣି କେବଳ ଏକ ଔପଚାରିକତା ନୁହେଁ ବୋଲି ହାଇକୋର୍ଟ ଏହି ଅବସରରେ ମତବ୍ୟକ୍ତ କରିବା ସହ ଏହି ମାମଲାରେ ଅନୁଗୁଳ ଜେଲ୍ କର୍ତ୍ତୃପକ୍ଷଙ୍କ ନିକଟରୁ ଦୁଇ ଆସାମୀଙ୍କ ସବିଶେଷ ରେକର୍ଡ଼ ତଲବ କରିଛନ୍ତି । ଆସାମୀ ପ୍ରକାଶ ବେହେରା ଏବଂ ନନ୍ଦ କିଶୋର ସେଠୀଙ୍କ ପକ୍ଷରୁ ଆଗତ ରିଟ୍ ଅପିଲ୍ ଉପରେ ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଏବଂ ଜଷ୍ଟିସ୍ ଶିବ ଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୩ ତାରିଖକୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ ହୋଇଛି ।

ମାମଲାରୁ ଜଣାଯାଇଛି ଯେ, ୨୦୧୭ ମସିହାରେ ଅନୁଗୁଳର ଆଠମଲ୍ଲିକ ଅଞ୍ଚଳରେ ଏକ ବିଭତ୍ସ ହତ୍ୟାକାଣ୍ଡ ଘଟିଥିଲା । ଦେଢ଼ଲକ୍ଷ ଟଙ୍କା ପାଇଁ ଗୋଟେ ପରିବାରର ବାପ, ମା ଏବଂ ସେମାନଙ୍କର ଏକ ପୁଅକୁ ଅଭିଯୁକ୍ତ ପ୍ରକାଶ ବେହେରା ଏବଂ ନନ୍ଦ କିଶୋର ସେଠୀ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା । ଏହି ଘଟଣାରେ ପୁଲିସ୍ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଆଠମଲ୍ଲୀକ ଅତିରିକ୍ତ ସେସନ୍ସ ଜଜ୍ ୨୦୨୪ ସେପ୍ଟେମ୍ବର ୨୭ ତାରିଖରେ ଏହି ମାମଲାରେ ରାୟ ପ୍ରକାଶ କରି ସେହିଦିନ ଦଣ୍ଡାଦେଶ ଘୋଷଣା କରିଥିଲେ। ଉଭୟ ଆସାମୀଙ୍କୁ ଫାଶୀ ଦଣ୍ଡାଦେଶରେ ଦଣ୍ଡିତ କରିଥିଲେ। ଏହି ଆଦେଶ ବିରୋଧରେ ଉଭୟ ଆସାମୀ ହାଇକୋର୍ଟକୁ ଆସିଥିଲେ। ହାଇକୋର୍ଟ ଏହି ମାମଲାର ଶୁଣାଣି ଅବସରରେ କହିଛନ୍ତି ଯେ, ସୁପ୍ରିମ୍‌କୋର୍ଟଙ୍କ ନିୟମ ଅନୁଯାୟୀ, କୌଣସି ଘଟଣାରେ ଯେଉଁଦିନ ଅଭିଯୁକ୍ତମାନଙ୍କୁ ଅଦାଲତ ଦୋଷୀ ସାବ୍ୟସ୍ତ ଘୋଷଣା କରନ୍ତି ସେହିଦିନ ଦଣ୍ଡାଦେଶ ଘୋଷଣା କରାଯାଏନି । କିନ୍ତୁ ଏହି ମାମଲାରେ ନିମ୍ନ ଅଦାଲତ ଯେଉଁଦିନ ଅଭିଯୁକ୍ତମାନଙ୍କୁ ଏହି ହତ୍ୟା ଘଟଣା ପାଇଁ ଦୋଷୀ ସାବ୍ୟସ୍ତ କରିଛନ୍ତି ସେହିଦିନ ଦଣ୍ଡାଦେଶ ମଧ୍ୟ ଶୁଣାଇଛନ୍ତି। ଫଳରେ ଅଭିଯୁକ୍ତମାନେ ନିଜ ପକ୍ଷ ରଖିବା ପାଇଁ ସୁଯୋଗ ପାଇପାରି ନାହାନ୍ତି। ଏହି ଦଣ୍ଡାଦେଶକୁ ସେମାନଙ୍କ ଉପରେ ଯେପରି ଲଦି ଦିଆଯାଇଛି । ଏହା ସେମାନଙ୍କ ପ୍ରତି ପକ୍ଷପାତିତା ଭଳି ଲାଗୁଛି । ଏହି ପରିପ୍ରେକ୍ଷୀରେ ଆବେଦନକାରୀ ଅଭିଯୁକ୍ତମାନଙ୍କୁ ପକ୍ଷ ରଖିବା ପାଇଁ ସୁଯୋଗ ଦେବାର ଆବଶ୍ୟକତା ରହିଥିବା ହାଇକୋର୍ଟ ମତଦେବା ସହ ଅନୁଗୁଳ ଜେଲ୍ କର୍ତ୍ତୃପକ୍ଷଙ୍କୁ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜେଲ୍ କର୍ତ୍ତୃପକ୍ଷ ଅଭିଯୁକ୍ତମାନଙ୍କ ଅତୀତ ଜୀବନ, ସେମାନଙ୍କର ମାନସିକତା, ଦଣ୍ଡାଦେଶ ପରର ଜୀବନ ଇତ୍ୟାଦି ସମ୍ପର୍କରେ ସତ୍ୟପାଠ ଜରିଆରେ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସାମୀଙ୍କ ପକ୍ଷରୁ ଆଇନଜୀବୀ ସତ୍ୟ ରଞ୍ଜନ ମୂଳିଆ ମାମଲା ପରିଚାଳନା କରୁଛନ୍ତି।

## ଟାଇମ୍‌ସ ହାୟର ଏଜୁକେସନ୍ ଇମ୍ପାକ୍ଟ ରାଙ୍କିଙ୍ଗ ୨୦୨୫

# ଭାରତରେ ୫ମ ସ୍ଥାନରେ କିଟ୍ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, (ସବ୍ୟୁ): ଟାଇମ୍‌ସ ହାୟର ଏଜୁକେସନ (ଟିଏଚଇ) ଏକ ସର୍ଜନାତ୍ମକ ପଦ୍ଧତିରେ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟର ସାମାଜିକ ପ୍ରଭାବ କଣ ଅଛି ତାର ମୂଲ୍ୟାଙ୍କନ କରି ରାଙ୍କ ପ୍ରଦାନ କରିଥାଏ। ଏହି ପରିପ୍ରେକ୍ଷୀରେ ବିଶ୍ୱର ଯେଉଁ ବିଶ୍ୱବିଦ୍ୟାଳୟଗୁଡିକ ସାମାଜିକ ପ୍ରଭାବ ଉପରେ କାର୍ଯ୍ୟ କରନ୍ତି ସେହି ଅନୁଷ୍ଠାନଗୁଡିକ ଏଥିରେ ଅଂଶଗ୍ରହଣ କରନ୍ତି। କିଟ୍ ଏହି ରାଙ୍କିଙ୍ଗରେ ପ୍ରତିବର୍ଷ ଅଂଶଗ୍ରହଣ କରିଥାଏ । ଏଥିରେ ଉନ୍ନତ ପ୍ରଦର୍ଶନ କରି ପ୍ରତିବର୍ଷ କିଟ୍‌ର ସ୍ଥାନ ଉପରକୁ ଉଠିଥାଏ। ଚଳିତବର୍ଷ ମଧ୍ୟ କିଟ୍ ଟାଇମ୍‌ସ ହାୟର ଏଜୁକେସନ ଇମ୍ପାକ୍ଟ ଗ୍ଲୋବାଲ ରାଙ୍କିଙ୍ଗ ୨୦୨୫ରେ କିଟ୍ ବହୁତ ଭଲ ପ୍ରଦର୍ଶନ କରିଛି । ୩ ଟି ମାନଦଣ୍ଡ ଆଧାରରେ ଚଳିତ ବର୍ଷ କିଟ୍ ବେଶ ପ୍ରଭାବୀ ରାଙ୍କ ହାସଲ କରିଛି। ଅସମାନତା ହ୍ରାସ (ଏସ୍‌ଡିଜି-୧୦) ଓ ଶାନ୍ତି, ନ୍ୟାୟ ଏବଂ ସଶକ୍ତ ପ୍ରତିଷ୍ଠାନ



(ଏସ୍‌ଡିଜି-୧୬), ସୁଲଭ ଓ ସ୍ୱଚ୍ଛ ଉର୍ଜା (ଏସ୍‌ଡିଜି-୭)ରେ ଦେଶର ପ୍ରଥମ ସ୍ଥାନରେ କିଟ୍ ବିଶ୍ୱବିଦ୍ୟାଳୟ ରହିଥିବା ବେଳେ ଗୁଣାତ୍ମକ ଶିକ୍ଷା (ଏସ୍‌ଡିଜି-୪)ରେ ଭାରତରେ କିଟ୍ ୩ୟ ସ୍ଥାନରେ ରହିଛି । ଇମ୍ପାକ୍ଟ ରାଙ୍କିଙ୍ଗରେ ସାମଗ୍ରିକ ଭାବେ କିଟ୍ ବିଶ୍ୱବିଦ୍ୟାଳୟ ସମସ୍ତ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡିକ ମଧ୍ୟରେ ୫ମ ସ୍ଥାନରେ ରହିଛି । ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି)କୁ ଆଗକୁ ନେବାରେ ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରଦର୍ଶନ ଉପରେ ମୂଲ୍ୟାଙ୍କନ ଆଧାରରେ ଚଳିତବର୍ଷ ବିଶ୍ୱର ୧୩୦ଟି ଦେଶର ପ୍ରାୟ ୨୪ଶହରୁ ଅଧିକ ଖ୍ୟାତି ସଂପନ୍ନ ବିଶ୍ୱବିଦ୍ୟାଳୟ ଏହି ରାଙ୍କିଙ୍ଗରେ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ କିଟ୍ ବିଶ୍ୱରେ ୧୦୧ କୋହର୍ଟ ମଧ୍ୟରେ ରହିଛି । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିଟ୍‌ର ସଫଳତା ଉପରେ ନିଜ ପ୍ରତିକ୍ରିୟାରେ କହିଛନ୍ତି, କିଟ୍ ଏକ ଛୋଟ ଅନୁଷ୍ଠାନରୁ ଆରମ୍ଭ ହୋଇଥିଲା ବେଳେ ଏହା ବିଶ୍ୱର ସମସ୍ତ ଅନୁବନ୍ଧନ ଓ ରାଙ୍କିଙ୍ଗରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି । ଏବେ କିଟ୍ ବିଶ୍ୱର ସମସ୍ତ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ସହ ସମକକ୍ଷ ହେବା ପାଇଁ ଯୋଗ୍ୟତା ଅର୍ଜନ କରିଛି । ଭାରତରେ କିଟ୍ ଏକ ଅଗ୍ରଣୀ ବିଶ୍ୱବିଦ୍ୟାଳୟ ଭାବରେ ମଧ୍ୟ ଏକ ଉଲ୍ଲେଖନୀୟ ପ୍ରଭାବ ପକାଇ ପାରିଛି। ଏହିସବୁ ରାଙ୍କିଙ୍ଗରେ କିଟ୍‌ର ଲଗାତାର ସଫଳତା ନିରନ୍ତର ଶିକ୍ଷା, ସ୍ଥାୟୀତ୍ୱ, ଅନ୍ତର୍ଭୁକ୍ତି ଏବଂ ବିଶ୍ୱ ସହଯୋଗ କ୍ଷେତ୍ରରେ ଉତ୍କର୍ଷତା ପ୍ରତି ଏହାର ପ୍ରତିବଦ୍ଧତା ପ୍ରତିପାଦନ କରୁଛି ବୋଲି ସେ କହିଛନ୍ତି।

## ପାଠ୍ୟ ପୁସ୍ତକରେ ପୋକ୍ସ ଆଇନ ବିଷୟ ଅନ୍ତର୍ଭୁକ୍ତ କରିବାକୁ ଦାବି

ବ୍ରହ୍ମପୁର , (ସବ୍ୟୁ) : ୨୦୧୨ ପୋକ୍ସ ଆଇନ ଦେଶରେ ଲାଗୁ ହୋଇଥିଲେ ସୁଧା ଓଡିଶାରେ ଏହା କେବଳ ଓକିଲ, ପୁଲିସ ଓ ନ୍ୟାୟାଳୟ ଭିତରେ ହିଁ ସିମୀତ ରହିଯାଇଅଛି । ଏହାର ବ୍ୟାପକ ସଚେତନତାର ଅଭାବ ରହିଛି । ପୋକ୍ସ ଆଇନରେ ରେ ବନ୍ଧା ହୋଇଥିବା ଅଧିକାଂଶ ଅଭିଯୁକ୍ତ ଯୁବକ । ସେମାନେ ଅପହରଣ, ବଳାତ୍କାର ଓ ନାବାଳିକା ଗଣଦୁଷ୍କର୍ମ କରିଲେ ପୁଲିସ ବାନ୍ଧି କି ନେବ, ନ୍ୟାୟଳୟରେ କଠୋର ଦଣ୍ଡ ବ୍ୟବସ୍ଥା ରହିଛି ଏକଥା ସଚେତନତା ଅଭାବ ଯୋଗୁଁ କିଛି ଜାଣନ୍ତି ନାହିଁ । ତେଣୁ ବର୍ଷବର୍ଷ ଧରି କାରାଗାର ରେ ସଢୁଛନ୍ତି ।

ସେପଟେ ଅନ୍ୟ ଏକ ଯୁବଗୋଷ୍ଠୀ ଅଛନ୍ତି ପ୍ରେମରେ ପାଗଳ ହୋଇ ୧୮ ବର୍ଷରୁ କମ ବୟସ ହୋଇଥିବା ନାବାଳିକାମାନଙ୍କୁ ବିବାହ ହେବା ନିମନ୍ତେ ଉଠାଇ ନେଉଛନ୍ତି ଏବଂ ପରବର୍ତ୍ତୀ ମୁହୂର୍ତ୍ତରେ ପୋକ୍ସ ଆଇନରେ ଛନ୍ଦି ହୋଇଯାଉଛନ୍ତି । ସେହିପରି ନାବାଳିକା ପ୍ରେମିକା ମଧ ପୋକ୍ସ ଆଇନ ବିଷୟରେ ସଚେତନତା ନଥିବା ଯୋଗୁଁ ପୁରୁଷ ବନ୍ଧୁଙ୍କ ସହିତ ଘରଛାଡି ଯାଇ ପୋକ୍ସ ଆଇନର ଜାଲରେ ପ୍ରେମିକକୁ ଛନ୍ଦି ପକାଉଛନ୍ତି । ତେଣୁ ବ୍ୟାପକ ସଚେତନତା ଲାଗି ଓଡ଼ିଆ ପାଠ୍ୟ ପୁସ୍ତକରେ ପୋକ୍ସ ଆଇନ ବିଷୟରେ ଅନ୍ତର୍ଭୁକ୍ତ କରାଯାଉ। ଫଳରେ ଶିଶୁ ଯୌନ ନିର୍ଯାତନା, ନାବାଳିକା ଗଣଧର୍ଷଣ, ଅପହରଣ, ଅସଦାଚରଣ ଓ ବଳାତ୍କାର ବହୁ ମାତ୍ରାରେ କମିଯାଇଥାନ୍ତା ବୋଲି ଗଞ୍ଜାମ ଓକିଲ ସଙ୍ଘ ସଭାପତି ମନୋଜ କୁମାର ପଟ୍ଟନାୟକ ଏକ ପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜଣାଇ ଏ ନେଇ ଏକ ଦାବିପତ୍ର ରଖିଛନ୍ତି।

## ୧୨୬ କେଜି ଗଞ୍ଜେଇ ଜବତ : ୩ ଗିରଫ

ପାରଳାଖେମୁଣ୍ଡି: (ସବ୍ୟୁ) : ଗଜପତି ଜିଲ୍ଲାରେ ଗଞ୍ଜେଇ ଚୋରାଚାଲାଣକୁ ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲା ପୋଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ନେଇଆସୁଥିବା ବେଳେ ଶୁକ୍ରବାର ଦିନ ରା.ଉଦୟଗିରି ପୋଲିସକୁ ମିଳିଛି ବଡ ସଫଳତା । ରା.ଉଦୟଗିରି ଥାନା ଏସ.ଆଇ.ଏସ.ହେମ୍ବ୍ରମ ଙ୍କ ତ୍ୱାବଧାନରେ ପୋଲିସ ସହକର୍ମୀ ଏସ ଏନ ନାୟକ ,ଏସ ମହାରଣା, ଏସ ଗମାଙ୍ଗ ଓ କେ ଏମ ନାୟକଙ୍କ ସହଯୋଗରେ ବସ୍ତ୍ରୀଗୁଡା ଅଞ୍ଚଳରେ ପେଟ୍ରୋଲିଙ୍ଗ କରୁଥିବା ବେଳେ, ଏକ ବଜାଜ ଅଟୋ ଗାଡି ନଂ ଅ୍ୱ ୩୦ ଶ୍ୱଅ ୦୪୯୪ ରେ ଗଞ୍ଜେଇ ଯାଉଥିବା ଦେଖି ଗାଡି ସହ ୧୨୩ କେଜି ଗଞ୍ଜେଇ ଜବତ କରିବା ସହ ୩ ଜଣକୁ ଗିରଫ କରିଛି ପୋଲିସ । ଗିରଫ ତିନିଜଣ ହେଲେ ବିଜୟ ଲିମା(୩୧), ହିଜକିୟ ସିଂ(୨୬) ଓ ଫିଲିପ ସିଂ( ୩୨) ସେହି ରା ଉଦୟଗିରି ଥାନା ଅନ୍ତର୍ଗତ ଡାବରଡା ଗ୍ରାମର ବୋଲି ଜଣା ପଡିଛି। ଏନ ଡି ପି ଏସ ଅଧିନିୟମ ଅନୁସାରେ କେସ ନମ୍ବର ୬୮/୨୫ ରେ ମାମଲା ରୁଜ୍ଜୁ କରି ସମ୍ପୃକ୍ତ ତିନିଜଣକୁ କୋର୍ଟ ଚାଲାଣ କରାଯାଇଥିବା ରା ଉଦୟଗିରି ଥାନା ଅଧିକାରୀ ଅଶ୍ୱିନୀ ଭିତ୍ରୀୟା ଗଣମାଧମକୁ ସୂଚନା ଦେଇଛନ୍ତି।

# ଯୋଗ ହିଁ ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥ ମାନସିକତା ଦେଇପାରିବ

ବ୍ରହ୍ମପୁର ,(ସବ୍ୟୁ): ଜୁନ ୨୧ ତାରିଖକୁ ଆନ୍ତର୍ଜାତୀୟ ଯୋଗ ଦିବସ ଭବେ ସାରା ବିଶ୍ୱ ଓ ଭାରତରେ ବ୍ୟାପକ ଭବେ ପାଳନ କରାଯାଉଛି । କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ବ୍ରହ୍ମପୁର ଠାରେ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ, ବ୍ରହ୍ମପୁର ଶାଖା ଓ ମହାନ ସଙ୍ଘ, ଡ଼କ୍ଟର ଫୋରମ, ଅର୍ଜୁନ ହସ କ୍ଲବ, ମାରୁତି ୱାକିଙ୍ଗ କ୍ଲବ, ନୀଳକଣ୍ଠେଶ୍ୱର ଯୋଗ ଓ ୱେଲଫର କ୍ଲବ, ବୀର ସୁରେନ୍ଦ୍ର ସାଏ ପ୍ରଭାତ ଶାଖା, ଆରୋଗ୍ୟ ଭାରତୀ, ଲାଞ୍ଜିପଲି ସିନିୟର ସିଟିଜନ ଲଫିଙ୍ଗ ଏଣ୍ଡ ଯୋଗ କ୍ଲବ, ହରି ଓଁ ଲଫିଙ୍ଗ ଏଣ୍ଡ ଯୋଗା କ୍ଲବ, ସାମାନ୍ତରା ଏକାଡେମୀ, ସତ୍ୟାର୍ଜୁନ ଫାଉଣ୍ଡସେନ, ଫିଜିକାଲ ଏକାଡେମୀ, ଖାଦ୍ୟ ବ୍ୟବସାୟୀ ସଙ୍ଘ, କଳିଙ୍ଗ ବିଦ୍ୟା ମନ୍ଦିର, ଓଁ କାର ଯୋଗ ଶିକ୍ଷା କେନ୍ଦ୍ର, ମର୍ଣ୍ଣିଙ୍ଗ ୱାକ ଏଣ୍ଡ ଟାକ କ୍ଲବ, ଶ୍ରୀ ଚୈତନ୍ୟ ପ୍ରଭାତ ଶାଖା, ହନୁମାନ ପ୍ରଭାତ ଶାଖା, କେଶବ ପ୍ରଭାତ ଶାଖା, ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଦିସା କଲେଜ, ଶ୍ରିଷ୍ଟି କଲେଜ, ରାମକୃଷ୍ଣ ନଗର ଶିଶୁ ମନ୍ଦିର, ରାଧାକୃଷ୍ଣ ମନ୍ଦିର



ଆମ୍ର ବଜାର କମିଟି, ଗୁଣ୍ଡିଚା ମନ୍ଦିର ବରିଷ୍ଠ ନାଗରିକ କ୍ଲବ, ଧନ୍ୱନ୍ତରୀ ଉପନଗର, ଲକ୍ଷ୍ମୀନୃସିଂହ ଉପନଗର, କେ ସି ହାଇସ୍କୁଲ ପଡିଆ ଯୋଗା କମିଟି, ଶ୍ରୀ ସତ୍ୟସାଇ ସେବା ସମିତି, ବ୍ରହ୍ମପୁର ବରିଷ୍ଠ ନାଗରିକ ହସକ୍ଲବ, ହସ ବ୍ୟାୟାମ କେନ୍ଦ୍ର, ଏମକେସିଜି ଖେଳ ପଡିଆ , ପତଞ୍ଜଳି ଖୋଡାସିଂଗି , ବରିଷ୍ଠ ନାଗରିକ ହସ ଯୋଗ ବ୍ୟାୟାମ କେନ୍ଦ୍ର, ଅଖଣ୍ଡ ପ୍ରକୃତି, ମହର୍ଷି ଯୋଗ କେନ୍ଦ୍ର, ଓଡିଶା ଡେଭଲପମେଣ୍ଟ ଫୋରମ, ଗାୟତ୍ରୀ ପରିବାର, ଗଞ୍ଜାମ ଜିଲ୍ଲା ହାଣ୍ଡ ବଲ ଏସସିଏ ସନ, ଗୁଡ଼ ମର୍ନିଙ୍ଗ କ୍ଲବ, ,ସଂସାର ଅର୍ଗାନାଇଯେସନ, ରାମକୃଷ୍ଣ ମିଶନ, ମା କାଳୀ ପ୍ରଭାତ, ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲ୍ଲା ଶାଖା , ଚିନ୍ମୟ ମିଶନ , ଶ୍ରୀ ରାମକୃଷ୍ଣ ସାରଦା ସେବା ସଂଘ , ମହିଳା ଯୋଗ କେନ୍ଦ୍ର ସମେତ ବ୍ରହ୍ମପୁର ସହରର ୫୦ରୁ ଉର୍ଦ୍ଧ ବହୁ ଅଗ୍ରଣୀ ଅନୁଷ୍ଠାନ ମିଳିତ ସହଯୋଗରେ ମହାତ୍ମା ଗାନ୍ଧୀ ଷ୍ଟାଡିଅମରେ ୧୨ହ ରୁ ଉର୍ଦ୍ଧ ନାଗରିକଙ୍କୁ ନେଇ ପାଳନ କରିବା ଏକ ଇତିହାସ ସୃଷ୍ଟି କରିଛି ବୋଲି ଯୋଗ ଉତ୍ସବ କମିଟି ଉପଦେଷ୍ଟା ତଥା ବିଶିଷ୍ଟ ସମାଜ ସେବି ସୁଶାନ୍ତ କୁମାର ସାବତ ସ୍ୱାଗତ ଅଭିଭାଷଣରେ ମତ ବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର ଏହି ବିଶାଳ କାର୍ଯ୍ୟକ୍ରମ କୁ ଉଦଘାଟନ କରି ଯୋଗ ଦ୍ୱାରା ଆମେ ମାନେ ସୁସ୍ଥ ଜୀବନ ଯାପନ କରିପାରିବା କହିବା ସହ ଯୋଗ ର ଉପକାରିତା ଉପରେ ଜନ ସଚେତନତା ସୃଷ୍ଟି କରିବା କୁ ଆହ୍ୱାନ ଦେଇଥିଲେ । କେନ୍ଦ୍ର ସଂଚାଳକ ଡ଼ ତାରା ପ୍ରସାଦ ଦାଶ, କାର୍ଯ୍ୟକ୍ରମ ସଂଯୋଜକ ଡ.ସମେରନ୍ଦ୍ର କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ସହ-ସଂଯୋଜକ ଡ଼.ଶଙ୍କର ମାଝୀ ମଞ୍ଚ ପରିଚାଳନା କରିଥିଲେ।

ବିଭାଗ ସଂଗଠକ ନିଲାକ୍ଷୀ ଦିଦି ଯୋଗ ଶିକ୍ଷା ପ୍ରଦାନ କରି ଥିବା ବେଳେ ଆର ଭାନାରୟଣ ଓ ହେମନ୍ତ ସବର ମଞ୍ଚରେ ଯୋଗ ପ୍ରଦର୍ଶନ କରିଥିଲେ । କମିଟି ଉପଦେଷ୍ଟା ସମାଜସେବୀ,ଓଡିଶା ପ୍ରାନ୍ତ ସମ୍ପର୍କ ପ୍ରମୁଖ ଡ଼ ସଚ୍ଚିଦାନନ୍ଦ ପାତ୍ର , ନଗର ପ୍ରମୁଖ କେଦାର ନାଥ ପଣ୍ଡା, ନଗର ସଂଚାଳକ ତପନ ଦାଶ ଓ ଶଙ୍କର ନାରୟଣ ସୁବୁଦ୍ଧି, ସହ ନଗର ପ୍ରମୁଖ ଶୁଭେନ୍ଦୁ ଦାସ, ପ୍ରକାଶ ଚନ୍ଦ୍ର ପାତ୍ର, ଅକ୍ଷୟ ପାଢ଼ୀ, ବିଜୟକୁମାର ପାଣି, ବିଷ୍ଣୁ ସୁବୁଦ୍ଧି, ଶୁଭେନ୍ଦୁ ଦାଶ, ଅଜୟ ଚନ୍ଦ୍ର ପାଣିଗ୍ରାହୀ,ପରି ମହାରଣା, ରାଜେନ୍ଦ୍ର ପ୍ରସାଦ ସାହୁ, ବିପ୍ର ଚରଣ ରଥ ଓ.ଦେବବ୍ରତ ଦେବ ଙ୍କ ସମେତେ ବହୁ ସଦସ୍ୟ ସଦସ୍ୟା ପରିଚାଳନା କରିଥିଲେଛ ଶେଷ ରେ କେ ଭାର୍ଗବୀ ସୁବୁଦ୍ଧି ଶାନ୍ତି ପାଠ କରାଇଥିଲେ ।

## ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସରେ ସତ୍ୟଙ୍କ ୧୦ଟି କଳାକୃତି



ବ୍ରହ୍ମପୁର , (ସବ୍ୟୁ) : ଚଳିତ ବର୍ଷ ମା ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ଅବସରରେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣାଙ୍କ ପକ୍ଷରୁ ମା ବୁଢ଼ୀ ଠାକୁରାଣୀ ବିଶ୍ୱର ସବୁଠାରୁ ଛୋଟ ମୂର୍ତ୍ତି ଚକରେ ୧ ସେମି ଉଚ୍ଚ ବିଶିଷ୍ଟ ତିଆରି କରିଥିଲେ । ଏହାକୁ ଇଣ୍ଡିଆବୁକ ଅଫ ରେକଡରେ ସ୍ଥାନ ପାଇବ ପାଇଁ ଆବେଦନ କରିଥିଲେ। ତାକୁ ନେଇ ଯାଞ୍ଚ କମିଟି ସତ୍ୟଙ୍କ କଳାକୁ ଦେଖି ତାଙ୍କୁ ଚାଲେଞ୍ଜ ଦେଇଥିଲେ। ଏପରି ୧୦ ଟି କଳା କୃତି ସବୁ ୨ଏମମଏମକୁ ୧ଏମଏମ୍ ମଧ୍ୟରେ କରିବା ପାଇଁ କହିଥିଲେ ।

ସତ୍ୟ ୧୦ ଟି କଳ କୃତି କରିଥଲେ ଏବଂ ରେକଡ ହସଲ୍ କରିଛନ୍ତି। ସେ ଏହି ୧୦ ଗୋଟି ଦେବା ଦେବୀ ଯଥା (୧), ମା ବୁଢୀ ଠାକୁରାଣୀ ଉଚ୍ଚତା ୧ଏମଏମ ଓସାର ୯ଏମଏମ (୨ )ମା ଯୁଆଳାମୁଖି ଙ୍କ ଉଚ୍ଚତା ୮ଏମଏମ ଓସାର ୭ଏମଏମ ,(୩) ମହାଦେବ ଙ୍କ ଉଚ୍ଚତା ୯ଏମଏମ ଓସାର ୮ଏମଏମ,(୪) ଶିବରୁଢ଼ା କାଳୀ ମା ଙ୍କ ଉଚ୍ଚତା୯ଏମଏମ ଓସାର ୮ଏମଏମ (୫) ଜଗନ୍ନାଥ ମହାପ୍ରଭୁ ଙ୍କ ଉଚ୍ଚତା ୭ଏମଏମ ଓସାର ୫ଏମଏମ( ୬) ଗଣେଶ ଙ୍କ ଉଚ୍ଚତା ୯ଏମମଏମ ଓସାର ୧ଏମଏମ (୭)ଚାମୁଣ୍ଡା କାଳୀ ମା ଙ୍କ ଉଚ୍ଚତା ୮ଏମ ଓସାର ୮ଏମଏମ (୮) ତାରଦେବି ଙ୍କ ଉଚ୍ଚତା ୯ଏମଏମ ୮ଏମଏମ(୯) ହନୁମାନ ଙ୍କ ଉଚ୍ଚତା ୧ଏମଏମ ଓସାର ୮ଏମଏମ (୧୦) ଦକ୍ଷିଣ କାଳି ମାଆ ୯ଏମଏମ ଓସାର ୮ଏମଏମ ରହିଥିବା ବେଳେ ସେ ଏହି ଇଣ୍ଡିଆ ବୁକ ଅଫ ରେକର୍ଡସରେ ସ୍ଥାନ ପାଇଥିବାରୁ ସତ୍ୟଙ୍କୁ ବିଭିନ୍ନ ମହଲ ଶୁଭେଛା ସୁଅ ଛୁଟିଛି ବୋଲି ସେ କହିଛନ୍ତି।

## 'ଏକ ପେଡ଼ ମାଆ କେ ନାମ' କାର୍ଯ୍ୟକ୍ରମ ଶୁଭାରମ୍ଭ

ବାରିପଦା, (ସବ୍ୟୁ) : ବାରିପଦା ପୌରପାଳିକା ଆନୁକୂଲ୍ୟରେ ସ୍ଥାନୀୟ ବେଲଗଡ଼ିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ 'ଏକ ପେଡ, ମାଆ କେ ନାମ' (ମାଆ ପାଇଁ ଗଛଟିଏ) କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦ୍ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥାପନ କରିଥିଲେ ।



ଏହି ଅବସରରେ ମୁଖ୍ୟଅତିଥି କହିଥିଲେ ଯେ, ଆଜି ପବିତ୍ର ଆନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶନରେ ଏହି 'ମାଆ ପାଇଁ ଗଛଟିଏ' ମହାନ କାର୍ଯ୍ୟକ୍ରମ ଦେଶ ବ୍ୟାପି ଚାଲିଛି । ପ୍ରକୃତ ପକ୍ଷେ ବୃକ୍ଷ ହେଉଛି ଆମ ମାଆ ପରି । କାରଣ ବଂଚିବା ପାଇଁ ପ୍ରାଣୀ ଜଗତର ମୌଳିକ ଆବଶ୍ୟକତା ଅମ୍ଳଜାନ ଆମେ ବୃକ୍ଷଠାରୁ ହିଁ ପାଇଥାଉ । ତେଣୁ ଆମେ ସମସ୍ତେ ଯଦି ନିଜ ନିଜ ମାଆ ପ୍ରତି ଶ୍ରଦ୍ଧା ଭକ୍ତି ରଖି ଗୋଟିଏ ଗୋଟିଏ ଗଛ ଲଗାଇବା ତେବେ ପର୍ଯ୍ୟାପ୍ତ ପରିମାଣରେ ଅମ୍ଳଜାନ ପାଇପାରିବା ଏବଂ ସୁସ୍ଥ ରହିବା। ଏହି ଅଭିଯାନରେ ବାରିପଦା ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ୫୩୫ ଟି ବୃକ୍ଷ ଚାରା ରୋପଣ କରାଯିବ। ଲକ୍ଷ୍ୟ ରଖାଯାଇଛି ଏବଂ ଅନ୍ୟାନ୍ୟ ୟୁଏଲବି ରେ ମଧ ଏହି କାର୍ଯ୍ୟକ୍ରମ ହେଉଛି । ଏହାପରେ ମନ୍ତ୍ରୀ ବିଦ୍ୟାଳୟ ପରିସରରେ କିଛି ବୃକ୍ଷ ଚାରା ରୋପଣ କରିଥିଲେ । ବାରିପଦା ପୌର ପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କ ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପୌର ପାଳିକା ଉପାଧକ୍ଷା ସୀମା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ମାଆ ଦୁର୍ଗା ଆଞ୍ଚଳିକ ମହାସଂଘ ସଦସ୍ୟା, ଜନ କଲ୍ୟାଣ ମହାସଙ୍ଘ ସଦସ୍ୟା ଓ ୱାର୍ଡ ନଂ-୧ର ସୁକେଶିନୀ ସେଠୀ, ୱାର୍ଡ ନଂ -୫ର ପୂଜା ତରେଇ, ୱାର୍ଡ ନଂ -୧୯ର ଦିଗବିଜୟ ସିଂ, ୱାର୍ଡ ନଂ -୨୩ର ଅନନ୍ତ କୁମାର ଦାସ, ୱାର୍ଡ ନଂ ୧୧ର -ପ୍ରଭାତୀ ପୃଷ୍ଟି, ୱାର୍ଡ ନଂ -୨୫ର ଜିତା ସିଂ ଓ ୱାର୍ଡ ନଂ - ୨୧ର ଲକ୍ଷ୍ମୀଧର ହାବଡା ପ୍ରମୁଖ କାଉନ୍ସିଲର ଓ ଗଣମାଧମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ।

## ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ବୁଗୁଡା, (ସବ୍ୟୁ) : ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକର ପୋଚାଲୁଣ୍ଡି ଗାଁ ଛକ ବୁଲାଣି ରାସ୍ତାରେ ଦୁର୍ଘଟଣା ଯୋଗୁଁ ଜନୈକ ଯୁବ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି । ମୃତକ ଜଣକ ହେଲେ ବୁଗୁଡା ବ୍ଲକ ଅନ୍ତରପଡ଼ା ପଞ୍ଚାୟତ ଅନ୍ତର୍ଗତ ବଙ୍କିପଲ୍ଲୀ ଗ୍ରାମର ଯୁବକ କୃଷ୍ଣ ନାଇକ (୨୫) । ପ୍ରକାଶ ଯେ, କୋରାପୁଟର ଏକ ରୁଟି ଫ୍ୟାକ୍ଟ୍ରିରେ କାମ କରୁଥିବା କୃଷ୍ଣ ଶନିବାର ଭୋର ସମୟରେ ନିଜ ଗାଁରେ ପହଞ୍ଚିଥିଲା । ତେବେ ପୂର୍ବାହ୍ନ ପ୍ରାୟ ସାଢେ ଏଗାରଟା ସମୟରେ କୌଣସି କାମରେ ସେ ପଲସର ବାଇକ୍ (ନଂ - ଓଡି ୩୨ଏଚ୍ ୭୮୩୬) ଯୋଗେ ବେଲଗୁଣ୍ଠା ବ୍ଲକର ଗୋଠଳି ଗ୍ରାମକୁ ଯାଉଥିବା ବେଳେ ପୋଚାଲୁଣ୍ଡି ଗାଁ ଛକ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥଲେ ।

ଦୁର୍ଘଟଣାରେ ତାଙ୍କର ଛାତି ଓ ଅଣ୍ଟାରେ ଗଭୀର ଆଘାତ ଲାଗିଥିଲା । ତାଙ୍କୁ ସେଠାରୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୁଗୁଡା ମେଡିକାଲକୁ ଅଣାଯାଇଥିଲା ଏବଂ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା ।ଏ ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

## ଶୈବ ପୀଠରେ ଯୋଗ ଦିବସ ପାଳିତ

ଭଞ୍ଜନଗର , (ସବ୍ୟୁ) : ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଭଞ୍ଜନଗର ବେଲେଶ୍ୱର ଶୈବ ପୀଠରେ ଶନିବାର ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଇଛି । ଭଞ୍ଜନଗର ପଞ୍ଚାୟତ ସମିତି ଓ ଭଞ୍ଜନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଯୋଗ ଶିବିରରେ ମୁଖ୍ୟ ଅତିଥି ରୁପେ ଉପଜିଲ୍ଲାପାଳ ଉମାଶଙ୍କର ବେହେରା ,ସମ୍ମାନିତ ଅତିଥି ରୁପେ ଏନଏସି ଉପାଧକ୍ଷା ଶୁଭଶ୍ରୀ ଦାସ ଯୋଗଦେଇଥିଲେ । ଉକ୍ତ ଯୋଗ ଶିବିରରେ ଶରୀର ପ୍ରତି ଯୋଗର ଉପକାରିତା ଓ ଦୈନନ୍ଦିନ ଜୀବନରେ ଯୋଗାଭ୍ୟାସ କରିବା ଉଚିତ ବୋଲି ଅତିଥି ଗଣ ବକ୍ତବ୍ୟ ରେ କହିଥିଲେ ।

ଯୋଗ ଶିବିର ରେ ଉପଜିଲ୍ଲାପାଳ ଶ୍ରୀ ଉମାଶଙ୍କର ବେହେରାଙ୍କ ସମେତ ଭଞ୍ଜନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାରତୀ ଦେବୀ, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ପୁର୍ଣ୍ଣଚନ୍ଦ୍ର ପାଢୀ, ଅତିରିକ୍ତ ତହସିଲଦାର ତଥା ଭାରପ୍ରାପ୍ତ କାର୍ଯ୍ୟନିର୍ବାହି ଅଧିକାରୀ ଅବିନାଶ ମହାର, ଉପଖଣ୍ଡ ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥି, ଅବକାରୀ ଅଧିକାରୀ ଡମ୍ବୁରୁଧର ହରିଜନ, ନଗର ସାସଂଦ ପ୍ରତିନିଧି ସନ୍ତୋଷ କୁମାର ତିଆଡି, ସମସ୍ତ ସରକାରୀ ଅଧିକାରୀ, କର୍ମଚାରି ଗଣ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଓ ଜନସାଧାରଣ ଯୋଗାଭ୍ୟାସ କରିଥିଲେ ।ଯୋଗ ପ୍ରଶିକ୍ଷକ ଯୋଗ ପ୍ରଶିକ୍ଷଣ ଦେଇଥିଲେ । ବ୍ଲକର କନିଷ୍ଠ ଯନ୍ତ୍ରୀ ପ୍ରଫୁଲ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଯୋଗ ମାନସିକ ଚାପ, ଅବସାଦ, ରୋଗରୁ ମୁକ୍ତି ଦିଏ

ଫୁଲବାଣୀ, (ସବ୍ୟୁ) : କୋରୋନେସନ୍ ପଡ଼ିଆ ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଏଥିରେ ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା , ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା ସରକାର ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯୋଗ ମଣିଷ ମାନସିକ ଚାପ, ଅବସାଦ ଓ ବିଭିନ୍ନ ରୋଗରୁ ମୁକ୍ତି ଦିଏ। ଏହା ଶରୀରର ନମନୀୟତା ବୃଦ୍ଧି କରିବା ସହିତ ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିଥାଏ । ଯୋଗର ଉପକାରିତା ଏବଂ ଆବଶ୍ୟକତା ବିଷୟରେ ଅବଗତ ହୋଇ ଏହାକୁ ଜୀବନର ଅଂଶ କରିବା ସହିତ ଏହାର ବ୍ୟାପକ ପ୍ରସାର ପ୍ରସାର କରି ଏକ ସୁସ୍ଥ ସମାଜ ଗଠନରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ ଏବଂ ଯୋଗର ଉପଯୋଗୀତା ବିଷୟରେ ଜାଣି ଏହାକୁ ଏକ ଦୈନନ୍ଦିନ ଅଭ୍ୟାସ ଭାବେ ଗ୍ରହଣ କରିବା ପାଇଁ ଶପଥ ପାଠ କରାଇଥିଲେ । ବିଧାୟକ, ଫୁଲବାଣୀ ଉମା ଚରଣ ମଲ୍ଲିକ ଏବଂ ବିଧାୟକ, ଜି ଉଦୟଗିରି ପ୍ରଫୁଲ ଚନ୍ଦ୍ର ପ୍ରଧାନ ମଧ ଯୋଗର ଉପକାରିତା ବିଷୟରେ ଆଲୋଚନା କରିବା ସହିତ ଏହାକୁ ନିତିଦିନିଆ ଜୀବନରେ ସାମିଲ କରିବାକୁ ପରାମର୍ଶ ଦେଇଥିଲେ ।



ଯୋଗଗୁରୁ ପ୍ରଶାନ୍ତ କୁମାର ଦାସ ଯୋଗ ଅଭ୍ୟାସ ପରିଚାଳନା କରିଥିଲେ । ଜିଲ୍ଲାପାଳ, କନ୍ଧମାଳ ଅମ୍ରି ରତୁରାଜ୍ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), କନ୍ଧମାଳ ରମେଶ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏକ ପେଡ୍ ମାଆ କେ ନାମ କାର୍ଯ୍ୟକ୍ରମରେ ମନ୍ତ୍ରୀ ଏବଂ ବିଧାୟକମାନେ ବୃକ୍ଷରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ, କନ୍ଧମାଳ ହରିଶ ବି. ସି, ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, କନ୍ଧମାଳ ଶମ୍ଭୁନାଥ ନନ୍ଦୀଙ୍କ ସମେତ ବିଭିନ୍ନ ଜନପ୍ରତିନିଧି, ସରକାରୀ ଅଧିକାରୀ, କର୍ମକର୍ତ୍ତା, ଛାତ୍ରଛାତ୍ରୀ, ଗଣମାଧମର ପ୍ରତିନିଧି ଓ ବହୁସଂଖ୍ୟାରେ ଜନସାଧାରଣ ଯୋଗ ଦେଇଥିଲେ ।

# ବାରିପଦାରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାପ୍ରଶାସନ ତତ୍ତ୍ୱାବଧାନରେ ଜିଲ୍ଲା କ୍ରୀଡା ବିଭାଗ, ଜିଲ୍ଲା ପୋଲିସ ଓ ଅବକାରୀ ବିଭାଗ ତଥା ବାରିପଦା ପୌରପାଳିକାଙ୍କ ମିଳିତ ସହଯୋଗରେ ବାରିପଦା ସ୍ଥିତ ଷ୍ଟାଡିଅମ ପଡିଆ ଠାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି ।



ଏହି ଅବସରରେ ଜିଲ୍ଲପାଳ ହେମକାନ୍ତ ସୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡିଶା ସରକାରଙ୍କ ମାନ୍ୟବର ମନ୍ତ୍ରୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥି ଭାବେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଓ ଜିଲ୍ଲାପରିଷଦର ଅଧକ୍ଷା ଭାରତୀ ହାଁସଦାଃ ଯୋଗଦାନ କରିଥିଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ପ୍ରମୁଖ ଯୋଗଦାନ କରିଥିଲେ। ମୁଖ୍ୟଅତିଥି ଓ ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି କହିଥିଲେ ଯେ ସାମ୍ପ୍ରତିକ ପରିସ୍ଥିତି ରେ ଦୈନନ୍ଦିନ ଜୀବନ ଚର୍ଯ୍ୟାରେ ଯୋଗର ଭୂମିକା ଗୁରୁତ୍ୱପୂର୍ଣ୍ଣ ନିୟମିତ ଯୋଗ ସାଧନା ଦ୍ୱାରା ନିଜ ଶରୀରକୁ ନିରୋଗ ରଖିବା ସହିତ ଏକ ସୁସ୍ଥ ପୃଥିବୀ ଗଠନ କରିବା ଦିଗରେ ଏହା ସହାୟକ ହେବ ବୋଲି ଚଳିତ ବର୍ଷ ଯୋଗ ଦିବସ ର ବିଷୟ ବସ୍ତୁ 'ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ମାଧ୍ୟମରେ ମତପୋଷଣ କରିଥିଲେ। ବିଶେଷ କରି ଆଜିକାଲି ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ସାଙ୍ଗକୁ ଲୋକମାନଙ୍କ ବ୍ୟସ୍ତବହୁଳ ଜୀବନ ଶୈଳୀ ହେତୁ ନିଜ ଶରୀର ପ୍ରତି ଉପଯୁକ୍ତ ଧ୍ୟାନ ନଦେବା ତଥା ଶରୀର କୁ କ୍ଷତି ପହଞ୍ଚଉଥିବା ବିଭିନ୍ନ ପ୍ରକାର ଖାଦ୍ୟ ଗ୍ରହଣ ଯୋଗୁଁ ଅଧିକାଂଶ ଲୋକ ରକ୍ତଚାପ, ମଧୁମେହ, ହୃଦଘାତ, ଆଜମା, ବୃକ୍କ କାର୍ଯ୍ୟ ନକରିବା, ଆଣ୍ଠୁ ଗଣ୍ଠି ଓ ମେରୁଦଣ୍ଡ ଯନ୍ତ୍ରଣା ତଥା ସ୍ନାୟୁ ଜନିତ ସମସ୍ୟା, ନିଦ୍ରାହୀନତା, ଅର୍ଦ୍ଧକପାଳି ମୁଣ୍ଡ ବ୍ୟଥା ଇତ୍ୟାଦି ବିଭିନ୍ନ ରୋଗ ରେ ଆକ୍ରାନ୍ତ ହେବାର ଦେଖା ଯାଉଛି ଯାହାକି ନିୟମିତ ଯୋଗ ଭ୍ୟାସ ଦ୍ୱାରା କେତେକାଂଶରେ ଭଲ ହୋଇ ଯିବାର ସମ୍ଭାବନା ରହିଛି ।

ତେଣୁ ଦୈନନ୍ଦିନ ଜୀବନ ଚର୍ଯ୍ୟାରେ ସମସ୍ତେ ଯୋଗକୁ ଏକ ଅଂଶଭାବେ ଗ୍ରହଣ କରନ୍ତୁ ଏବଂ ନିଜକୁ ସୁସ୍ଥ ରଖିବା ପାଇଁ ପ୍ରତ୍ୟେକ ଦିନ କିଛି ସମୟ ଯୋଗଭ୍ୟାସ କରିବା ପାଇଁ ପରାମର୍ଶ ଦେଇଥିଲେ । କାରଣ ନିୟମିତ ଯୋଗ କ୍ରିୟା ଯେ, କେବଳ ଶାରୀର କୁ ସୁସ୍ଥ ରଖିଥାଏ ତା ନୁହେଁ ବରଂ ମାନସିକ ଶାନ୍ତି ପ୍ରଦାନ କରିଥାଏ ଓ ବୌଦ୍ଧିକ ଜ୍ଞାନର ବିକାଶ ଘଟାଇ ଥାଏ ବୋଲି ମତବ୍ୟକ୍ତ କରିଥିଲେ । ସିଧାପ୍ରସାରଣ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଏହି ପବିତ୍ର ଦିବସରେ ଅଭିଭାଷଣ ପରେ ଈଶ୍ୱରଙ୍କୁ ପ୍ରାର୍ଥନା ସହ ଏକ ଶାନ୍ତସ୍ନିଗ୍ଧ ପରିବେଶ ମଧ୍ୟରେ ସାମୁହିକ ଯୋଗ କ୍ରିୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ବର୍ଗର ଯଥା ଛାତ୍ରଛାତ୍ରୀ, ଯୁବକ ଯୁବତୀ, ମହିଳା ପୁରୁଷ, ବରିଷ୍ଠ ନାଗରିକ ସରକାରୀ ପଦାଧିକାରୀ ଓ କର୍ମଚାରୀ, ଶିକ୍ଷକ ଶିକ୍ଷୟିତ୍ରୀ, ବିଭିନ୍ନ ଯୋଗ ଅନୁଷ୍ଠାନର ପ୍ରଶିକ୍ଷକ, ପ୍ରଶିକ୍ଷାର୍ଥୀ ଓ କର୍ମକର୍ତା ଏବଂ ସମାଜରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷଙ୍କୁ ମିଶାଇ ପାଖାପାଖି ୧୦୦୦ରୁ ଉର୍ଦ୍ଧ ଅଂଶଗ୍ରହଣ କରିଥିଲେ । ସରକାରଙ୍କ ଦ୍ୱାରା ପ୍ରଦତ୍ତ ମାର୍ଗଦର୍ଶିକା ଅନୁସାରେ ବିଭିନ୍ନ ପ୍ରକାର ୨୦ଟି ଯୋଗ କ୍ରିୟା ସମ୍ପାଦନ କରାଯାଇଥିଲା । ଏହାପରେ ଯୋଗ ଦିବସ ଉପଲକ୍ଷେ ସାମୁହିକ ଶପଥ ପାଠ ସହିତ କାଯ୍ୟକ୍ରମ କୁ ସମାପନ କରାଯାଇଥିଲା ।

ଯୋଗ ଗୁରୁ ଜ୍ୟୋତି ରଞ୍ଜନ ଦାସ ତାଙ୍କ ଛାତ୍ରୀ ଜ୍ୟୋତି ବାରିକ, ସଂଗୀତା ପାଢ଼ୀ ଓ ଲଟାଶା ଖୁରାନଙ୍କ ଦ୍ୱାରା ଯୋଗ କ୍ରିୟା କରାଇଥିଲେ। ଆଜିର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଖଣ୍ଡ ସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ, ସହରର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଓ ଗଣମାଧମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ ଜିଲ୍ଲା କ୍ରୀଡା ଅଧିକାରୀ ସୁଭାଶିଷ ନାୟକ, ଅବକାରୀ ଅଧିକାରୀ ପ୍ରଶାନ୍ତ କହଁର ଓ ପୌର ପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟାକ୍ରମକୁ ପୂର୍ବତନ ବରିଷ୍ଠ କ୍ରୀଡା ଅଧିକାରୀ କୁମାର ରଞ୍ଜନ ପଣ୍ଡା ପରିଚାଳନା କରିଥିବାବେଳେ ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସୁଚାରୁ ରୂପେ ସମ୍ପାଦନ ହୋଇଥିଲା ।

## କବିସମ୍ରାଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ

କୁଲାଡ଼, (ସବ୍ୟୁ) :ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକ କୁଲାଡ କବିସମ୍ରାଟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ଆନ୍ତର୍ଜାତୀୟ ଯୋଗ ଦିବସ ଅନୁଷ୍ଠାନର ଅଧକ୍ଷ ଗୌରୀ ନନ୍ଦନ ହୋତା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶତାଧିକ ଛାତ୍ର ଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଧାପକ ଅଧାପିକା, ଅଣ ଶିକ୍ଷକଙ୍କ ସମେତ ଭଞ୍ଜନଗର ରୋଟାରୀ କ୍ଲବ ର ସଭାପତି ରଞ୍ଜିତ କୁମାର ବାରିକ ଓ ସଭ୍ୟବୃନ୍ଦ ଅଂଶ ଗ୍ରହଣ କରିଥିଲେ । ବିଦ୍ୟାଳୟ ଏନସିସି ଶିକ୍ଷକ ସୂର୍ଯ୍ୟ ନାରାୟଣ ବେହେରା ଓ କ୍ରୀଡ଼ା ଶିକ୍ଷକ ଆଲୋକ କୁମାର ସ୍ୱାଇଁ ଯୋଗ ଉପରେ ଶିକ୍ଷା ପ୍ରଦାନ କରିଥିବା ବେଳେ ବିଦ୍ୟାଳୟ ଅଧକ୍ଷ୍ୟଶ୍ରୀ ହୋତା, ବରିଷ୍ଠ ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ମଲ୍ଲିକ, ଶିକ୍ଷୟତ୍ରୀ ଶୁଭଶ୍ରୀପ୍ରଧାନ,ସ୍ୱାଗତିକା ସ୍ୱାର ଦିପୀକା ରଥ, ପ୍ରମୁଖ ଯୋଗର ଉପକାରୀତା ଉପରେ ନଜ ନିଜର ବକ୍ତବ୍ୟ ରଖି ଥିଲେ। ବରିଷ୍ଠ ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ ।



# ପୁଣି ଫେରିଲା ଦାଦନ ଶ୍ରମିକର ଶବ



ସଇନ୍ତଳା,(ସବ୍ୟୁ): ବଲାଙ୍ଗିର ଜିଲ୍ଲାର ଗ୍ରାମାଞ୍ଚଳରେ ଦିନକୁ ଦିନ ଦାଦନ ଶ୍ରମିକ ସମସ୍ୟା ବଢ଼ିବାରେ ଚାଲିଛି। ଯୁବକଙ୍କୁ ସ୍ଥାନୀୟ ନିଯୁକ୍ତି ଦେବାରେ ଏକ ପ୍ରକାର ବିଫଳ ହୋଇଛି ଜିଲ୍ଲା ପ୍ରଶାସନ। ଗତ ଗୋଟିଏ ବର୍ଷ ଭିତରେ ସଇନ୍ତଳା ଅଞ୍ଚଳର ଦୁଇରୁ ଅଧିକ ଦାଦନ ଶ୍ରମିକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଶବ ହୋଇ ଫେରିଥିବା ବେଳେ ଶନିବାର ଆଉ ଜଣେ ଦାଦନ ଶ୍ରମିକର ଶବ ଗାଁକୁ ଫେରିଛି। ସୂଚନା ମୁତାବକ ସଇଁତଳା ବ୍ଲକ ଧରବଗଡ଼ ପଞ୍ଚାୟତ ପେଣ୍ଡରାମାଲ ଗାଁର ପରକ୍ଷିତ ମାଝୀଙ୍କ ୨୦ ବର୍ଷୀୟ ପୁଅ ଜଗନି ମାଝୀ ଗତ ୨ ମାସ ପୂର୍ବେ ବାହାର ରାଜ୍ୟ ଗୁଜରାଟର ଭୁଜ ଅଞ୍ଚଳକୁ ଏକ ଠିକା ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ତେବେ ୪ ଦିନ ପୂର୍ବେ ସେଠାରେ କୌଣସି କାରଣରୁ ତାଙ୍କ ମୃତ୍ୟୁ ହୋଇଥିଲା। ଅର୍ଥାଭାବରୁ ମୃତ୍ୟୁର ୪ ଦିନ ବିତି ଯାଇଥିଲେ ମଧ୍ୟ ଶବ ଗାଁ କୁ ଫେରି ପାରିନ ଥିଲା । ତେବେ ବହୁ କଷ୍ଟ କରି ଅର୍ଥଯୋଗାଡ଼ କରି ପରିବାର ଲୋକେ ପଠାଇବା ପରେ ମୃତଦେହ ଗାଁକୁ ଫେରିଥିଲା। ତେବେ ପରିବାରର ରୋଜଗାରିଆ ପୁଅ ଜଗନ ହୋଇଥିବାରୁ ଏବେ ପରିବାରର ମେରୁଦଣ୍ଡ ଭାଙ୍ଗି ପଡ଼ିଛି। ତେବେ ଦିନକୁ ଦିନ ଦାଦନ ଶ୍ରମିକ ବେଆଇନ ଭାବେ ଚାଲାଣ ହୋଉଥିବା ବେଳେ ଏହାକୁ ରୋକିବା ପାଇଁ ଫେଲ ମାରିଛି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ବୋଲି ଅଭିଯୋଗ ହେଉଛି । ଅନ୍ୟପଟେ ସରକାର ଦାଦନ ରୋକିବା ପାଇଁ ଟାସ୍କ ଫୋର୍ସ ଗଠନ କରିଥିଲେ ହେଁ ସରକାରର ଟାସ୍କ ଫୋର୍ସକୁ ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି। ତେବେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଓ ମନରେଗା ଯୋଜନାର ସଠିକ ଉପଯୋଗ କରିବା ପାଇଁ ସଧାରଣରେ ଦାବି ହେଉଛି।

# ଡାଇରିଆ ନିରାକରଣ ନେଇ ସମୀକ୍ଷା ବୈଠକ

ଭବାନୀପାଟଣା, (ସବ୍ୟୁ): କଳାହାଣ୍ଡି ଜିଲ୍ଲାସ୍ତରୀୟ ଡାଇରିଆ ନିରାକରଣ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସଓ୍ୱାନ ହଲରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସମୀକ୍ଷା ବୈଠକରେ ଅଭାଷୀ ମାଧ୍ୟମରେ ଜିଲ୍ଲାର ସମସ୍ତ ତହସିଲଦାର, ବିଡିଓ, ସହରାଞ୍ଚଳ ନିର୍ବାହୀ ଅଧିକାରୀ, ଜିଲ୍ଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଅଂଶ ଗ୍ରହଣ କରିଥିଲେ । ବିଶେଷ କରି ଜିଲ୍ଲାର ସହରାଞ୍ଚଳ ଭବାନୀପାଟଣା, ଧର୍ମଗଡ଼, ଜୁନାଗଡ, କେସିଙ୍ଗା ତଥା ବ୍ଲକସ୍ତରରେ ଥିବା ସମସ୍ତ ନାଳ ନର୍ଦ୍ଦମା, ଅଳିଆ ଆବର୍ଜନା, ପାଣିଜମି ରହୁଥିବା ସ୍ଥାନ ଇତ୍ୟାଦିକୁ ସଫାସୁତୁରା କରାଇ ଆବଶ୍ୟକ ଫିନାଇଲ, ବ୍ଲିଚିଙ୍ଗ ପକାଇ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବ୍ଲକ ସ୍ତରରେ ବିଡିଓ, ତହସିଲଦାର, ମେଡ଼ିକାଲ ଅଫିସର, ଗୋଷ୍ଠୀ ଶିକ୍ଷା ଅଧିକାରୀ, ସିଡିପିଓଙ୍କୁ ନେଇ ଏକ କମିଟି ଗଠନ କରି ସ୍ୱଚ୍ଛତା ଓ ଡାଇରିଆ ନିରାକରଣର ସଚେତନତା ବାର୍ତ୍ତା ଗ୍ରାମପଞ୍ଚାୟତରୁ ଗାଁ ପର୍ଯ୍ୟନ୍ତ ଘରକୁ ଘର ବୁଲି ଅଙ୍ଗନବାଡି, ଆଶା କର୍ମୀମାନେ ଲୋକଙ୍କୁ ଡାଇରିଆ ନିରାକରଣ ନିମନ୍ତେ ଆବଶ୍ୟକ ସତର୍କତା ଓ ସଚେତନତାର ବାର୍ତ୍ତା ଦେବାପାଇଁ ଏବଂ ବିଡିଓ, ତହସିଲଦାର ଏହାର ତଦାରଖ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସ୍ୱାସ୍ଥ୍ୟ ସଚେତନତା ଡାଇରିଆ ନିରାକରଣ ଦିଗରେ ଅଧିକ ଯତ୍ନବାନ ହୋଇ କାର୍ଯ୍ୟକରିବା, ଖାଦ୍ୟ ନିରୀକ୍ଷକଙ୍କ ଦ୍ୱାରା ଦୋକାନ,ବଜାର,ହୋଟେଲ ରେ ଉପଲବ୍ଧ ଖାଦ୍ୟର ଗୁଣବତ୍ତା ରେଗୁଲାର ଚେକ କରିବା ପାଇଁ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ, ହଷ୍ଟେଲ ପରିବେଶ ସଫାସୁତୁରା ରଖିବା, ଛାତ୍ରଛାତ୍ରୀଙ୍କୁ ଡାଇରିଆ ନିରାକରଣ ନିମନ୍ତେ ସଚେତନ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢୀ, ପ୍ରୋବେଶନାରୀ ଆଇଏଏସ ଅନିମେଷ ପ୍ରଧାନ, ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡା, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ରାକେଶ କୁମାର ସାହୁ,ଜିଲ୍ଲା ସାମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପ ସିଂ ରାଉତଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଆଭାଷୀ ମାଧ୍ୟମରେ ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର ଏହି ସମୀକ୍ଷା ବୈଠକରେ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

# ବିଭିନ୍ନ ବିଦ୍ୟାଳୟରେ ଯୋଗ ଦିବସ ପାଳିତ

ସିନାପାଲ,(ସବ୍ୟୁ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଗୋଡ଼ାଲ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ଶନିବାର ପାଳିତ ହୋଇଯାଇଛି । ଏଥିରେ ବିଦ୍ୟାଳୟ ଗୁଡ଼ିକର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଭାଗ ନେଇଥିବା ଦେଖିବାକୁ ମିଳିଛି । କ୍ଲଷ୍ଟରର ଚଳନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶିବପ୍ରସାଦ ମେହେରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଯୋଗ ଶିବିରରେ ମମିତା ପଟ୍ଟଯୋଷୀ, ବୈଷ୍ଣବ ମେହେର, କିଶୋର ମେହେର, ସୁମିତ୍ରା ମେହେର ପ୍ରମୁଖ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ରହି ଯୋଗ ଦିବସ ପାଳନର ଉଦ୍ଦେଶ୍ୟ ବିଷୟରେ ଅବଗତ କରିବା ସହ ଯୋଗାଭ୍ୟାସ କରାଇଥିଲେ । ସେହିଭଳି କ୍ଲଷ୍ଟରର ଗୋଡ଼ାଲ ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମେତ ମହଗାଁ, କୋଟାମାଲ, ସରଧାପୁର, ନଦୀଗାଁ, କର୍ଲାପାଣି, ଘଣ୍ଟିଗୁଡ଼ା ଆଦି ଗ୍ରାମର ବିଭିନ୍ନ ବିଦ୍ୟାଳୟରେ ଯୋଗ ଦିବସ ପାଳନ କରାଯାଇଛି । ଏଥିସହ ସିନାପାଲି ବ୍ଲକର ଅନ୍ୟ ପନ୍ଦର ଗୋଟି କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରେ ମଧ୍ୟ ଯୋଗ ଦିବସ ପାଳନ କରାଯାଇଥିଲା ।

# ସେବା ଓ ବିକାଶ ମେଳା ସଚେତନତା ଶିବିର ଉଦଯାପିତ

ମୁରିବାହାଲ ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଟୁପା ଉଡାର, ଲେବଡା ଓ ବିଟାବନ୍ଧ ଗ୍ରାମ ପଞ୍ଚାୟତସ୍ତରୀୟ 'ସେବା ଓ ବିକାଶ ବାହାନ ଯାତ୍ରା' ଉପରେ ସଚେତନତା ଶିବିର ତଥା ବିକାଶ ମେଳା ଶନିବାର ଉଦଯାପିତ ହୋଇଯାଇଛି। ଟୁପାଉଡାର ପଞ୍ଚାୟତରେ ବିଡ଼ିଓ ବାସନ୍ତୀ ସେଠୀଙ୍କ ଅଧ୍ୟକ୍ଷତାରେ ତଥା ବ୍ଲକ ଅର୍ଥ ଅଧିକାରୀ ଓ ନୋଡ଼ାଲ ଅଧିକାରୀ ଘେନୁରାମ ତାଣ୍ଡିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଚେତନତା ଶିବିରରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଏକ ପେଡ ମା କେ ନାମରେ ଚାରା ରୋପଣ କରି ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର,ସରପଞ୍ଚ ଅର୍ଣ୍ଣ ବାଗ,ବିଧାୟକ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା ,ଜିଡିପିଓ ଗଙ୍ଗାଧର ଛତର,ଓଏଲଏମ ବିପିଏମ ଡ. ଗୋପାଳକୃଷ୍ଣ ଦୀପ, ,ବିଏସଏସଓ ରିଙ୍କୁ ମେହେର,ପିଇଓ ରଶ୍ମୀରଞ୍ଜନ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତର ୧୬ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା,୫ଜଣଙ୍କୁ ରାସନ କାର୍ଡ ଓ ୫ଜଣଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ କାର୍ଡ ପ୍ରଦାନ କରାଯାଇଥିଲା। ଲେବଡ଼ା ପଞ୍ଚାୟତଠାରେ ବ୍ଲକ ବିତ୍ତ ଅଧିକାରୀ ଶ୍ରୀ ତାଣ୍ଡିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବ୍ଲକ ଅଧକ୍ଷ ଶ୍ରୀ ମେହେର,ସମ୍ମାନିତ ଅତିଥି ସରପଞ୍ଚ ଦମୟନ୍ତୀ ହାତୀ,ସମିତି ସଭ୍ୟ ଦୁଷ୍ମନ୍ତ ନାଗ,ବିଧାୟକ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା,ଜିପିଡିଓ ଗଙ୍ଗାଧର ଛତର,ପିଇଓ ଅର୍ଜୁନ ଛୁରା,ଡବ୍ଲୁଇଓ ଭୀମରାମ ମାଝୀ,ବିଏସଏସଓ ରିଙ୍କୁ ମେହେର, ଏଡିଇଓ ଦୁର୍ଯୋଧନ ଦଣ୍ଡସେନା,ନର୍ବେ ହାତୀ ପ୍ରମୁଖଙ୍କ ସହ ସମସ୍ତ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୪ଜଣଙ୍କୁ ରାସନ କାର୍ଡ,୧୫ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା,୫ଜଣଙ୍କୁ ଆବାସ ଯୋଜନା ଓ ଅନ୍ୟ ୫ଜଣଙ୍କୁ କିସାନ କ୍ରେଡିଟ କାର୍ଡ ପ୍ରଦାନ କରାଯାଇଥିଲା। ସେହିପରି ବିଟାବନ୍ଧ ପଞ୍ଚାୟତରେ ସରପଞ୍ଚ କଲ୍ୟାଣୀ ଘିବେଲା, ସମିତି ସଭ୍ୟା ଜ୍ୟୋସ୍ନା ରଣା,ବିଧାୟକ ପ୍ରତିନିଧି ଶ୍ରୀ ହେର୍ଣ୍ଣା,ପିଇଓ ରଞ୍ଜନ କୁମାର ରଣା,ବିପିସି ରବୀନ୍ଦ୍ର ବେହେରା, ବିଆରସି ଶ୍ରୀକାନ୍ତ ଜେନା,ଏଡ଼ିଇଓ ଜାର୍ମିୟ ନନ୍ଦ ପ୍ରମୁଖ ଯୋଗଦେଇ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ।ଏହି ସମସ୍ତ କାର୍ଯ୍ୟକ୍ରମରେ ୩ଟି ପଞ୍ଚାୟତର ଓ୍ୱାର୍ଡ ସଭ୍ୟ/ସଭ୍ୟା,ଯୋଗାଣ ସହାୟକ,ଜିଓଟେଗ,ଏମବିକେ,ସିଆରପି,ମହିଳା ଏସଏଚଜିର ସଦସ୍ୟାଙ୍କ ସହ ଶତାଧିକ ଦଳୀୟ କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ ।

# ସହିଦ ରେଣ୍ଡୋ ମାଝିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ଭବାନୀପାଟଣା,(ସବ୍ୟୁ): ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲାର ବରପୁତ୍ର ଓ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ସେମାନଙ୍କ ଜନ୍ମସ୍ଥାନକୁ ସ୍ମାରକିରେ ରୂପାନ୍ତରିତ କରିବା ଅବସରରେ ଶହୀଦ ରେଣ୍ଡୋ ମାଝିଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ଜନ୍ମସ୍ଥଳୀ ଉର୍ଲାଦାନି ସ୍ଥିତ ରେଣ୍ଡୋ ମାଝିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସ୍ମୃତି ପୀଠରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ଉର୍ଲାଦାନୀ ଠାରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଜିଲ୍ଲାପାଳ କଳାହାଣ୍ଡି ପାଓ୍ୱାର ସଚିନ ପ୍ରକାଶ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢୀ, ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡା,ଜିଲ୍ଲା ବି ଜେ ପି ସଭାପତି,ଯୁଗଳ କିଶୋର ପୋଡ଼, ସଂସାଦ କଳାହାଣ୍ଡିଙ୍କ ପ୍ରତିନିଧି ଜୟ ଶଙ୍କର ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ସ୍ଥାନୀୟ ବି.ଡି.ଓ. ତହସିଲଦାର, ସରପଞ୍ଚ, ପି.ଆର୍.ଆଇ. ସଦସ୍ୟ, ଜନସାଧାରଣ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଶହୀଦ ରେଣ୍ଡୋ ମାଝୀଙ୍କ ପ୍ରତିମୂର୍ତ୍ତୀ ଅତିଥି ମାନଙ୍କ ଦ୍ୱାର ମାଲ୍ୟାର୍ପଣ କରାଯାଇ ଶହୀଦଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ସହିଦ ରେଣ୍ଡୋ ମାଝିଙ୍କ ଦାୟାଦଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ପାଢି ଧନ୍ୟବାଦ ଅର୍ପଣ କରିଥିଲେ ।

# ପୋଖରୀରୁ ବାହାରୁଛି ଅଜବ ଶବ୍ଦ, ଲୋକେ ଭୟଭୀତ



ହରଭଙ୍ଗା,(ସବ୍ୟୁ): ନିମ୍ବ ଗଛରୁ ଖିର ବାହାରିବା ଭଳି ଦୃଶ୍ୟ ଅନେକ ଦେଖିଥିବେ କିନ୍ତୁ ପୋଖରି ଭିତରୁ ଶବ୍ଦ ବାହାରୁ ଥିବା କଥା କେହି ଶୁଣି ନ ଥିବେ । ଅଭଲୀ ଏକ ଆଶ୍ଚର୍ଯ୍ୟ କଳା ଭଳି କଥା ସାମ୍ନାକୁ ଆସିଛି ହରଭଙ୍ଗା ବ୍ଲକ୍ ଅଞ୍ଚଳରେ । ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଅନ୍ତର୍ଗତ କୁଶଙ୍ଗ ପଞ୍ଚାୟତର ସଂକୁରୀସ୍ଥିତ ଏକ ପୋଖରୀ ମଧ୍ୟରୁ ଅଜବ ଶବ୍ଦ ବାହାରୁଥିବା ଭଳି ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଏପରି ଶବ୍ଦକୁ ନେଇ ଲୋକଙ୍କ ମଧ୍ୟରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି। ବର୍ତମାନ ସମୟରେ ପୋଖରୀ ମଧ୍ୟରେ ମାତ୍ର ଏକ ଫୁଟ ଉଚ୍ଚରେ ପାଣି ଥିବା ବେଳେ ଅନାବନା ଗଛରେ ପୋଖରୀଟି ପରିପୂର୍ଣ୍ଣ ରହିଛି। ଗୁରୁବାର ବିଳମ୍ବିତ ରାତ୍ରିରୁ ପୋଖରୀ ମଧ୍ୟରୁ ମେସିନ ଚାଲିଲା ଭଳି ଶବ୍ଦ ବାହାରୁଥିବା ଘଟଣାକୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି। ଏଭଳି ଏକ ଘଟଣା ଦେଖିବାପାଇଁ ସେଠାରେ ଲୋକଙ୍କ ଭିଡ଼ ଜମିଛି। ଏ ଦିଗରେ ପୁଲିସ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ବେଆଇନ କାଠ ଚାଲାଣ, ନୀରବଦ୍ରଷ୍ଟା ବନ ବିଭାଗ



କୋକସରା,(ସବ୍ୟୁ): ଧର୍ମଗଡ ଦକ୍ଷିଣ ବନାଞ୍ଚଳ ବେହେରା ଫରେଷ୍ଟ ସେକ୍ସନ ଅଧୀନରେ ଥିବା ଗୋତମୁଣ୍ଡା, ସାନପୋଡାଗୁଡା ଅଞ୍ଚଳରୁ ଦୀର୍ଘ ମାସ ହେବ ବେଆଇନ ଭାବେ କାଠ ମାଫିଆ ମାନେ ଟ୍ରକ୍ ଟ୍ରକ୍ କାଠ ଚାଲାଣ ହେଉଛି। କିନ୍ତୁ ବନ ବିଭାଗ ସବୁ ଜାଣିଶୁଣି କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନଥିବା ଅଭିଯୋଗ ହେଉଛି। ଫଳରେ ଜନ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମତେ ଗତ କିଛି ମାସ ହେଲା ନବରଙ୍ଗପୁର ଅଞ୍ଚଳର କାଠ ମାଫିଆ ମାନେ ଆସି ଏହି ଅଞ୍ଚଳରେ ଆଡ୍ଡା ଜମାଇ ସ୍ଥାନୀୟ କିଛି ଲୋକଙ୍କୁ ହାତ କରି ଅସାଧୁ ବନ ବିଭାଗ କର୍ମଚାରୀଙ୍କ ସହ ମିଶି ଲୋକଙ୍କ ଚାଷ ଜମି ଓ ବିଭିନ୍ନ ସ୍ଥାନରେ ଥିବା ସରକାରୀ ଜମି, ନଈ, ନାଲାରୁ ଅର୍ଜୁନ ଗଛ ଗୁଡ଼ିକୁ କାଟି ବିନା ଅନୁମତିରେ ଚାଲାଣ କରୁଥିବା ଦେଖିବାକୁ ମିଳୁଛି।

ସାଧାରଣତଃ ନିଳଗିରି, ବାଉଁଶ, ଛୋଟ ଚାକୁଣ୍ଡା, ବମୁର ଆଦି ଗଛ ପାଇଁ ବିଭାଗୀୟ ଅନୁମତି ଦରକାର ନାହିଁଛ ଫ୍ରି ସେଲ୍ ରହିଛି। ବେସରକାରୀ ଭାବେ ଗଛକୁ ଚାଲାଣ କରିବାକୁ ହେଲେ ବନ ବିଭାଗର ଅନୁମତି ଆବଶ୍ୟକ ରହିଛି। ତେବ ଜିଲ୍ଲା ବାହାରର କାଠ ମାଫିଆ ମାନେ ଗୋତମୁଣ୍ଡା, ସାନପୋଡାଗୁଡା ଅଞ୍ଚଳର ଚାଷୀମାନଙ୍କ କ୍ଷେତରେ ଥିବା ଅର୍ଜୁନ ଗଛ ଗୁଡିକୁ ଅଳ୍ପ କିଛି ଟଙ୍କା ଦେଇ ଶାଗ ମାଛ ଦରରେ କିଣି ଟ୍ରକ ଟ୍ରକ ଚାଲାଣ କରୁଥବା ଜଣାପଡିଛି। ଅନେକ ମୂଲ୍ୟବାନ ଗଛ ଗୁଡ଼ିକୁ ମଧ ନିଳଗିରି ଗଛ ନାଁରେ ଟ୍ରକ୍ ରେ ଭର୍ତ୍ତି କରି ଚାଲାଣ କରୁଥିବା ଜଣାପଡିଛି। ଯଦି କୌଣସି ବ୍ୟକ୍ତି ଦରକାର ସମୟରେ ନିଜ ଜମିରୁ ମଧ ଗଛ କାଟିବାକୁ ହେଲେ ସ୍ଥାନୀୟ ସରପଞ୍ଚ କିମ୍ବା ରାଜସ୍ ବିଭାଗକୁ ଲିଖିତ ଭାବେ ପ୍ରଥମେ ଜଣାଇବାକୁ ପଡ଼ିଥାଏ। ଏହାପରେ ରାଜସ୍ ବିଭାଗ ପକ୍ଷରୁ ସ୍ଥାନ ଯାଞ୍ଚ କରି ଚିହ୍ନଟ କରିବା ପରେ ଅନୁମତି ପାଇଁ ବନ ବିଭାଗକୁ ଅନଲାଇନ୍ ମାଧ୍ୟମରେ ଆବେଦନ କରାଯାଇଥାଏ ଏବଂ ପରବର୍ତ୍ତି ସମୟରେ ଅନୁମତି ମିଳିଲେ ଗଛ କଟାଯାଇଥାଏ। ଏହାବାଦ୍ ମଧ ଅନ୍ୟ ସ୍ଥାନକୁ ଚାଲାଣ କରିବାକୁ ହେଲେ ବନ ବିଭାଗର ଏସିଏଫ କିମ୍ବା ଡିଏଫ୍‌ଓଙ୍କ ଠାରେ ଟ୍ରାନ୍ସପୋର୍ଟ ପରମିଟ ନେବାକୁ ପଡିଥାଏ। ହେଲେ ଏଠାରେ କିନ୍ତୁ ସମ୍ପୂର୍ଣ୍ଣ ଓଲଟା ଦେଖିବାକୁ ମିଳୁଛି। ହଜାର ହଜାର ଅର୍ଜୁନ ଗଛ ବିନା ଅନୁମତିରେ ମେସିନ ଲଗାଇ କାଟି ଦିଆଯାଇଛି। ସ୍ଥାନୀୟ ଅଞ୍ଚଳର କିଛି ଦଲାଲକୁ ଧରି ଜିଲ୍ଲା ବାହାରକୁ ଚାଲାଣ କରାଯାଇଛି। ଏହାସତ୍ତ୍ୱେ ମଧ ବନ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ତେବେ ଏଠାରେ ପ୍ରଶ୍ନ ଉଠେ ଯେ' ଏତେ ପରିମାଣରେ ଗଛ ବିନା ଅନୁମତିରେ କେମିତି ଜିଲ୍ଲା ବାହାରକୁ ଚାଲାଣ ହେଉଛି, ତାହା ବନ ବିଭାଗ ଓ କାଠ ମାଫିଆଙ୍କ ସଲାସୁତୁରା ଥିବା ଏହି ଘଟଣାକୁ ସ୍ପଷ୍ଟ ପ୍ରମାଣିତ କରୁଛି। ଏହି ଅଞ୍ଚଳ ବନ ସୁରକ୍ଷା ସମିତିର କିଛି ଲୋକ ଏହି କାଠ ଚାଲାଣ କରବାରରେ ସଂଶ୍ଳିଷ୍ଟ ଥିବା ଜଣାପଡିଛି। ଏ ନେଇ ଧର୍ମଗଡ଼ ବନାଞ୍ଚଳ ଅଧିକାରୀ ଭବାନୀ ଶଙ୍କର କାଉରଙ୍କ ପ୍ରତିକ୍ରିୟା ନେବାରୁ ଘଟଣା ସମ୍ପର୍କରେ ଅବଗତ ଅଛୁ, ସେହି ଅଞ୍ଚଳର ଲୋକଙ୍କୁ ସଚେତନ କରାଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ହେଲେ କୌଣସି ଗୋଟିଏ ଗାଁରେ ମଧ ସଚେତନ କରିନଥିବା ଲୋକମାନେ ଅଭିଯୋଗ କରିଛନ୍ତି। ଏନେଇ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ନଦେଲେ ଏ ଅଞ୍ଚଳର ଅର୍ଜୁନ ଗଛ ସମ୍ପୂର୍ଣ୍ଣ ଲୋପ ପାଇଯିବ ବୋଲି ପରିବେଶବିତ ମାନେ କହିଛନ୍ତି ।

# ଖପ୍ରାଖୋଲରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଖପ୍ରାଖୋଲ,(ସବ୍ୟୁ): ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ଶନିବାର ପାଳିତ ହୋଇଯାଇଛି। ବ୍ଲକସ୍ତରୀୟ ଯୋଗ ଦିବସରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ଉପ ମୁଖ୍ୟ ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ପୂର୍ବତନ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ପୂଜା ପାଠ କରି ଯୋଗ ଦିବସର ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହିତ ଯୋଗ, ବ୍ୟାୟାମ ଓ ଧ୍ୟାନ ପ୍ରତିଦିନ କରିବାକୁ ଅନୁରୋଧ କରିଥିଲେ। ଯୋଗ ଶିବିରର ବ୍ଲକ କର୍ମଚାରୀ, ଅଙ୍ଗନଓ୍ୱାଡ଼ି କର୍ମୀ, ଗଣମାଧ୍ୟମ ପ୍ରତିନିଧି, ଅଗ୍ନିଶମ କର୍ମଚାରୀ, ବନ ବିଭାଗ କର୍ମଚାରୀ,କୃଷି ବିଭାଗ କର୍ମଚାରୀ ଯୋଗଦେଇଥିଲେ। ପ୍ରମୋଦ କୁମାର ବାଗ ଓ ଡୋଲାମଣି ପଧାନ ଯୋଗ ଶିକ୍ଷା ଦେଇଥିଲେ।

# ଜୁନାଗଡ଼ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଜୁନାଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ପରିସରରେ ଶନିବାର ବ୍ଲକସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଅସ୍ଥିଶଲ୍ୟ ବିଭାଗରୁ ୧୬୨ ଜଣ,ଚକ୍ଷୁ ବିଭାଗ ରୁ ୫୬ ଜଣ, କାନ ବିଭାଗରୁ ୮୭ ଜଣ, ମାନସିକ ବିଭାଗ ରୁ ୬୨ ଜଣ ଓ ଅନ୍ୟାନ୍ୟ ବିଭାଗରୁ ୬ଜଣ ଏଭଳି ସମୁଦାୟ ୩୭୩ ଜଣଙ୍କ ମଧ୍ୟରୁ ୨୧ ଜଣ ଭିନ୍ନକ୍ଷମଙ୍କୁ ଶିବିରରେ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଭିନ୍ନକ୍ଷମ ମାନଙ୍କୁ ୧୯ଟି ଟ୍ରାଇସାଇକଲ , ୪୭ ଟି ହ୍ୱିଲଚେୟାର ପ୍ରଦାନ କରାଯାଇଥିଲା । ଶିବିରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ସବିତା ମେହେର,ବିଡିଓ ଦେବାଶିଷ କର, ବ୍ଲକ ଉପାଧକ୍ଷ ପ୍ରମୋଦ ବେହେରା, ପୂର୍ବତନ ନଗରପାଳ ମୁକେଶ ଅଗ୍ରଓ୍ୱାଲ, ବିଏସଏସଓ ତୁଷାର ସାହୁଙ୍କ ସମେତ ବ୍ଲକ କର୍ମଚାରୀ ଓ ବିଭିନ୍ନ ପଂଚାୟତ ଅଞ୍ଚଳର ଶତାଧିକ ଲୋକେ ଉପସ୍ଥିତ ଥିଲେ।

# ଗୋଲାମୁଣ୍ଡାରେ ଡାଏରିଆ ସଚେତନତା କାର୍ଯ୍ୟକ୍ରମ

ଗୋଲାମୁଣ୍ଡା,(ସବ୍ୟୁ): ଆରମ୍ଭ ହୋଇସାରିଛି ବର୍ଷା ଋତୁ। ଏବେ ଝାଡ଼ାବାନ୍ତି ଓ ଡ଼ାଏରିଆ ଭଳି ଜଳ ବାହିତ ରୋଗର ପ୍ରଭାବ ଆରମ୍ଭ ହୋଇସାରିଛି। ଏହି ରୋଗର ପ୍ରଭାବରେ ଅତୀତରେ ଅନେକଙ୍କ ଜୀବନହାନି ହୋଇ ସାରିଛି। କିନ୍ତୁ ଆଗାମୀ ଦିନରେ ଡାଏରିଆ ଭଳି ରୋଗରେ ଜନ ଜୀବନ କିପରି ସୁରକ୍ଷିତ ରହିବ ସେ ନେଇ ପ୍ରଶାସନ ପକ୍ଷରୁ ଆରମ୍ଭ କରିଛନ୍ତି ଷ୍ଟପ ଡ଼ାଇରିଆ। ତୃଣମୂଳ ସ୍ତରରୁ କିଭଳି ଭାବରେ ଡ଼ାଇରିଆ ମୁକ୍ତ କରାଯିବ ସେ ନେଇ ଶନିବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବ୍ଲକ ଲେଭେଲ ଫେଡେରେସନ ସଭାନେତ୍ରୀ ପ୍ରିୟଙ୍କା ସାହୁ, ସମ୍ପାଦକ ଜ୍ୟୋତି ତାଣ୍ଡି, ବ୍ଲକ ପ୍ରୋଜେକ୍ଟ କୋଡ଼ିନେଟର ରାଜେନ୍ଦ୍ର ମଝିଆସେଠ, ବ୍ଲକ ଜୀବିକା ସଂଯୋଜକ ଅଜୟ ମାଝୀ, ଶ୍ୟାମ ସୁନ୍ଦର ଅଗ୍ରଓ୍ୱାଲ ପ୍ରମୁଖ ମଞ୍ଚାସୀନ ଥିଲେ । ମାଛି ବସା ଖାଦ୍ୟ, ବାସୀ ଖାଦ୍ୟ, ପଚା ଫଳ ଓ ପନିପରିବା ନ ଖାଇବା, ନଦୀ ନାଳ ପୋଖରୀ, ପାଇଖାନା ପାଖରେ ଥିବା କୂଅ କିମ୍ବା ନଳକୂପର ପାଣି ନ ପିଇବାକୁ ପରାମର୍ଶ ଦେଇଥିଲେ। ଏଥିରେ ଏମବିକେ, ସିଆରପି ଓ ଏସଏଚଜି ମହିଳା ଉପସ୍ଥିତ ଥିଲେ।

## ରେଳ ମଣ୍ଡଳ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ରେଳବାଇ କମ୍ୟୁନିଟି ହଲ ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷଚନ୍ଦ୍ର ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୁସ୍ଥ ଜୀବନ ଯାପନ ପାଇଁ ଯୋଗ ଏକ ମାଧ୍ୟମ ବୋଲି କହିଥିଲେ । ଏଥିରେ ଡିଭିଜନର ଅଧିକାରୀ, କର୍ମଚାରୀ ଓ ସେମାନଙ୍କର ପରିବାରବର୍ଗଙ୍କ ସଦସ୍ୟ ସଦସ୍ୟା ଏହି ଶିବିରରେ ଅଂଶଗ୍ରହଣ କରିଥିଲେ । ବିବେକାନନ୍ଦ କେନ୍ଦ୍ର, କନ୍ୟାକୁମାରୀ ସମ୍ବଲପୁର ଶାଖାର ରାଜେଶ କୁମାର ସାହୁ ଓ କଞ୍ଚନ ସୋମ୍ ଅଗ୍ରଓ୍ୱାଲା ଶିବିର ପରିଚାଳନା କରିଥିଲେ । ଏଡିଆରଏମ୍ ମନ୍‌ଜିତ୍ ସିଂ ସନ୍‌ସନଓ୍ୱାଲ ପ୍ରମୁଖ ଉପସ୍ଥିତ ଥିବାବେଳେ ପୋନ୍ନା ଭେଙ୍କଟେଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଉଫୁଲା ଗ୍ରାମ ପଞ୍ଚାୟତରେ ବିକାଶ ବାହନ ଯାତ୍ରା



ସୋନପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ଗ୍ରାମ ପଞ୍ଚାୟତରେ ଶନିବାର ବିକାଶ ବାହନ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଉପଲକ୍ଷେ ସରପଞ୍ଚ ଶ୍ରୀୟା କର୍ମୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସନ୍ତୋଷ ଭୋଇ, ଅତିରିକ୍ତ ବିଡ଼ିଓ ପୁରୁଷୋତ୍ତମ ଧରୁଆ ପ୍ରମୁଖ ମଞ୍ଚାସୀନ ଥିଲେ । ଗ୍ରାମ ପଞ୍ଚାୟତର ନିର୍ବାହୀ ଅଧିକାରୀ ମୀତାଞ୍ଜଳି ରଥ ସ୍ୱାଗତ କରିଥିବା ବେଳେ ଡକ୍ଟର ଦ୍ୱିତୀକୃଷ୍ଣ ପଣ୍ଡା ସଭା ସଂଯୋଜନା କରିଥିଲେ। ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଏବଂ ଯୋଜନାକୁ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇ ସଚେତନତା ସୃଷ୍ଟି କରିବା ଏହି ବିକାଶ ବାହନ ଯାତ୍ରାର ଲକ୍ଷ୍ୟ । ଏଥିରେ ବିଧାୟକଙ୍କ ଦ୍ୱାରା ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଓ ମଧୁବାବୁ ପେନସନ୍ ଯୋଜନାରେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ, ଅନ୍ତୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ, ପ୍ରଧାନମନ୍ତ୍ରୀ ବୟୋ ବନ୍ଦନାର କାର୍ଡ ବଣ୍ଟନ କରା ଯାଇଥିଲା। ଗ୍ରାମ ପଞ୍ଚାୟତର ପାଣ୍ଡିଆ ପାଲି ଅମୃତ ସରୋବର ଠାରେ ସକାଳ ୭ଘଣ୍ଟା ସମୟରେ ପଞ୍ଚାୟତ ସ୍ତରୀୟ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ଜଗଦୀଶ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# କଣ୍ଟାମାଳରେ ବ୍ଲକସ୍ତରୀୟ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

କଣ୍ଟାମାଳ,(ସବ୍ୟୁ): କଣ୍ଟାମାଳ ବ୍ଲକ ପ୍ରଶାସନର ତତ୍ତ୍ୱାବଧାନରେ ସ୍ଥାନୀୟ ହାଇସ୍କୁଲ ପଡିଆରେ ବ୍ଲକସ୍ତରୀୟ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ କଣ୍ଟାମାଳ ଭାରପ୍ରାପ୍ତ ବିଡ଼ିଓ ଧନଞ୍ଜୟ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର ଶ୍ୱେତପଦ୍ମା ଯୋଶୀ ଅତିଥି ଭାବେ ମନ୍ତ୍ରୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ଦୈନନ୍ଦିନ ଜୀବନ ଚର୍ଯ୍ୟାରେ ଯୋଗର ଭୂମିକା ଗୁରୁତ୍ୱପୂର୍ଣ୍ଣ ନିୟମିତ ଯୋଗ ସାଧନା ଦ୍ୱାରା ନିଜ ଶରୀରକୁ ନିରୋଗ ରଖିବା ସହିତ ଏକ ସୁସ୍ଥ ପୃଥିବୀ ଗଠନ କରିବା ଦିଗରେ ଏହା ସହାୟକ ହେବ ବୋଲି କଣ୍ଟାମାଳ ତହସିଲଦାର ଶ୍ରୀମତୀ ଯୋଶୀ କହିଥିଲେ । ଯୋଗ ଦିବସ ଉପଲକ୍ଷେ ସାମୁହିକ ଶପଥ ପାଠ ସହିତ କାର୍ଯ୍ୟକ୍ରମକୁ ସମାପନ କରାଯାଇଥିଲା । ସେହିପରି କଣ୍ଟାମାଳ ବ୍ଲକର ରଣ୍ଡିମହୁଲ, ଓଡିଶା ଆଦର୍ଶ ବିଦ୍ୟାଳୟ ଆଇଁଲାଚୁଆଁ ବିଭିନ୍ନ ସରସ୍ୱତୀ ଶିଶୁମନ୍ଦିର, ମହାବିଦ୍ୟାଳୟ ଓ ବିଭିନ୍ନ ସଂଗଠନ ପକ୍ଷରୁ ବିଶ୍ୱ ଯୋଗଦିବସ ପାଳିତ ହୋଇଛି ।

# ଭାଲୁଟାଲ ଗ୍ରାମରେ ଡାଇରିଆ ଆତଙ୍କ



ଅମ୍ବାଭୋନା,(ସବ୍ୟୁ): ବରଗଡ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୈନାତୁରା ପଞ୍ଚାୟତ ଅଧୀନରେ ଥିବା ଭାଲୁଟାଲ ଗ୍ରାମରେ ଝାଡ଼ାବାନ୍ତି ଆତଙ୍କ ଦେଖାଯାଇଛି। ସୂଚନା ଥାଉ କି ଗତ ୧୬ ତାରିଖରୁ ଝାଡ଼ା ବାନ୍ତି ଆରମ୍ଭ ହୋଇଥିବା ବେଳେ ୧୭ ତାରିଖରେ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଖବର ପାଇ ଭାଲୁଟାଲ ଗ୍ରାମକୁ ଯାଇ ଚିକିତ୍ସା କରିଥିଲେ। ୧୮ ତାରିଖରେ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରୁ ଜିଲ୍ଲା ଜଳଯୋଗାଣ ବିଭାଗଙ୍କ ସହିତ ଏକ ଡାକ୍ତରୀ ଟିମ ଉକ୍ତ ଗ୍ରାମକୁ ପରିଦର୍ଶନ କରି ନଳକୂପ ଗୁଡିକର ପାଣି ପରୀକ୍ଷା ନିମନ୍ତେ ନେଇଛନ୍ତି। ନଳକୂପରୁ ଦୂଷିତ ପାଣି ବାହାରୁଥିବା ଯୋଗୁଁ ନଳକୂପ ପାଣି ପିଇବା ପାଇଁ ଗ୍ରାମବାସୀଙ୍କୁ ମନା କରାଯାଇଛି। ଜିଲ୍ଲା ଜଳଯୋଗାଣଙ୍କ ଦ୍ୱାରା ପିଇବା ପାଣି ପାଇଁ ଟେଙ୍କରର ବ୍ୟବସ୍ଥା କରାଯାଇଛି। ଗ୍ରାମରେ ୨୨ ଜଣ ବର୍ତ୍ତମାନ ସୁଦ୍ଧା ଆକ୍ରାନ୍ତ ହୋଇଛନ୍ତି । ସେଥି ମଧ୍ୟରୁ ୧୩ ଜଣ ସୁସ୍ଥ ହୋଇଥିବା ବେଳେ ୯ ଜଣ ଗ୍ରାମରେ ଚିକିତ୍ସିତ ହେଉଛନ୍ତି । ୨ ଜଣଙ୍କୁ ଖେଦାପାଲି ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠା ଯାଇଛି। ଗ୍ରାମରେ କ୍ୟାମ୍ପ ଲାଗି ସ୍ୱାସ୍ଥ୍ୟ କର୍ମୀ ରହିଛନ୍ତି। ବର୍ତ୍ତମାନ ଝାଡାବାନ୍ତିର ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା ସୂଚନା ମିଳିଛି ।

# ଆଶା କର୍ମିଙ୍କୁ ଦୁଷ୍କର୍ମ ଉଦ୍ୟମ ଘଟଣା,ଅଭିଯୁକ୍ତ ଗିରଫ

କୋକସରା,(ସବ୍ୟୁ): କୋକସରା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଜନୈକା ଆଶା କର୍ମିଙ୍କୁ ଗତ ୨ ତାରିଖରେ ହସ୍ପିଟାଲରେ ସ୍ୱିପରର ପୁଅ କୁଶ ନାଏକ (ସାନ) ଶୌଚାଳୟରେ ଦୁଷ୍କର୍ମ ଉଦ୍ୟମ କରିଥିବା ବେଳେ ଆଶା କର୍ମି ପାଟି କରିବାରୁ ସେଠାରୁ ଚମ୍ପଟ ମାରିଥିଲା। ଏ ନେଇ ଆଶା କର୍ମି ଗତ ୪ ତାରିଖରେ କୋକସରା ଥାନାରେ ଲିଖିତ ଅଭିଯୋଗ ପରେ ମଧ ଥାନା ଅଧିକାରୀ ସ୍ନିଗ୍ଧାରାଣି ସୁନା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ବ୍ଲକ ଆଶା ସଂଘ ପକ୍ଷରୁ ପୁଣି ୯ ତାରିଖରେ ଅଭିଯୁକ୍ତକୁ ଶୀଘ୍ର ଗିରଫ ପାଇଁ ଦାବି କରାଯାଇଥିଲା । ହେଲେ ଆଶା ସଂଘର ଦାବି ସତ୍ତ୍ୱେ ମଧ ଅଭିଯୁକ୍ତକୁ ଗିରଫ ପାଇଁ ଥାନା ଅଧିକାରୀ କୌଣସି ପଦକ୍ଷେପ ନ




ନେବାରୁ ରାଜ୍ୟ ଓ ଜିଲ୍ଲା ଆଶା ସଂଘ ସ୍ୱେଚ୍ଛାସେବୀ ସଙ୍ଗଠନ ଭାରତୀୟ ମାନବ ଅଧିକାର କାଉନସିଲକୁ ଲିଖିତ ଭାବେ ଘଟଣାରେ ନ୍ୟାୟ ପାଇବା ପାଇଁ ଜଣାଇଥିଲେ। ପରେ ଭାରତୀୟ ମାନବ ଅଧିକାର କାଉନସିଲ ଓ ଆଶା ସଂଘର ଏକ ପ୍ରତିନିଧି ଦଳ ରାଜ୍ୟ ସଭାପତି ମହମ୍ମଦ ମୁସ୍ତାଫା, ଜିଲ୍ଲା ସଭାପତି ଅନିଲ କୁମାର ସାହୁ, ଜିଲ୍ଲା ସଂଯୋଜକ ଧବଳେଶ୍ୱର ପାନ, ଆଶା ସାମୁଖ୍ୟ ରାଜ୍ୟ ସଂଘ ନେତ୍ରୀ ପଙ୍କଜିନି ନାୟକ, ଜିଲ୍ଲା ସଭାପତି ସୂର୍ଯ୍ୟକାନ୍ତି ନାଏକ ଗତ ବୁଧବାର କଳାହାଣ୍ଡି ଏସପିଙ୍କୁ ଭେଟି କୋକସରା ଥାନା ଆଇଆଇସି ଅଭିଯୋଗର ଦୀର୍ଘଦିନ ପରେ ମଧ ଅଭିଯୁକ୍ତକୁ ଗିରଫ କରିବା ପାଇଁ କୌଣସି ଠୋସ ପଦକ୍ଷେପ ନେଇ ନଥିବା ଅଭିଯୋଗ କରିବା ସହ ପିଡୀତା ଆଶା କର୍ମିଙ୍କୁ ନ୍ୟାୟ ପ୍ରଦାନ ଅଭିଯୁକ୍ତକୁ ଗିରଫ ପାଇଁ ଦାବି କରିଥିଲେ। ଘଟଣାକୁ ଗୁରୁତ୍ୱ ଦେଇ ଏସ.ପି ଙ୍କ ନିର୍ଦ୍ଦେଶ ପରେ ପୁଲିସ ପକ୍ଷରୁ ଅଭିଯୁକ୍ତକୁ ଗିରଫ କରିବା ପାଇଁ ତନାଘନା ଆରମ୍ଭ ହୋଇଥିଲା। କୌଣସି ସୂତ୍ରରୁ ଖବର ମିଳିବା ପରେ ଅଭିଯୁକ୍ତ ଯୁବକ କୁଶ ନାଏକକୁ ପଡୋଶୀ ରାଜ୍ୟ ଛତିଶଗଡ଼ର ରାୟପୁରରୁ ଗିରଫ କରିଥିଲେ । ଏହି ଘଟଣାରେ କୋକସରା ଥାନା କେଶ ନମ୍ବର ୧୬୫/୨୦୨୫ ରେ ଏକ ମାମଲା ରୁଜୁ କରି ଶନିବାର ଅଭିଯୁକ୍ତ କୁଶ ନାଏକକୁ କୋକସରା ପୁଲିସ କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

# ଜିଲ୍ଲା ଖାଉଟି ଅଦାଲତରେ ବ୍ୟାଙ୍କ ଦଣ୍ଡିତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଖାଉଟି ଅଦାଲତ ଦ୍ୱାରା ଆଇସିଆଇସିଆଇ ବ୍ୟାଙ୍କ ଦଣ୍ଡିତ ହୋଇଛି । ବ୍ୟାଙ୍କ ସେବାରେ ତ୍ରୁଟି ଓ ଉପଯୁକ୍ତ ସମୟରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାରେ ଅବହେଳା ଯୋଗୁଁ ସଂପୃକ୍ତ ବ୍ୟାଙ୍କକୁ ଦଣ୍ଡିତ ହେବାକୁ ପଡିଛି । ତେଣୁ ଅଭିଯୋଗକାରୀ ସୁସେନ କୁମାର ପୁରୋହିତଙ୍କ କଟିଥିବା ୬୫ହଜାର୮୯୬ଟଙ୍କା ସୁଧ ସହ ଫେରାଇବା ସଙ୍ଗେ ଗ୍ରାହକ ସେବାରେ ତ୍ରୁଟି ପାଇଁ ଅତିରିକ୍ତ ୫୦ହଜାର ଏବଂ ମକଦ୍ଦମା ପରିଚାଳନା ଖର୍ଚ୍ଚ ବାବଦକୁ ୨୦ହଜାର ଟଙ୍କା ଏକ ମାସ ମଧ୍ୟରେ ଦେବାକୁ ନିର୍ଦ୍ଦେଶ ରହିଛି । ସୂଚନାଯୋଗ୍ୟ, ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁଢାରଜା ନିବାସୀ ସୁସେନ କୁମାର ପୁରୋହିତ(୫୯) ଗତ ୮ମାର୍ଚ୍ଚ, ୨୦୨୪ରିଖ ସଂନ୍ଧ୍ୟା ୭ଟାରେ ତାଙ୍କର ଏକ୍ସିସ୍ ବ୍ୟାଙ୍କ ଏଟିଏମ୍ କାର୍ଡ ଧରି ଟଙ୍କା ଉଠାଇବା ପାଇଁ ନିକଟସ୍ଥ ଏଟିଏମ୍ କାଉଣ୍ଟରକୁ ଯାଇଥିଲେ । ଏକ୍ସିସ୍ ବ୍ୟାଙ୍କର ଏଟିଏମ୍ କାଉଣ୍ଟର ଅଚଳ ଥିବାରୁ ସେ ପାଖରେ ଥିବା ଆଇସିଆଇସିଆଇକୁ ଯାଇଥିଲେ । ସେ ତାଙ୍କ ଡେବିଟ୍ କାର୍ଡ ବ୍ୟବହାର କରିଥିବା ବେଳେ ତାହା ଏଟିଏମ୍ ମେସିନ୍ ଭିତରକୁ ଚାଲି ଯାଇଥିଲା । ଅନ୍ୟପଟେ ଟଙ୍କା ଉଠାଣ ସମ୍ପର୍କିତ କୌଣସି ବାର୍ତ୍ତା ଏଟିଏମ୍ ପରଦାକୁ ଆସିନଥିଲା । ଏପରିକି କାର୍ଡ ଫେରି ପାଇବା ପାଇଁ ମଧ୍ୟ ବାର୍ତ୍ତା ଦେଖିବାକୁ ମିଳିନଥିଲା । । ସେଠାରେ କୌଣସି ସୁରକ୍ଷାକର୍ମୀ ସହାୟତା ପାଇଁ ନଥିବାବେଳେ ଅଭିଯୋଗକାରୀ ବାଧ୍ୟ ହୋଇ କାଉଣ୍ଟରରେ ଲେଖାଥିବା ଏକ ଟୋଲ ଫ୍ରି ନମ୍ବରକୁ ଫୋନ କରିଥିଲେ । ଅପରପକ୍ଷର ନିର୍ଦ୍ଦେଶ ମୁତାବକ ଏଟିଏମ୍ ପରିଚାଳନା କରି ତାଙ୍କର କାର୍ଡଟିକୁ ଫେରି ପାଇଥିଲେ । ଆଉ କୌଣସି ଟଙ୍କା ନଉଠାଇ ଘରକୁ ଫେରିଥିଲେ । ମାତ୍ର ତାଙ୍କ ଆକାଉଣ୍ଟରୁ ୭ଥର ଟଙ୍କା ଉଠାଣ ହୋଇଥିବା ମୋବାଇଲକୁ ମେସେଜ୍ ଆସିଥିଲା । ସମୁଦାୟ ୬୫ହଜାର୮୯୬ଟଙ୍କା ଉଠାଣ ହୋଇଥିବା ବେଳେ ସେ ଠକେଇର ଶିକାର ହୋଇଥିବା ଜାଣି ଉଭୟ ବ୍ୟାଙ୍କରେ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ସାଇବର ପୋଲିସ ଷ୍ଟେସନରେ ମଧ୍ୟ ଅଭିଯୋଗ ଦାଖଲ କରିଥିଲେ । କିନ୍ତୁ କୌଣସି ସୁଫଳ ନମିଳିବାରୁ ସେ ବାଧ୍ୟ ହୋଇ ଜିଲ୍ଲା ଖାଉଟି ଅଦାଲତର ଆଶ୍ରୟ ନେଇଥିଲେ । ସମସ୍ତ ପକ୍ଷରୁ ଦଲିଲ ଓ ସାକ୍ଷ୍ୟ ଶୁଣିବା ପରେ ଖାଉଟି ଅଦାଲତର ସଭାପତି ରମାକାନ୍ତ ଶତପଥି ଓ ସଭ୍ୟ ସଦାନନ୍ଦ ତ୍ରିପାଠୀ ଏହି ରାୟ ପ୍ରଦାନ କରିଥିଲେ । ଅଭିଯୋଗକାରୀଙ୍କ ପକ୍ଷରୁ ଓକିଲ ପ୍ରଶାନ୍ତ କୁମାର କର ମାମଲା ପରିଚାଳନା କରୁଥିଲେ ।

# ବଲାଙ୍ଗିରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

## ବିଶ୍ୱକୁ ଭାରତ ଦେଇଥିବା ଶ୍ରେଷ୍ଠ ଉପହାର ମଧ୍ୟରୁ ଯୋଗ ଅନ୍ୟତମ

ବଲାଙ୍ଗିର,(ସବ୍ୟୁ): ଅନ୍ତର୍ଜାତୀୟ ଯୋଗ ଦିବସ ଅସରରେ ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ପୃଥ୍ୱୀରାଜ ଇନଡୋର ଷ୍ଟାଡିୟମରେ ସାମୁହିକ ଯୋଗାଭ୍ୟାସ ଅନୁଷ୍ଠିତ ହୋଇଥିଲା । ଏହି ଯୋଗ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଗୌରଓ୍ୱ ଶୀଓ୍ୱାଜୀ ଇସାଲଓ୍ୱାର , ଅତିରିକ୍ତ ଜିଲ୍ଲାପାଳ ଡ଼. ବିଜୟାନନ୍ଦ ସେଠୀ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାତ କୁମାର ମହାପାତ୍ର , ଜିଲ୍ଲାପରିଷଦ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ତରଣୀ ସୁନା, ବଲାଙ୍ଗିର ବିଡିଓ ହୃଷୀକେଶ ଗଣ୍ଡ ଉପସ୍ଥିତ ରହି ଅନ୍ୟମାନଙ୍କ ସହ ଯୋଗାସନ କରିଥିଲେ । ସମଗ୍ର ବିଶ୍ୱରେ ଗୁରୁତ୍ୱ ବହନ କରୁଥିବା ଏହି ଦିବସର ପାଳନ ନିମନ୍ତେ ଜିଲ୍ଲା ପ୍ରଶାସନ ବ୍ୟାପକ ଆୟୋଜନ କରିଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଖେଳାଳି, ସରକାରୀ/ ବେସରକାରୀ ସଂସ୍ଥାର କର୍ମଚାରୀ, ସାମ୍ବାଦିକ ତଥା ସ୍ୱାସ୍ଥ୍ୟ ପ୍ରତି ସଚେତନ ଥିବା ବ୍ୟକ୍ତି ଏଥିରେ ଯୋଗ ଦେଇଥିଲେ । ମନ୍ତ୍ର ଉଚ୍ଚାରଣ ପରେ ପରେ ସ୍ୱାମୀ ବିଜ୍ଞାନ ଚୈତନ୍ୟା ନନ୍ଦ ସରସ୍ୱତୀ, ଶଶିକାନ୍ତ ରାଉତ,ଦିଲୀପ କୁମାର ପ୍ରଧାନ,ନିଲୁ ପ୍ରଧାନଙ୍କ ଦ୍ୱାରା ଯୋଗାଭ୍ୟାସ କରାଯାଇଥିଲା। ପଦ୍ମାସନ,ତାଡାସନ, ଭୁଜଙ୍ଗାସନ, କପାଳ ଭାରତୀ ଓ ଶବାସନ ଭଳି ବିଭିନ୍ନ ଯୋଗାସନ କରାଯାଇ ସେ ସବୁର ଆମ ଶରୀର ପାଇଁ ଥିବା ଉପାଦେୟତା ବାବଦରେ ବୁଝାଇଥିଲେ । ପରିଶେଷରେ ଶପଥପାଠ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ଅଧିକାରୀ ପରାଶର ବାଘ, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମୀ ରଞ୍ଜନ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ତଥା ଜିଲ୍ଲାପାଳଙ୍କ ଅଫିସର କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମାୟାବର୍ହା ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ଯୋଗ ଦିବସ ପାଳିତ

ଏସ୍ .ରାମପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ମାୟାବର୍ହା ଠାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ, ରବିଚନ୍ଦ୍ର ପଶାୟତଙ୍କ ତତ୍ତ୍ୱାବଧାନରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ପରିଚାଳନା କମିଟି ସଦସ୍ୟ ଭକ୍ତ ଭୋଇ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ସୁସ୍ଥ ଜୀବନ ଯାପନ ପାଇଁ ଯୋଗ ସମସ୍ତଙ୍କ ପାଇଁ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ଶିକ୍ଷକ ଦୀନବନ୍ଧୁ ପ୍ରଧାନ ଯୋଗ ଦିବସକୁ ସଂଯୋଜନା କରିବା ସହ ଚଳିତ ବର୍ଷର ବିଷୟ ଏକ ଦେଶ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ ବିଷୟରେ ଧାରଣ ପ୍ରଦାନ କରିଥିଲେ। ଯୋଗ ପ୍ରଶିକ୍ଷକ ତଥା ଅବସରପ୍ରାପ୍ତ କର୍ମଚାରୀ କିଶୋର ଚନ୍ଦ୍ର ପଟେଲ ସମବେତ ଛାତ୍ର ଛାତ୍ରୀଙ୍କୁ ଯୋଗ ଶିକ୍ଷା ପ୍ରଦାନ ଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀ ସିମି ନାୟକ, କରିସ୍ମା,ଅନୀମା , ଅନୁପମା କାଣ୍ଡ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଖେଳ ଶିକ୍ଷକ ଚିନ୍ମୟ କୁମାର ଦାସ ଛାତ୍ର ଛାତ୍ରୀ ମାନଙ୍କୁ ବିଭିନ୍ନ ଯୋଗଅଭ୍ୟାସ କରାଇବା ସହ ଶପଥ ପାଠ କରାଇଥିଲେ। ଛାତ୍ର ଅମିତ ପଟେଲ, ଛାତ୍ରୀ ଜାଗୃତି, ଆଭା ସାହୁ ଯୋଗଭ୍ୟାସ କରିଥିବାବେଳେ ସଂସ୍କୃତ ଶିକ୍ଷକ ତଥା ଜୁନିଅର ରେଡକ୍ରସ କାଉନସିଲର ରାଜୁ ମେହେର ଧନ୍ୟବାଦ୍ ପ୍ରଦାନ କରିଥିଲେ ।

# ଶ୍ରେଷ୍ଠ ଛାତ୍ରଙ୍କୁ ସ୍ୱର୍ଗତ ହର ପ୍ରସାଦ ନନ୍ଦଙ୍କ ସ୍ମୃତି ପୁରସ୍କାର

ଦେବଗଡ଼,(ସବ୍ୟୁ): ଚିନ୍ମୟ ବିଦ୍ୟାଳୟର ପ୍ରଥମ ସଭାପତି ତଥା ଅବସର ପ୍ରାପ୍ତ ଶିକ୍ଷକ ହରପ୍ରସାଦ ନନ୍ଦଙ୍କ ଚତୁର୍ଥ ଶ୍ରାଦ୍ଧ ଦିବସ ଅବସରରେ ଶ୍ରେଷ୍ଠ ଛାତ୍ରଙ୍କୁ ସ୍ୱର୍ଗତ ନନ୍ଦଙ୍କ ସ୍ମୃତି ଉଦେଶ୍ୟରେ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରାଯାଇ ଥିଲା। ଏହି ଅବସରରେ ସୁନାମୁଣ୍ଡା ସ୍ଥିତ ସ୍କୁଲ ପରିସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ କୌଶିକ କୁମାର ପ୍ରଧାନ ଓ ପୌର ପରିଷଦ ଭାରପାପ୍ତ ଅଧକ୍ଷ ପ୍ରଜିତ କୁମାର ଭୋଜ ଯୋଗ ଦେଇ ସ୍ୱାମୀ ଚିନ୍ମୟା ନନ୍ଦ ସରସ୍ୱତୀ ଏବଂ ହର ପ୍ରସାଦ ନନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସ୍କୁଲ ଅଧକ୍ଷା ଅନିତା ବରାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଦସ୍ୟ ଅଶୋକ ଦେ , ଗୋପବନ୍ଧୁ




ପ୍ରଧାନ, ଜଗବନ୍ଧୁ ଶତପଥୀ , ଜୟନ୍ତ କୁମାର ସାହୁ ,ହରେ କୃଷ୍ଣ ସାହୁ ,ଅଜିତ ମୋଦୀପ୍ରମୁଖ ଉପସ୍ଥିତ ରହି ସ୍କୁଲ ପ୍ରତିଷ୍ଠାରେ ସ୍ୱର୍ଗତ ନନ୍ଦଙ୍କ ଅବଦାନ ଉପରେ ଆଲୋକପାତ କରିବା ସହ ସ୍ମୃତି ଚାରଣ କରିଥିଲେ । ପରେ ନିକଟରେ ଅନୁଷ୍ଠିତ ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ଚିନ୍ମୟ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ପୀୟୂଷ ପ୍ରଭାର ସାହୁଙ୍କୁ ମାନପତ୍ର ସହିତ ଅର୍ଥ ରାଶି ପ୍ରଦାନ ପୁର୍ବକ ସମ୍ବର୍ଦ୍ଧିତ କରାଯାଇ ଥିଲା । ସ୍କୁଲର ଛାତ୍ରୀ ଶ୍ରଦ୍ଧା ପ୍ରଧାନ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଗତ ୨୦୨୨ ମସିହାଠାରୁ ସ୍କୁଲର ଦଶମ ଶ୍ରେଣୀର ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଗତ ହର ପ୍ରସାଦ ନନ୍ଦଙ୍କ ସ୍ମୃତି ଉଦେଶ୍ୟରେ ପ୍ରଦାନ କରାଯାଉଛି ।

# ବ୍ଲକ,ପଞ୍ଚାୟତର ପ୍ରତି ମାସର ଅନୁଦାନ,ଆୟ ବ୍ୟୟର ହିସାବ ନୋଟିସ ବୋର୍ଡରେ ଲାଗିବ: ଜିଲ୍ଲାପାଳ

ନୂଆପଡ଼ା,(ସବ୍ୟୁ): ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ପଞ୍ଚାୟତ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ଲଛମନ ଓରାମ ଓ ଜିଲ୍ଲାର ସମସ୍ତ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଅଂଶ ଗ୍ରହଣ କରିଥିଲେ ।ଶ୍ରୀ ଓରାମ ସମସ୍ତ ପଞ୍ଚାୟତର ଆୟ ବ୍ୟୟ ହିସାବ ବୈଠକ ସମ୍ମୁଖରେ ରଖିଥିଲେ । ସମୀକ୍ଷାରୁ ଜଣାଗଲା ଯେ ଜିଲ୍ଲାର ୧୩୧ ଟି ପଞ୍ଚାୟତ ଏହି ୨୦ ଜୁନ୍ ସୁଦ୍ଧା ପଞ୍ଚମ ରାଜ୍ୟ ଅର୍ଥ କମିଶନରୁ ୩,୧୯,୫୨,୦୦୦ ଟଙ୍କା ଅନୁଦାନ ପାଇଛନ୍ତି ଏବଂ ୧,୨୧,୫୮୦୦୦ ଟଙ୍କା ଖର୍ଚ୍ଚ କରିଛନ୍ତି । କେନ୍ଦ୍ରିୟ ଅନୁଦାନରୁ ୨୧,୯୪,୪୦୦୦୦



ଟଙ୍କା ପାଇଥିଲାବେଳେ ୯,୭୦,୮୬୦୦୦ ଟଙ୍କା ଖର୍ଚ୍ଚ ହୋଇଛି । ପଞ୍ଚାୟତ ମାନଙ୍କ ୧୧୮୨ ଟି ବନ୍ଧ ପୋଖରି ନିଲାମରୁ ୬୭,୪୯,୦୦୦ ଟଙ୍କା ୪୪ ଟି ସାପ୍ତାହିକ ବଜାର ନିଲାମରୁ ୧୨,୫୭,୦୦୦ ଟଙ୍କା ଏବଂ ୫୫୫ ଟି ମାର୍କେଟ କମ୍ପ୍ଲେକ୍ସରୁ ୬ ଲକ୍ଷ ଟଙ୍କା ଆୟ ହୋଇଛି । ସେହିପରି ୧୩ ଟି ଗ୍ରାମ୍ୟ ବଗିଚା ନିଲାମରୁ ୬,୫୪,୦୦୦ ଟଙ୍କା ଏବଂ ୯୪ ଟି ଜାଗିରି ଜମି ନିଲାମରୁ ୨,୦୨,୦୦୦ ଟଙ୍କା ଆୟ ହୋଇଛି । ଜିଲ୍ଲାପାଳ ସମସ୍ତଙ୍କୁ ସମ୍ବୋଧନ କରି କହିଲେ ଯେ ବିଡିଓ ,ଡି ପି ଓ ଓ ଜିପି ଡିଓ ମାନେ ନିୟମିତ ବ୍ୟବଧାନରେ ସମସ୍ତ ପଞ୍ଚାୟତ ନିରୀକ୍ଷଣ କରିବା ପାଇଁ ଯିବେ । କେଶ୍ ବୁକ ଚେକ୍ କରିବେ । ମାସ ଆରମ୍ଭ ଏକ ତାରିଖରେ ଗତ ମାସର ଅନୁଦାନ ଆୟ ଏବଂ ବ୍ୟୟର ହିସାବ ସମସ୍ତ ବ୍ଲକ ଏବଂ ପଂଚାୟତର ନୋଟିସ ବୋର୍ଡରେ ଟଙ୍ଗା ଯିବ । ପୂର୍ବ ମାସ ସଭାର ବିବରଣୀ ସେଠାରେ ପାଠ କରାଯିବ । ଏହି ସମୟରେ କି କି ଉନ୍ନତିମୂଳକ କାର୍ଯ୍ୟ ହୋଇଛି ସେଠାରେ ସୂଚନା ଦିଆଯିବ ପ୍ରତି ବୁଧବାର ସମସ୍ତ ପଞ୍ଚାୟତରେ ରୋଜଗାର ଦିବସ ସହିତ ସ୍ୱଚ୍ଛତା ଦିବସ ମଧ ପାଳନ ହେବ । ପଂଚାୟତର ସମସ୍ତ ଜବରଦଖଲ ଜମି ତହସିଲଦାର ମାନଙ୍କ ସହାୟତାରେ ମୁକ୍ତ କରାଯିବ । ଜନ ପ୍ରତିନିଧିଙ୍କ ସହଯୋଗରେ ପଞ୍ଚାୟତ ମାନଙ୍କୁ ଅଧିକ କ୍ରିୟାଶୀଳ କରିବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି ।

# ଝାରସୁଗୁଡ଼ାରେ ଜିଲ୍ଲା ସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଝାରସୁଗୁଡା,(ସବ୍ୟୁ): ଝାରସୁଗୁଡା ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଓଏସଏପି ୨ୟ ବାଟାଲିଅନ ପ୍ୟାରେଡ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ଭାରତୀୟ ବୈଦିକ ପରମ୍ପରା ଯୋଗ ଦ୍ୱାରା ବିଶ୍ୱବାସୀ ପ୍ରଭାବିତ ହୋଇଥିବା ଉଲ୍ଲେଖ କରିଥିଲେ। ନିୟମିତ ଯୋଗାଭ୍ୟାସ ଦ୍ୱାରା ଶରୀରକୁ ସୁସ୍ଥ ଓ ନିରୋଗ ରଖିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଦିକ ଯୁଗରୁ ଉତ୍ପତ୍ତି ଯୋଗକୁ ମନ୍ତ୍ରୀ ଶ୍ରୀ ପୂଜାରୀ ଏକ ବୈଜ୍ଞାନିକ ପଦ୍ଧତି ବୋଲି ଉଲ୍ଲେଖ କରି ଭାରତ ବର୍ଷରୁ ଉତ୍ପତ୍ତି ଯୋଗ ଆଜି ବିଶ୍ୱବାସୀଙ୍କ ଦ୍ୱାରା ଗ୍ରହଣୀୟ ଏବଂ ସମସ୍ତେ ଏହାକୁ ସ୍ୱୀକାର କରୁଥିବା କହିଥିଲେ। ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗର ଆବଶ୍ୟକତା ରହିଥିବା ମନ୍ତ୍ରୀ କହିଥିଲେ। ସମସ୍ତେ ନିୟମିତ ଯୋଗ କରିବା ସହ ସୁସ୍ଥ ରହିବାକୁ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ଆହ୍ୱାନ ଦେଇଥିଲେ। ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଧାୟକ ଟଙ୍କଧର ତ୍ରିପାଠୀ ସମଗ୍ର ବିଶ୍ୱରେ ଯୋଗ ଆଜି ଏକ ଆନ୍ଦୋଳନ ରୂପେ କାର୍ଯ୍ୟ କରୁଥିବା କହିଥିଲେ। ଯୋଗ ମାଧ୍ୟମରେ ଜୀବନଚର୍ଯ୍ୟା ପ୍ରତିଫଳିତ ହେଉଥିବା ପ୍ରକାଶ ପୂର୍ବକ ସୁସ୍ଥ ସମାଜ , ସୁସ୍ଥ ଦେଶ ପାଇଁ ଯୋଗ ଏକାନ୍ତ ଅପରିହାର୍ଯ୍ୟ ବୋଲି କହିଥିଲେ। ସମସ୍ତେ ନିଜ ଜୀବନଚର୍ଯ୍ୟା ମଧ୍ୟରେ ଯୋଗ ପାଳନ କରିବାକୁ ବିଧାୟକ ଆହ୍ୱାନ ଦେଇଥିଲେଛ ଜିଲ୍ଲାପାଳ ଆବୋଲୀ ସୁନିଲ ନରଓ୍ୱଣେ ଯୋଗ ଦିବସ ଆୟୋଜନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆରକ୍ଷୀ ଅଧିକ୍ଷକ ସ୍ମିତ ପି ପରମାର,ଆଇ ଏ ଏସ୍ ପ୍ରବେଶନର ପ୍ରଜ୍ଞାନନ୍ଦ ଗିରି , ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା ପ୍ରମୁଖ ଯୋଗାଭ୍ୟାସ କରିଥିଲେ।

# ନର୍ଲାର ବିଭିନ୍ନ ସ୍ଥାନରେ ପାଳିତ ହେଲା ଯୋଗ ଦିବସ

ନର୍ଲା,(ସବ୍ୟୁ): ଶନିବାର ଥିଲା ୧୧ତମ ବିଶ୍ୱ ଯୋଗ ଦିବସ। ଏହି ଯୋଗ ଦିବସ ଅବସରରେ ନର୍ଲାର ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳନ କରାଯାଇଛି। ନର୍ଲା ବ୍ଲକ ପରିସରରେ, ସରସ୍ୱତୀ ଶିଶୁ ମନ୍ଦିର, ପତଞ୍ଜଳି ଯୋଗ ସମିତି, ଗାୟତ୍ରୀ ପରିବାର, ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ଯୋଗ ଦିବସ ପାଳନ କରାଯାଇଛି। ଯୋଗ ମଣିଷକୁ ସୁସ୍ଥ ରଖେ। କଳାହାଣ୍ଡି ଜିଲ୍ଲାର ନର୍ଲା ବ୍ଲକ ପରିସରରେ ମଧ ଏହି ଦିବସକୁ ପାଳନ କରାଯାଇଛି। ନର୍ଲା ବିଡ଼ିଓ ବିପିନ ବିହାରୀ ଦୀପଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଦାଧିକାରୀଙ୍କ ସହିତ ଓ ସାଧାରଣ ଜନତା ଭାଗ ନେଇଥିଲେ। ପ୍ରଶିକ୍ଷକ ଭାବେ ଶିକ୍ଷକ ନିର୍ମଳ ବାରିକ ଯୋଗ ବିଷୟରେ ସମସ୍ତଙ୍କୁ ଅବଗତ କରିବା ସହିତ ଯୋଗାଭ୍ୟାସ କରାଇ ଥିଲେ ।

# ଲାଇଟ୍ ଇନୋଭେସନ୍ ମେସିନ୍ ଚୋରି, ୨ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ପୋଲିସ ଏକ ଚୋରି ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ଚୋରିରେ ବ୍ୟବହୃତ କାର ସହ ଏକ କଲର ଲାଇଟ୍ ଇନୋଭେସନ୍ ମେସିନ୍ ଓ ଆମ୍ପଲିଫେର ଜବତ ହୋଇଛି । ଏନେଇ ୨୫୯/ ୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ସଦେଇପାଲି ବିଜୁ କଲ୍ୟାଣ ମଣ୍ଡପର ପଛପଟେ ଥିବା ଡିଜେ ଗାଡିରୁ ଉପରୋକ୍ତ ସାମଗ୍ରୀ ଗତ ୨୦ତାରିଖ ରାତିରେ ଚୋରି ହୋଇଥିବା ବୁର୍ଲା ଥାନା ଗାନ୍ଧିପଡାର ଦିନେଶ ଦାଶ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୋଲିସ ଏହାର ତଦନ୍ତ କରିଥିଲା । ତଦନ୍ତ ବେଳେ ବୁର୍ଲା ମହତାବ ନଗରର ରଜତ କୁମାର ପାଇକ(୨୧) ଓ ବୋର୍ଡ କଲୋନୀର ନରେନ୍ଦ୍ର ମିଶ୍ର(୩୬)ଙ୍କୁ ଗିରଫ କରିଛି ।

# ବେଆଇନ କଫ ସିରପ ଜବତ: ଜଣେ ଅଟକ

ସୁନ୍ଦରଗଡ଼,(ସବ୍ୟୁ): ସୁନ୍ଦରଗଡ଼ ଟାଉନ ଥାନା ପୁଲିସ ଶନିବାର ଅପରାହ୍ନରେ ମହନ୍ତିଆପଡ଼ାର ଏକ ଘରେ ଚଢ଼ଉ କରି ବେଆଇନ ଭାବେ ରଖା ଯାଇଥିବା ୩୩୩ ବୋତଲ କଫ ସିରପ ଜବତ କରିଛି। ଏହା ସହ ଏଥିରେ ସମ୍ପୃକ୍ତ କୁତ୍ରା ଥାନା ଖତକୁରବାହାଲ ଅଞ୍ଚଳର ଜଣେ ଯୁବକକୁ ଅଟକ ରଖି ତଦନ୍ତ ଚଳାଇଛି। ଅଟକ ଯୁବକ ହେଲେ ନୀତେଶ କୁମାର ବୁଡ଼ା। ସେ ରାଜଗାଙ୍ଗପୁରରୁ ଏସବୁ ସିରପ୍ ଆଣି ଦର୍ଲିପାଲିକୁ ଚାଲାଣ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ପୁଲିସ ମାଡ଼ି ବସିଥିଲା। ନିତେଶ ୬ ବର୍ଷ ପୂର୍ବେ କଫ ସିରପ ଚୋରା ଚାଲାଣ କରୁଥିଲେ। ମଝିରେ ଏ କାରବାର ବନ୍ଦ କରି ଦେଇଥିଲେ।ଏବେ ୩ ମାସ ହେଲା ପୁଣି ଆରମ୍ଭ କରିଥିବା କହିଛନ୍ତି। ଯୁବକ ରାଜଗାଙ୍ଗପୁରରୁ ୨ ପେଟି କପ୍ ସିରଫ ଆଣି ସ୍ଥାନୀୟ ମହାନ୍ତିଆପଡ଼ା ନିଜ ମାମୁ ଘରେ ରଖିଥିଲେ। ଏହା ଦର୍ଲିପାଲି ଚାଲାଣ ହୋଇଥାନ୍ତା। ହେଲେ କୌଣସି ସୂତ୍ରରୁ ଥାନାଧିକାରୀ ପ୍ରୀତିମଞ୍ଜରୀ ମେଣ୍ଡୁଲି ସୂଚନା ପାଇ ଚଢ଼ଉ ନିର୍ଦ୍ଦେଶ ଦେଇଥିଲେ। ପୁଲିସ ଟିମ୍ ମହନ୍ତିଆପଡ଼ାଯାଇ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ନିତେଶଙ୍କ ମାମୁ ଘରେ ଚଢ଼ଉ କରି ଓ୍ୱିଂଗସ ଇଣ୍ଡିଆ ଫାର୍ମା କମ୍ପାନି ଓ୍ୱିଙ୍ଗ କରେକ୍ସ ନାମକ ବ୍ରାଣ୍ଡର କଫ ଶିରପ ଜବତ କରିଛି। ତାକୁ ଟାଉନଥାନାରେ ଅଟକ ରଖି ପଚରାଉଚରା କରି ଏ ବେଆଇନ ବେପାରରେ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି ତାହା ଜାଣିବାକୁ ଚେଷ୍ଟା କରୁଛି ପୁଲିସ। ରାଜଗାଙ୍ଗପୁରର ଯେଉଁ ଔଷଧ ଦୋକାନୀ ଏଥିରେ ଜଡ଼ିତ, ତାକୁ ମଧ ଧରାଯିବ ବୋଲି ପୋଲିସ କହିଛି ।

# ପୂର୍ବତନ ଜିଲ୍ଲାପାଳ ଧୀରେନ ପୂଜାରୀଙ୍କ ପରଲୋକ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ସହ ଝାଡୁଆପଡାର ମୂଳ ନିବାସୀ ତଥା ପୂର୍ବତନ ସମ୍ବଲପୁର କାର୍ଯ୍ୟ ନିର୍ବାହୀ ଅଧିକାରୀ , ପୂର୍ବତନ ନବରଙ୍ଗପୁର ଜିଲ୍ଲାପାଳ ଧୀରେନ କୁମାର ପୂଜାରୀଙ୍କ ପରଲୋକ ହୋଇଯାଇଛି । ଏହି ଖବର ଜଣାପଡିବା ପରେ ଭୁବନେଶ୍ୱର ସ୍ଥିତ ସତ୍ୟନଗର ସ୍ଥିତ ତାଙ୍କ ବାସଭବନରେ ଶେଷ ଦର୍ଶନ ପାଇଁ ଭିଡ ଜମିଥିଲା । ମୃତ୍ୟୁଶର୍ଯ୍ୟା ନିକଟରେ ତାଙ୍କ ସହଧର୍ମିଣୀ ବିନା ପୂଜାରୀ, ୨ପୁଅ ବିଶ୍ୱଜିତ୍ , ବିନୁ ଓ ଝିଅ ମଧୁସ୍ମିତା ଉପସ୍ଥିତ ଥିଲେ । ସେ ସ୍ୱର୍ଗତ ସୂର୍ଯ୍ୟକୁମାର ପୂଜାରୀଙ୍କ ସୁପୁତ୍ର ଏବଂ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀଙ୍କ ବଡବାପା ଥିଲେ । ତାଙ୍କ ଦେହାନ୍ତରେ ପୂଜାରୀ ପରିବାରରେ ଶୋକର ଛାୟା ଖେଳି ଯାଇଛି । ବଡପୁଅ ବିଶ୍ୱଜିତ୍ ପୂଜାରୀ ମୁଖାଗ୍ନି ଦେଇଥିଲେ ।

# ନାକଟିଦେଉଳ ସ୍ନାତକ କଲେଜରେ ଯୋଗ ଦିବସ ପାଳିତ

ରେଢ଼ାଖୋଲ,(ସବ୍ୟୁ): ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ପରିସରରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି । ଏଇ ଅବସରରେ ନାକଟିଦେଉଳ ବିଡ଼ିଓ କ୍ଷମାନିଧି ଭୋଇ ଅତିରିକ୍ତ ବିଡ଼ିଓ ବିଦ୍ୟାଧର ରାଉତରାୟ, ବ୍ଲକ ଅଧକ୍ଷା ସ୍ୱରୂପା ରାଣୀ ସାହୁ ଯୋଗଦେଇ ବିଶ୍ୱ ଯୋଗଦିବସ ଅବସରରେ ଯୋଗର ଉପଯୋଗୀତା ସମ୍ପର୍କରେ ମତବ୍ୟକ୍ତ କରିବା ସହ ଯୋଗ ମଣିଷ ପାଇଁ ଔଷଧ ଭଳି କାମ କରିଥାଏ ବୋଲି କହିଥିଲେ । କଲେଜର ଅଧାପକ ଅଧାପିକା ଛାତ୍ର ଛାତ୍ରୀ ଯୋଗଦେଇ ଯୋଗ କରିଥିଲେ ।

# ସିଆରପିଏଫ୍ ଗ୍ରୁପ୍ ସେଣ୍ଟରରେ ଅନ୍ତର୍ଜାତୀୟ ଯୋଗ ଦିବସ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଗୋଶାଳା ସ୍ଥିତ ସିଆରପିଏଫ୍ ଗ୍ରୁପ୍ ସେଣ୍ଟର ଠାରେ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ପୋଲିସ ଉପ ମହାନିରୀକ୍ଷକ ସଞ୍ଜୟ କୁମାର ସିଂହ, ସମ୍ବଲପୁର ରେଞ୍ଜ ଉପମହାନିରୀକ୍ଷକ ଦିଲ୍ଲୀପ ସିଂହ ଅନ୍ୱେଶ ପ୍ରମୁଖ ଉପସ୍ଥିତ ରହି ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ । ଗତ ୧ମାସ ହେବ ଗ୍ରୁପ୍ ସେଣ୍ଟର ଜରିଆରେ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଯୋଗ ଅଭ୍ୟାସ ସହଉବକ୍ତୃତା, ସ୍ୱାସ୍ଥ୍ୟ ଯାଞ୍ଚ ଶିବିର, ପିଲାଙ୍କ ପାଇଁ ଚିତ୍ରକଳା ପ୍ରତିଯୋଗିତା, ସାଇକଲ ରାଲ. ହୀରାକୁଦ ଡ୍ୟାମ ପାର୍କ, ନବୋଦୟ ବିଦ୍ୟାଳୟ ଓ ମାଁ ସମଲେଶ୍ୱରୀ ମନ୍ଦିର ପରିସରରେ ସାମୁହିକ ଯୋଗାଭ୍ୟାସ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯବାନ ଓ ନିକଟସ୍ଥ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ ।



# ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ରାୟଗଡା,(ସବ୍ୟୁ): ରାୟଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ସେହିପରି ଦୀର୍ଘ ଦିନରୁ ରାଧା କୃଷ୍ଣ ମନ୍ଦିର ପଡିଆରେ ଚାଲିଥିବା ଯୋଗ ଶିବିର ଭାରତ ସ୍ୱାଭିମାନ, ପତଞ୍ଜଳି ଯୋଗ ସମିତି, ଭେଟେରାନ ସୋସାଇଟିର ଏବଂ ଅବସରପ୍ରାପ୍ତ ସେନା କର୍ମଚାରଙ୍କ ସହଯୋଗରେ ମହୋତ୍ସବ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବରେ କ୍ରାନ୍ତି ସ୍ୱରୂପାନନ୍ଦ ଗିରି ଜି ମହାରାଜ ଉପସ୍ଥିତ ଥିବା ବେଳେ ଯୋଗଗୁରୁ ଡଃ ରାଜେଶ ଯୋଗ ଶିକ୍ଷା ଦେଇଥିଲେ। ସେହିପରି ଜିଲ୍ଲା କାରାଗାର, ମହର୍ଷି ବିଦ୍ୟା ମନ୍ଦିର ଏବଂ ସ୍ୱୟଂଶାସିତ କଲେଜ ଆଦିରେ ମଧ ଯୋଗ ଦିବସ ପାଳିତ ହେଇଯାଇଛି। ଯୋଗ ଗୁରୁ ଡ଼ଃ ରାଜେଶ ବିଦ୍ୱାର୍ଥୀ ମାନଙ୍କୁ ବିଭିନ୍ନ ଆସନ କରାଇଥିଲେ। ତାଙ୍କ ମତରେ ଯୋଗ ହୋଉଛି ଭାରତୀୟ ସଂସ୍କୃତିର ସୂକ୍ଷ୍ମା ଦି ସୁକ୍ଷ୍ମ ଆଧାତ୍ମିକ ସହିତ ଯୋଡିତ ଏକ ବିଜ୍ଞାନ ଅଟେ। ଯୋଗ ରୋଗୀ ମାନଙ୍କର ଔଷଧ ଅଟେ ଓ ସୁସ୍ଥ ବ୍ୟକ୍ତିଙ୍କର ବଳ ଅଟେ ଏବଂ ଆଧାତ୍ମିକ ସାଧକ ମାନଙ୍କର ସମାଧି ଅଟେ। ଯୋଗ ଏକ ଆତ୍ମ ଅନୁଶାସନ ଯୋଗ ଏକ ଜୀବନ ବଞ୍ଚିବାର କଳା । ଯୋଗ କେବଳ ଏକ ଶାରୀରିକ ବ୍ୟାୟାମ ନୁହଁ ଯୋଗ ଦ୍ୱାରା ଅପିତ ମାନସିକ ଏବଂ ଆଧାତ୍ମିକ ସହିତ ମଧ ଜଡ଼ିତ ବୋଲି କହିଛନ୍ତି।

# ମେହେର ସୃଷ୍ଟିରେ ପ୍ରକୃତି ଚିତ୍ରଣ

## ବୈଷ୍ଣବ ମେହେର

ପ୍ରକୃତି ବିନା ମଣିଷର ପରିକଳ୍ପନା ଆଦୌ ସମ୍ଭବ ନୁହଁ । ଆଜି ମଣିଷ ସଭ୍ୟତାରେ ଅଭୁତପୂର୍ବ ଉନ୍ନତି ଘଟିଥିଲେ ମଧ୍ୟ ମଣିଷ କିନ୍ତୁ ପ୍ରକୃତି ପ୍ରଭାବରୁ କଦାପି ନିଜକୁ ମୁକ୍ତ କରିପାରି ନାହିଁ । କାରଣ ପ୍ରକୃତି ସହିତ ମଣିଷର ସମ୍ବନ୍ଧ ମାଆ ଏବଂ ସନ୍ତାନ ଭଳି । ଦେବଭୂମି ଭାରତ ବର୍ଷର ସମସ୍ତ ପୁରାଣ ସାହିତ୍ୟରେ ପ୍ରକୃତିର ସ୍ଥାନ ସର୍ବାଗ୍ରେ ରହିଆସିଛି । ଅଗ୍ନି, ପାଣି, ପବନ, ମାଟି, ପାହାଡ଼, ନଈ, ଝରଣା, ସୂର୍ଯ୍ୟ, ଚନ୍ଦ୍ର, ତାରା ସମସ୍ତଙ୍କୁ ଏଠି ଉପାସନା କରାଯାଏ ।

ବୋଧେ ପ୍ରକୃତିର ଏହି ଉପାସନାରୁ ଆରମ୍ଭ ହୋଇଛି ମଣିଷର ଈଶ୍ୱର ବିଶ୍ୱାସ, ଧର୍ମ ଭାବନା, ଦର୍ଶନ ଓ ପୁରାଣ ସାହିତ୍ୟ । ଆମର ପୁରାତନ ସାହିତ୍ୟରେ ପ୍ରକୃତିର ବର୍ଣ୍ଣନା ଅତ୍ୟନ୍ତ ପ୍ରାଣସ୍ପର୍ଶୀ । ପ୍ରକୃତି ଓ ପଲ୍ଲୀପ୍ରତି ଆକର୍ଷଣ ବସ୍ତୁତଃ ମଣିଷକୁ ସ୍ୱାଭାବିକ ଭାବରେ ପ୍ରଲୁବ୍ଧ କରେ । ତେଣୁ ପ୍ରକୃତିର ମହିମାରେ ଆତ୍ମହରା ହୋଇ ସାହିତ୍ୟସ୍ରଷ୍ଟାମାନେ ସୃଷ୍ଟି କରନ୍ତି ପ୍ରକୃତି ସମ୍ବଳିତ କାବ୍ୟ ମହାକାବ୍ୟ । ପ୍ରକୃତିର ଶାବ୍ଦିକ ରୂପାୟନରେ ଐନ୍ଦ୍ରଜାଳିକ ମାୟା ସୃଷ୍ଟିକରି ପାଠକକୁ ଆତ୍ମହରା କରାଇବାରେ ପ୍ରକୃତିପ୍ରାଣ କବି ଗଙ୍ଗାଧରଙ୍କ ଭିନ୍ନ ଦ୍ୱିତୀୟ ଓଡ଼ିଆ ସାହିତ୍ୟରେ ବିରଳ । ପ୍ରକୃତି ସବୁବେଳେ ଗଙ୍ଗାଧରଙ୍କୁ ଆକର୍ଷିତ ଏବଂ ବିମୁଗ୍ଧ କରିଛି । ପ୍ରକୃତିର ମଧ୍ୟ ମନ ଅଛି, ହୃଦୟ ଅଛି ଆଉ ସେ ବି ମଣିଷ ସହିତ ଆଳାପ କରେ ବୋଲି ଗଙ୍ଗାଧରଙ୍କ କାବ୍ୟ ପ୍ରମାଣିତ କରେ । ତେଣୁ ଗଙ୍ଗାଧରଙ୍କ ପ୍ରକୃତି କେବଳ ସାହିତ୍ୟ ପଞ୍ଜଳର ଅପୂର୍ବ ସମ୍ଭାର ସାଜି ମଣିଷର ମନୋରଞ୍ଜନ ପାଇଁ ସୃଷ୍ଟ ନୁହେଁ, ବରଂ ମଣିଷ ସହିତ ଅସୀମ ଆତ୍ମୀୟତା ପ୍ରତିଷ୍ଠା କରିବା ପାଇଁ ସଦା ଅପେକ୍ଷାରତ । ପ୍ରକୃତିର ଅନନ୍ୟ ରୂପକାର ରଙ୍ଗାଜୀବ ଗଙ୍ଗାଧର ନିଜର ଅନ୍ତର୍ଦୃଷ୍ଟି ବଳରେ ପ୍ରକୃତି ଓ ମଣିଷ ମଧ୍ୟରେ ଥିବା ଗଭୀର ସମ୍ବେଦନଶୀଳ ଅନ୍ତରଙ୍ଗ ସମ୍ବନ୍ଧକୁ ଚିହ୍ନିପାରି ତାକୁ ନିଜ କାବ୍ୟରେ ରୂପାୟିତ କରିଛନ୍ତି ।

ତପସ୍ୱିନୀ କାବ୍ୟର ପ୍ରତ୍ୟେକ ସ୍ୱର୍ଗରେ କବି ପ୍ରକୃତିକୁ ଯେଉଁ ଭଳି ଭାବରେ ଅଭିବ୍ୟକ୍ତ କରାଇଛନ୍ତି, ସେଥିରେ ହିଁ କବିଙ୍କ ଜୀବନ ଦର୍ଶନର ସାରତତ୍ତ୍ୱ ପ୍ରତିଫଳିତ । ଗଙ୍ଗାଧରଙ୍କ ସାହିତ୍ୟ ପରିବେଷ୍ଟନୀ ଭିତରେ ବିଚରଣ କଲାବେଳେ ତାଙ୍କର ପ୍ରକୃତି ଚିତ୍ରଣ ଯେତେବେଳେ ଦୃଷ୍ଟିଗୋଚର ହୁଏ, ସେତେବେଳେ ନିଜକୁ ବି ବିଶ୍ୱାସ କରି ହୁଏ ନାହିଁ । ଗଙ୍ଗାଧରଙ୍କ ସାହିତ୍ୟ ଜଗତରେ ପ୍ରକୃତି ଏକ ଉଦ୍ଦୀପନାର ବିଭବ । ତାଙ୍କର କାବ୍ୟ କବିତାରେ ମାନବ ବେଦନା ପ୍ରତି ପ୍ରକୃତିର ଉଦ୍‌ବେଳିତ ସହାନୁଭୂତି ରହିଛି । ବିପନ୍ନ, ଯାତନାଗ୍ରସ୍ତ ମଣିଷକୁ ପରିତ୍ରାଣ କରିବା ପାଇଁ ପ୍ରକୃତି ଯେପରି ଉଦବିଗ୍ନ ହୋଇ ଉଠିଛି । କବିଙ୍କ ଚେତନାରେ ପ୍ରକୃତି କେବେ ସ୍ତବ୍ଧ, କେବେ ମୁଖର, କେବେ ବିଷାଦରେ ବିଷର୍ଣ୍ଣ, କେବେ ସେବା ତତ୍ପର, କେବେ ପୁଣି ସେ ମଣିଷର ସୁଖଦୁଃଖରେ ହୋଇ ପଡ଼ିଛି ଆତ୍ମହରା । ଗଙ୍ଗାଧର ସେହି ପ୍ରକୃତିକୁ କେଉଁଠି ବୀରବେଶରେ ସୁସଜ୍ଜିତ କରାଇ ଅଶୁଭ ଓ ଅଶାନ୍ତିର ପ୍ରତିକୂଳ ପରିସ୍ଥିତି ବିରୁଦ୍ଧରେ ସମର କରିବା ପାଇଁ ଅବତୀର୍ଣ୍ଣ କରାଇ ଦେଇଛନ୍ତି । କବିଙ୍କ ତପସ୍ୱିନୀ କାବ୍ୟରେ ସତୀ ଶିରୋମଣୀ ସୀତାଙ୍କ ଦୁଃଖରେ ମର୍ମାହତ ପ୍ରକୃତି ଯେମିତି ନିୟତିକୁ ଆହ୍ୱାନ କରୁଛି–

*'କରିବାକୁ ନିୟତିର ସହିତ ସମର*
*ତୃଣରାଜ ଖଡ଼ଗ କରେ ଗର୍ଜିଲା ପ୍ରଖର*
*ବାୟାବସା ତୂଣୀରକୁ ଝାଡ଼ି ବାରମ୍ବାର*
*ପତ୍ରକଙ୍କ ପତ୍ର କଲା କି ଅବା ବାହାର ।'*

**ଗଙ୍ଗାଧରଙ୍କ ତପସ୍ୱିନୀ କାବ୍ୟରେ ହିଁ ପ୍ରକୃତି ସବୁଠାରୁ ଅଧିକ ଜୀବନ୍ତ ହୋଇଛି । ସ୍ୱାମୀ ପରିତ୍ୟକ୍ତା ମାତା ସୀତାଙ୍କ ବିଳାପ ବ୍ୟଥିତ ପ୍ରାଣରେ ସର୍ବ ପ୍ରଥମେ ଆଶ୍ୱାସନା ଦେବାକୁ ଆଗେଇ ଆସିଛି ଅରଣ୍ୟର ଶାନ୍ତ ପ୍ରକୃତି । ଆଶ୍ରମର ହରିଣ ହରିଣୀ, ପିକ, ମୟୂର, ବକ, ଶୁକ, ଶାରୀ, କପୋତ ସମସ୍ତେ ଶାନ୍ତିସେନା ସାଜି ମାତା ସୀତାଙ୍କ ଶୋକ ହରିବାକୁ ପ୍ରୟାସ କରିଛନ୍ତି ।**

କେଉଁଠି ମଣିଷର ଦୁଃଖରେ ଅଭିଭୁତ କରାଇ କବି ପ୍ରକୃତିକୁ ଅଶୃଳ ଓ କ୍ରନ୍ଦନମୁଖର କରାଇଛନ୍ତି । ପ୍ରକୃତି ସୁଖ ଓ ଦୁଃଖରେ ମଣିଷର ସମଭାଗୀ, କାରଣ ମଣିଷ ଓ ପ୍ରକୃତି ଗୋଟିଏ ବିରଞ୍ଚିର ଅଭୂତ ରଚନା । ତେଣୁ ଉଭୟ ପରସ୍ପର ପ୍ରତି ସମ୍ବେଦନଶୀଳ । କବିଙ୍କ ଶକୁନ୍ତଳା କାବ୍ୟରେ ଯେମିତି ଶକୁନ୍ତଳା ପତିଗୃହକୁ ଯାତ୍ରା କରୁଛନ୍ତି ଠିକ ସେତିକି ବେଳେ ଆଶ୍ରମର ସମସ୍ତ ବୃକ୍ଷଲତା, ଜୀବଜନ୍ତୁ, କୀଟପତଙ୍ଗ ଦୁଃଖାଭିଭୂତ ହୋଇ ପଡ଼ିଛନ୍ତି । ସମସ୍ତ ପ୍ରକୃତି ଯେମିତି ବିଦାୟକାଳୀନ ଦୁଃଖରେ ଶୋକଛଳଛଳ ହୋଇ ପଡ଼ିଛି ।

*'କେତେକ ଛଳେ କେତେ ଅବା*
*କୁସୁମ ବର୍ଷଣ ଛଳେ*
*ଶକୁନ୍ତଳା କର ସ୍ପରଶ ମାତ୍ରକେ*
*ଲୋତକ ମୋଚନ କଲେ ।'*

ଗଙ୍ଗାଧରଙ୍କ ତପସ୍ୱିନୀ କାବ୍ୟରେ ହିଁ ପ୍ରକୃତି ସବୁଠାରୁ ଅଧିକ ଜୀବନ୍ତ ହୋଇଛି । ସ୍ୱାମୀ ପରିତ୍ୟକ୍ତା ମାତା ସୀତାଙ୍କ ବିଳାପ ବ୍ୟଥିତ ପ୍ରାଣରେ ସର୍ବ ପ୍ରଥମେ ଆଶ୍ୱାସନା ଦେବାକୁ ଆଗେଇ ଆସିଛି ଅରଣ୍ୟର ଶାନ୍ତ ପ୍ରକୃତି । ଆଶ୍ରମର ହରିଣ ହରିଣୀ, ପିକ, ମୟୂର, ବକ, ଶୁକ, ଶାରୀ, କପୋତ ସମସ୍ତେ ଶାନ୍ତିସେନା ସାଜି ମାତା ସୀତାଙ୍କ ଶୋକ ହରିବାକୁ ପ୍ରୟାସ କରିଛନ୍ତି । ପରବର୍ତ୍ତୀ ସମୟରେ ତମସା ନଈରେ ଅବଗାହନ ସମୟରେ ନଈ ଅତି ମଧୁର ଭାଷାରେ ମାତା ସୀତାଙ୍କୁ ସ୍ନେହ ସମ୍ଭାଷଣ ଜଣାଇଛି ଏବଂ କବିଙ୍କ ଲେଖନୀରେ ମାତା ସୀତା ତମସାକୁ ଉତ୍ତର ଦେଇଛନ୍ତି –

*'ଶୂନ୍ୟ ଯାର ଚରାଚର, ଜନନୀ କୋଳ*
*ମାତର,*
*ତା'ର ଆଦର ଆକାର ମହାମଣ୍ଡଳେ,*
*ଜନନୀ ଯା ରତ୍ନ ଗରଭା,*
*କାହିଁକି ସେ ଅନ୍ୟ ସ୍ଥାନ ଲୋଡ଼ିବ ଅବା ! '*

ପ୍ରକୃତି ପ୍ରାଣ କବି ଗଙ୍ଗାଧରଙ୍କ ପ୍ରକୃତି ବର୍ଣ୍ଣନା ଏକ ସ୍ୱତନ୍ତ୍ର ପରିଚୟ ବହନ କରିଛି । ସମ୍ବଲପୁରର ବାଲିବନ୍ଧାରେ ଥିବା ସୋମନାଥ ମନ୍ଦିର ବା ସାମିଆଗୁଡ଼ିକୁ ନେଇ ଗଙ୍ଗାଧରଙ୍କ ସୋମନାଥ ବିଜୟ କବିତାରେ କବି ଲେଖିଛନ୍ତି–

*କିନ୍ତୁ ସେ (ଗଙ୍ଗା) ଧବଳବେଣୀ ବୃଦ୍ଧାରେ*
*ଗଣିତ*
*ଏ(ମହାନଦୀ) ସୁରମ୍ୟ ନୀଳବେଣୀ*
*ମାନସ ରଞ୍ଜନୀ ।*
*ଦିଗଗତ ପରାଏ କେତେ ପ୍ରକାଣ୍ଡ ଉପଳ*
*ମହାନଦୀ ଜଳେ ହେଉଛନ୍ତି ନିମଜ୍ଜିତ !! '*

କବିଙ୍କ ଲେଖନୀରୁ ନିଃସୃତ ହୋଇଛି ମହାନଦୀ, ତେଲ, ବୈତରଣୀ, ସୁବର୍ଣ୍ଣରେଖା, ଜିରା, ଗଙ୍ଗା, ଗୋଦାବରୀ, ବ୍ରାହ୍ମଣୀ ସୌନ୍ଦର୍ଯ୍ୟର ମନ୍ତ୍ରମୁଗ୍ଧ ବର୍ଣ୍ଣନା । ବାସ୍ତବରେ ଗଙ୍ଗାଧରଙ୍କ ସୃଷ୍ଟିରେ ପ୍ରକୃତି ତିଆରି କରିଛି ଏକ ବିସ୍ମୟକର ଇନ୍ଦ୍ରଜାଲ । ପ୍ରକୃତିର ବିଭବ ଯେଉଁ ଭଳି ଭାବରେ ପାଠକଙ୍କୁ ଆକର୍ଷିତ କରିଥାଏ, ତାହା ଅନ୍ୟ କାହିଠି ଦେଖିବାକୁ ମିଳେ ନାହିଁ । ପ୍ରକୃତିର ନିଃସର୍ଗ ସରଳ ସମ୍ବେଦନ ସମଗ୍ର ପରିବେଶକୁ କରିଦିଏ ଅମୃତମୟ । କାବ୍ୟ କବିତା ମଧ୍ୟରେ ସବୁଜ ପ୍ରକୃତି ଏଭଳି ସୌନ୍ଦର୍ଯ୍ୟ ନେଇ ଆତ୍ମପ୍ରକାଶ କରିବା ଓଡ଼ିଆ ସାହିତ୍ୟରେ ଅନ୍ୟ କେଉଁଠି ଏତେ ସମ୍ଭବ ହୋଇ ନାହିଁ । ତେଣୁ ଗଙ୍ଗାଧରଙ୍କୁ ପ୍ରକୃତି କବି କୁହାଯିବାର ବେଶ ଯଥାର୍ଥତା ଅନୁଭବ କରିହୁଏ । କବି ଗଙ୍ଗାଧର ଇଂରେଜୀ କବି ୱାର୍ଡସୱାର୍ଥଙ୍କ ଭଳି ପ୍ରକୃତିର ଅନ୍ତରାଳରୁ ସୃଷ୍ଟି ରହସ୍ୟର ସଙ୍କେତ ଆବିଷ୍କାର କରି ନ ଥିଲେ ମଧ୍ୟ ସେ ଯେ ପ୍ରକୃତିର ଶାଶ୍ୱତ ଉପାସକ, ନିଷ୍ପାପର ଭକ୍ତ ଏବଂ ସୁଦକ୍ଷ କାବ୍ୟଶିଳ୍ପୀ, ଏଥିରେ ତିଳେ ମାତ୍ର ସନ୍ଦେହର ଅବକାଶ ନାହିଁ । ସାହିତ୍ୟ ସହ ମଣିଷର ସମ୍ପର୍କ ଅତୁଟ ଥିବା ଯାଏଁ ପ୍ରକୃତିପ୍ରାଣ କବି ଗଙ୍ଗାଧରଙ୍କ ପ୍ରକୃତି ବିନ୍ୟାସ ଯୁଗ ଯୁଗ ପାଇଁ ପ୍ରତି ମଣିଷର ଅନ୍ତରାତ୍ମାକୁ ସରସ, ସୁନ୍ଦର ଓ ପ୍ରଫୁଲ୍ଲତାରେ ପ୍ଳାବିତ କରିଚାଲିଥିବ, ଏହା ନିଶ୍ଚିତ ।

**ସିନାପାଲି, ନୁଆପଡ଼ା**
**ମୋ–୯୭୭୭୭୫୩୯୩୫**

# ପ୍ରେମ ଅଢେଇ ଅକ୍ଷର

## ସୁନନ୍ଦା ମହାନ୍ତି

ଗଳ୍ପ

ଆଉ ସହି ହେଉନଥିଲା ସ୍ୱାତୀଙ୍କ କଷ୍ଟ । ସ୍ୱାମୀ ସୁଖ ସାଥିରେ ସନ୍ତାନ ସୁଖ ନଥିଲେ ଭାଙ୍ଗିଯାଏ ଦାମ୍ପତ୍ୟ ବୋଲି ବୁଝିସାରିଥିଲେ ସ୍ୱାମୀ ଅରୁଣ । କିନ୍ତୁ କାହିଁ ଭାଙ୍ଗି ପଡ଼ିନାହାଁନ୍ତି ତ ସେ ନିଜେ ! କେହି ଛୋଟ ପୁଅ କି ଝିଅ ତା ବାପାଙ୍କୁ ପାପା, କି ବାପା କି ଡାଡି ଡାକି କୋଳକୁ ତାଙ୍କର ଡେଇଁପଡ଼ିଲା ବେଳେ ହେଉ ବା ସହକର୍ମୀ କେହି ସାଥିରେ ଫେରିଲା ବେଳେ ଅଧାବାଟରେ ଗାଡି ରଖି ନିଜ ପୁଅ କି ଝିଅ ପାଇଁ ଚକୋଲେଟ କି ଖେଳନା କିଛି କିଣିଲା ବେଳେ ଅରୁଣଙ୍କ ଛାତି ଭିତରଟା କେମିତି କେମିତି ହୋଇଯାଇନି ବୋଲି ନୁହେଁ । ହୋଇଛି ଯେ କିନ୍ତୁ ସ୍ୱାତୀଙ୍କ ପାଖରୁ ସେ ସବୁ ପାଇଯାଆନ୍ତି । ଅଳି, ଅର୍ଦଳି, ସ୍ନେହ ଶ୍ରଦ୍ଧା ସବୁକିଛି ଦେଇଛନ୍ତି ତାଙ୍କୁ ସ୍ୱାତୀ । ଏତେ ସବୁ ପାଇ ଯାଉଥିବା ବେଳେ ସ୍ୱାତୀଙ୍କୁ କୌଣସି କଥାରେ ହେଳା କରିନାହାଁନ୍ତି ଅରୁଣ । ଛୋଟ ପିଲା ପରି ସ୍ୱାତୀଙ୍କ ସଙ୍ଗେ ଅଳି କରନ୍ତି ଆଜି ଚକୁଳି କର କହି ତ ଆଜି ଦହିବରା ଆଳୁଦମ କର କହି । ପୁଣି ସ୍ୱାତୀ ମଧ ସକାଳୁ ସନ୍ଧ୍ୟା ଯାଇ ରାତି ହେବା ଯାଏଁ ଲାଗିଥାଆନ୍ତି ତାଙ୍କ ସେବାରେ । ତାଙ୍କୁ ସକାଳୁ ହାତକୁ ବ୍ରଶ ବଢ଼ାଇବାଠାରୁ ଅଫିସ ଗଲାଯାଏଁ ତାଙ୍କ ଟିଫିନ ବକ୍ସ, ଛତା, ଜୋତା, ପାଣିବୋତଲ, ରୁମାଲ, ଚଷମା ସବୁତ ସଜାଡ଼ନ୍ତି ସ୍ୱାତୀ ।

ସେଥିରେ ପୁଣି ଅରୁଣ ଖୋଜି ହେଉଥିବେ ନିଜ ଗାଡି ଚାବି, ଡାଇରୀ ବା ଟିପାଖାତା ତ ପୁଣି ଛାଡ଼ିଥିବେ ଡାକ,ଟାଇ ବାନ୍ଧିଦେଇଯିବା ପାଇଁ କୋଉଦିନ ତ କୋଉ ସୁଟକୁ କୋଉ ଟାଇ ବାଛିଦେବାକୁ ପ୍ରତିଦିନ. ଏତେ କାମ କଲା ପରେ ବି ମନମାନେନି ସ୍ୱାତୀଙ୍କର । ଉଦାସ ଚେହେରାରୁ ସ୍ପଷ୍ଟ ବାରି ହୋଇପଡୁଥାଏ ସେ ମାତୃତ୍ୱ ଚାହାଁନ୍ତି । ସେଦିନ ଅଫିସରୁ ଛୁଟି ନେଇ ସ୍ୱାତୀଙ୍କୁ ସାଙ୍ଗରେ ନେଇ ସେ ପହଁଚିଲେ ବାଳାଶ୍ରମରେ । ଖୋଜି ଖୋଜି ସବୁଠୁ ଭଲ ସୁନ୍ଦର ଶିଶୁ କନ୍ୟାକୁ ସ୍ୱାତୀଙ୍କ କୋଳରେ ଝିଅକୁ ଟେକିଦେଇଥିଲେ ଅରୁଣ । ନୂଆ ଚମକ ଆଖି ଓ ଓଠରେ ସ୍ୱାତୀଙ୍କର । ମୁହଁ ଖୋଲି କିଛି ନକହିଲେ ମଧ ସ୍ୱାତୀଙ୍କର ଆଖି ଓ ଓଠର ଭାଷା ବୁଝିଲା ପରି ଥିଲା । ଏଣିକି ଝିଅର କାମରେ ରହି ଅରୁଣଙ୍କ କାମ ସବୁ କରିବାରେ ଆଗ ପରି ମନଧ୍ୟାନ ଦେଉନଥିଲେ ମଧ ଅରୁଣ ଖୁସି କାରଣ ଝିଅ ଟିକିଲି ଘଡିଏ ମାଆକୁ ଛାଡି ରହୁନଥିଲା କି ମାଆ ସ୍ୱାତୀଙ୍କର ଝିଅ କାମ, ଯତ୍ନ ଓ ପରିଚର୍ଯ୍ୟା ଦେଖିବା ଭଳି ଥିଲା ।

ଜୀବନଟା ସୁଖ ଦୁଃଖରେ ପୂର୍ଣ୍ଣ ବୋଲି ସମସ୍ତେ ଜାଣନ୍ତି । ରୋଗ, ଋଣ, ବ୍ୟାଧି, ଅକାଳ ଚଡକ ମଡ଼କ ଠାରୁ ଆହୁରି ଭୟଙ୍କର ସେ ଦୁଃଖ ଥିଲା ଯୋଉଦିନ ବାଳାଶ୍ରମର ଖୋଦ ମାଲିକ ଆସି ସବୁ ପ୍ରମାଣ ପତ୍ର ସହ ଝିଅର ପ୍ରକୃତ ବାପା ମାଆ ମିଳିଯାଇଛନ୍ତି କହି ନେହୁରା ଓ ଅନୁନୟ ସହ ବିନୀତ ଅନୁରୋଧ କରି ଝିଅ ଟିକିଲିକୁ ଫେରେଇନେବାକୁ ସମର୍ଥ ହେଲେ. ଏଗ୍ରିମେଣ୍ଟରେ ମଧ ଲେଖାଯାଇଥିଲା ଯଦି ପିଲାର ପ୍ରକୃତ ପରିଚୟ ମିଳିଯାଏ ଓ ପିତାମାତା ଚାହାଁନ୍ତି ତାଙ୍କ ସନ୍ତାନକୁ ଫେରେଇନେବାକୁ ତ ନେଇପାରିବେ । ଝିଅ ଟିକିଲିକୁ ନେବା ଯେତିକି ଦୁଃଖଦାୟକ ଥିଲା ସ୍ୱାତୀଙ୍କୁ ସମ୍ଭାଳିବା ଆହୁରି ଦୁଃଖଦାୟକ ଥିଲା । ଗୁମସୁମ ସ୍ୱାତୀଙ୍କୁ ଦେଖି ହେଉନଥିଲା । ଛାତି ଫାଟିଯାଉଥିଲା ମାଆ ପାଖରୁ ଛୁଆକୁ ଅଲଗା କରିବା ଦୃଶ୍ୟ ତ ଅରୁଣ କଣ କରିବେ ଏ ପରିସ୍ଥିତିରେ ବୁଝି ପାରୁନଥିଲେ ।

ଶେଷକୁ ସେଦିନ ଧରି ଆଣିଥିଲେ କୁକୁର ଛୁଆଟେ । ଧଳା ଗୁଲଗୁଲ ବିଲାତି କୁକୁର ଛୁଆ ପାଇ ଆନନ୍ଦ ଅତିଶଯ୍ୟାରେ ସ୍ୱାତୀ ପୁଣି ଚଳଚଞ୍ଚଳ ହୋଇପଡୁଥିବା ବେଳେ ଦୁର୍ଯୋଗ ପିଛା ଛାଡୁନଥିଲା. ଅତି ଯତ୍ନରେ ଥିବା ଡଗିକୁ ବନ୍ଧା ଯାଉନଥିଲା । ପଛେ ପଛେ ଦଉଡି ଖେଳା ବୁଲା ଭିତରେ ଦିନେ ହଠାତ ରାସ୍ତାକୁ ଓହ୍ଲାଇ ଗଲା ଯେ ଆଉ ଫେରିଲାନି । କାର ଚାପି ଦେଇନଥିଲା ଖାଲି ଡଗିକୁ ବରଂ ଘୋଷାଡି ନେଇଯାଇଥିଲା ବହୁ ଦୂର । ଏହା ପରେ ଶଯ୍ୟାଶାୟୀ ସ୍ୱାତୀଙ୍କୁ ମାନସିକ ସ୍ତରରେ ଖୁସି ଦେବା ପାଇଁ ଶୁଆ, ନେଉଳ ଆଦି ଯେତେ ପଶୁ ପକ୍ଷୀ ଘରକୁ ଆଣୁଥିଲେ ଅରୁଣ ସମସ୍ତଙ୍କ ଦଶା ଥିଲା ଏକ । ଶୁଆକୁ ପଞ୍ଜୁରୀ ଭିତରୁ କାଢି ବିଲେଇ ଝାମ୍ପି ନେଇ କୁଆଡେ ନେଲା ଯେ ପତା କି ଠିକଣା ମିଳିଲାନି ତାର । ନେଉଳ କୁଆଡେ ଚାଲିଗଲା ଯେ ଆଉ ଘରକୁ ଫେରିବାର ନାମ ଗନ୍ଧ ଧରିଲାନି । ସ୍ୱାତୀଙ୍କୁ ଭାଙ୍ଗି ପଡିବା ଦେଖି ଅରୁଣ ଖୁବ ବୁଝାଇଥିଲେ ।

ଯେଉଁ ଜୀବ ଓ ଜୀବନ ତୁମର ନୁହେଁ, ତୁମେ କାହିଁକି ତାକୁ ଏତେ ଭଲପାଉଛ? ଯେଉଁ ସୁଖ ତୁମର ନୁହେଁ, କାଇଁ ତା ପାଇଁ ଏତେ ଦୁଃଖ ଭୋଗୁଛ? ଯେଉଁ ଦୁଃଖ ତୁମର ନୁହେଁ, କାଇଁ ତାକୁ ଈଶ୍ୱରଙ୍କୁ ସମର୍ପି ଦେଉନ? ନିଜ ଓଠର କରୁଣ ଶବ୍ଦ ଓ ଆଖିରୁ ନିଗିଡି ପାରୁନଥିବା ଲୁହକୁ ,ତୁମେ କାହିଁକି ଅନୁଭବ କରି କଷ୍ଟ ପାଉଛ ? ସବୁ ସୁଖ ଓ ଦୁଃଖର ସ୍ରଷ୍ଟା ସେଇ ଜଣେ.ତୁମେ କିଏ ଦୟା ଦେଖାଇବାକୁ ? ତୁମେ କିଏ କ୍ଷମା ଦେବାକୁ ? ତୁମେ କିଏ ହିଂସା କରିବାକୁ ? ତୁମେ ନିଜେ କିଏ କଣ ଜାଣିଛ ? ଜାଣିନ ନା? ତୁମ ଫେରିଯିବାଟା କିନ୍ତୁ ନିର୍ଦ୍ଦିଷ୍ଟ ହୋଇସାରିଚି ତ ସେମାନଙ୍କର ଫେରିଯିବାଟା ମଧ ସୁନିଶ୍ଚିତ ହୋଇସାରିଛି ।

ତୁମେ କିଛି କରନାହିଁ କି ତୁମ ଦ୍ୱାରା କିଛି ହୋଇପାରିବ ନାହିଁ । ଯାହା କିଛି ହୋଇଚି ବା ହେଉଛି , ସେ କରୁଛନ୍ତି । ସେଇ ପ୍ରଭୁର ଆକାଶ ଅଛି ବୋଲିତ ତୁମେ ପକ୍ଷୀର ଡେଣା ପାଇଚ । ଆକାଶ ଯଦି ନଥାନ୍ତା, ପକ୍ଷୀର ଡେଣା କାହିଁକି ଥାଆନ୍ତା ?ପାଣି ଯଦି ନଥାନ୍ତା, ମାଛମାନେ କିପରି ବଞ୍ଚନ୍ତେ? ବୃକ୍ଷଲତା ନଥିଲେ, ତୁମେ କେଉଁଠୁ ଅମ୍ଳଜାନ ପାଉଥାନ୍ତ?କାହାକୁ ନିଜର କରିବାର ଦିବାସ୍ୱପ୍ନ ଦେଖିବା ବନ୍ଦକର । ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେବ ଯାହା । ବଦଳରେ କିଏ ତୁମକୁ ଆଶ୍ୱାସନା ଦେବେ?ହାତକାଟି ରକ୍ତରେ ନାଁ ଲେଖିବା କିଛି ଦରକାର ନାହିଁ । ସଂସାର ଓ ସମ୍ପର୍କ, ସୁଖ ଦୁଃଖ, ପ୍ରାପ୍ତି ଅପ୍ରାପ୍ତି, ସ୍ୱପ୍ନ ଓ ସ୍ୱପ୍ନଭଙ୍ଗର ମାନେ ବୋଲି କିଛିନାହିଁ । ତୁମେ ତୁମ ଛାଇକୁ କଣ କେବେ ଧରିପାରିଛ? ବ୍ୟଥା ଓ ବେଦନାରେ ବାଟ ଚାଲିବା , ସାର ହେବ ଯାହା । କାହିଁକି ପରିତ୍ୟାଗ କରୁନାହଁ ସଂବାଲୁଆର ଖୋଳପାକୁ?

ଈଶ୍ୱର ଯେ ତୁମପାଇଁ ସଜାଇ ରଖିଛନ୍ତି ଏକ ସୁନ୍ଦର ପ୍ରଜାପତିର ଜୀବନ । ମୁଁ ଅଛି ମତେ ଦେଖ । ମୋ ଭିତରେ ନିଜ ସୁଖ ଓ ଇପ୍ସିତ ଇଚ୍ଛାର ସନ୍ଧାନ କର । ନଚେତ ନିଜକୁ ଭଲପାଅ । ଯେଉଁମାନେ ତୁମର ନୁହଁନ୍ତି ତାଙ୍କ ପାଇଁ ଦୁଃଖ କରି ଲାଭ କଣ! ସେଦିନ କିନ୍ତୁ ମନଦୁଃଖରେ ଘରକୁ ଫେରି ଅରୁଣ ଆଶ୍ଚର୍ଯ୍ୟ ହେଲେ । ସ୍ୱାତୀ ଖୁବ ଖୁସି ଥିଲେ । ଅନଲାଇନରେ ଚତୁର୍ଦ୍ଧାମୂର୍ତ୍ତି ମଗେଇ ଠାକୁରମାନଙ୍କୁ ପୂଜା ଘରେ ରଖି ରଥ ଉପରେ ସୁନାବେଶ କରି ଗାଉଥିଲେ ଭଜନ, ଜାଳିଥିଲେ ଦୀପ । ଝୁଣା, କର୍ପୁର, ତୁଳସୀ, ଦୟଣା ବାସ୍ନାରେ ଘର ମହମହ ବାସୁଥିଲା ଆଉ ସ୍ୱାତୀ ଦଉଡି ଆସି ଅରୁଣଙ୍କ ହାତରେ ଥିବା ଜୀବନ୍ତ ଧଳା ଠେକୁଆଟିକୁ ଦେଖି ପଛକୁ ହଟିଥିଲେ । ଡରିଯାଇ କହିଥିଲେ ଏମାନେ ସମସ୍ତେ ବିଶ୍ୱାସରେ ବିଷ ଦେଇ ଜାଣନ୍ତି । ମତେ ପର କରି ଚାଲିଯିବାରେ ଆନନ୍ଦ ପାଆନ୍ତି କିନ୍ତୁ ନନ୍ଦପୁଅ ଏବେ ନନ୍ଦିଘୋଷରେ ଫେରିଆସିଛି ଘରକୁ । ଦେଖିବ ଆସ । ସେ କାହାକୁ କେବେ ଠକି ପାରେନା । କଳାକାହ୍ନୁ ରୂପରେ ପ୍ରଥମେ ଦେବକୀ ମାଆଙ୍କୁ ଠକି ପରେ ଯଶୋଦା ମାଆକୁ ଠକିଥିବାରୁ ଏବେ ପା କାଳିଆଠାକୁର ହୋଇ ମାଉସୀମାଆକୁ ନଭୁଲି ବରଷକେ ଥରେ ରଥରେ ବସି ଗୁଣ୍ଡିଚା ମନ୍ଦିର ଯିବା ସହ ବାହୁଡ଼ାରେ ଫେରି ରଥ ଉପରେ ସୁନାବେଶ ହୋଇ ଜଗତଜାକର ମାଆ ମାଉସୀଙ୍କୁ ଧନ୍ୟ କରିଛି. ଦେଖିବ ଆସ । ଅରୁଣ ଆଶ୍ଚର୍ଯ୍ୟ ହୋଇ ଦେଖୁଥିଲେ ସ୍ୱାତୀଙ୍କୁ ।

ସ୍ୱାତୀ ତପସ୍ୱିନୀ ସାଜିଥିଲେ ତ ଅରୁଣ ଏଣିକି ଟିକେ ଫ୍ରି ଥିଲେ । ବଦଳି କ୍ୟାନସେଲ କରି କରି ବସଙ୍କ କୋପ ଦୃଷ୍ଟିରେ ପଡିବାରୁ ରକ୍ଷା ପାଇବା ପାଇଁ ଦିଲ୍ଲୀ ଚାଲିଯାଇଥିଲେ । ସେଠାରେ କ୍ୱାଟର ନପାଇବା ଯାଏଁ ଯେଉଁଠି ଭଡା ଘର କରି ରହିଥିଲେ ସେଠି ପଡୋଶୀ ହିସାବରେ କାନ୍ତା ଦେବୀ ଓ ତାଙ୍କ ଛୋଟ ପୁଅ ଝିଅଙ୍କ ସହ ରହୁଥିଲେ ।

ଅରୁଣ ମଟରସାଇକେଲ କାଢିଲେ ଛୁଆ ଦୁଇଟି କେଉଁଠି ଥାଆନ୍ତି ଦଉଡି ଆସନ୍ତି ଅଙ୍କଲ ଆମେ ଯିବୁ କହି । କାନ୍ତା ଆସି ଛୁଆ ମାନଙ୍କୁ ଆଟକ କରୁ କରୁ ଅରୁଣ ଫେରନ୍ତି ସେମାନଙ୍କ ପାଇଁ ଚକୋଲେଟ ନେଇ କେବେ ତ କେବେ ଆଇସକ୍ରିମ ନେଇ । ଛୁଆ ଦୁଇଟାଙ୍କ ପାଇଁ ଅରୁଣ ଏବେ କାନ୍ତାଙ୍କ ଏରୁଣ୍ଡିବନ୍ଧ ଡେଇଁ ସୋଫା ଯାଏଁ ଯାଉ ଯାଉ ଡାଇନିଂ ଟେବୁଲରେ ମଧ କାନ୍ତା ଓ ତାଙ୍କ ଦୁଇ ପୁଅ ଝିଅଙ୍କ ସହ କେତେଥର ଟିଫିନ, ବ୍ରେକଫାଷ୍ଟ ଓ ଡିନର କରୁ କରୁ କାନ୍ତାଙ୍କ ଘରକଥା ଜାଣିଲେଣି ।

ସ୍ୱାମୀ ତାଙ୍କର ମୁମ୍ବାଇରେ ରହୁଛନ୍ତି ଜାଣି ପିଲାଙ୍କୁ ଟିକେ ଟିକେ ବୁଲେଇ ଆଣୁ ଆଣୁ ପିଲାଙ୍କ ମାଆ କାନ୍ତା ମଧ ସେମାନଙ୍କ ସହ ସାମିଲ ହେଲେଣି । ଆଜିକାଲି ଯୋଉଠିକୁ ଗଲେ ପିଲାଙ୍କ ଜିଦ ରଖି କିଛି ହାଲକା ଖାଇବା, କିଣିବା ସହ ଫୋଟୋ ଉଠାଇବାଟା ମଧ ଗୋଟେ ନିହାତି ସଉକ କହିଲେ ଅତ୍ୟୁକ୍ତି ହେବନାହିଁ । ସେସବୁ ଫଟୋ କାନ୍ତାଙ୍କ ସୋସିଆଲ ମିଡ଼ିଆରେ ଦେଖି ସ୍ୱାତୀ ପଚାରିଥିଲେ ସ୍ୱାମୀ ଅରୁଣଙ୍କୁ । କାନ୍ତା ଥିଲେ ସ୍ୱାତୀଙ୍କର ଫେସବୁକ୍ ସାଙ୍ଗ । ଅରୁଣଙ୍କୁ ଏସବୁ ଜଣା ନଥିଲା । ଜାଣିଲା ପରେ ସେ ସ୍ତ୍ରୀ ସ୍ୱାତୀଙ୍କୁ କହିଥିଲେ ତୁମେ ପୁରୀଧାମ ଛାଡ଼ି,ମୋ ସହ ଆସିବାକୁ ପ୍ରସ୍ତୁତ ନଥିଲ । ସହଜେ ଜଗନ୍ନାଥଙ୍କୁ ପାଇ ଏବେ ତୁମେ ତୁମ ପ୍ରକୃତ ପରିଚୟ ପାଇ ଯାଇଛ । ଜୀବନର ମାନେ ବୁଝିସାରିଛ । ଐଶ୍ୱରିକ ଶକ୍ତିର ଆନନ୍ଦରେ ତୁମେ ଆଜି ଯେମିତି ଜୀବନକୁ ଅତି ପାଖରୁ ପାଇବା ସହ ନିଜକୁ ଭଲ ପାଇବା ଶିଖିଯାଇଛ,ମୁଁ ଖୁବ ଖୁସି । ଏଠି ପଡୋଶୀ କାନ୍ତାଦେବୀ ଓ ତାଙ୍କ ଦୁଇ ଛୋଟ ପୁଅ ଝିଅଙ୍କ ସହିତ ମିଶିସାରିବା ପରେ ମୁଁ ମଧ ଜୀବନର ବାକି ଥିବା ଆନନ୍ଦକୁ ପାଇପାରୁଛି କହିଥିଲେ ସ୍ତ୍ରୀ ସ୍ୱାତୀଙ୍କୁ ଅରୁଣ ତ ଦୁଇଦିନ ପରେ ସ୍ୱାତୀ ପୁରୀ ଛାଡି ଦିଲ୍ଲୀରେ ପହଞ୍ଚିଥିଲେ ।

ତୁମ ଜଗନ୍ନାଥଙ୍କୁ ଛାଡି ତୁମେ ଭୁଲ କଲ ସ୍ୱାତୀ । ଜଗନ୍ନାଥଙ୍କୁ ଛାଡି ଆଜିଯାଏଁ ଭୁଲ କରୁଥିଲି ବୋଲି ଚତୁର୍ଦ୍ଧା ବିଗ୍ରହଙ୍କୁ ମଠକୁ ଦାନ କରି ଫେରିଛି ମୋ ଚଳନ୍ତି ଠାକୁରଙ୍କ ପାଖକୁ କହୁଥିଲେ ସ୍ୱାତୀ । ଏବେ ଯେବେ କାନ୍ତା ଓ ତାଙ୍କ ଦୁଇ ଛୋଟ ପୁଅ ଝିଅ ଅରୁଣ ଅଙ୍କଲଙ୍କୁ ଖୋଜି ଆସନ୍ତି ସେତେବେଳକୁ ଅରୁଣ ଅଙ୍କଲ ଓ ଆଣ୍ଟି ସ୍ୱାତୀ ଦିଲ୍ଲୀ ଜଗନ୍ନାଥ ମନ୍ଦିରକୁ ଯାଇସାରିଥାନ୍ତି । ଫେରିଲା ବେଳେ ପିଲାଦୁଇଜଣଙ୍କ ପାଇଁ ଚକୋଲେଟ ଆଣିବାକୁ କେବେ ଭୁଲିନଥାନ୍ତି ।

ପିଲାଦୁଇଟି ଚକୋଲେଟ ପାଇ ଯେତିକି ଖୁସି ତାଠାରୁ ଅଧିକା ଖୁସି ଅରୁଣ ହୁଅନ୍ତି କାରଣ ଜୀବନର ବାସ୍ତବତାକୁ ଭଲପାଇବା ଆରମ୍ଭ କରି ଦେଇଛନ୍ତି ସ୍ୱାତୀ ଏବେ ଏବେ.କାନ୍ତା ଦେବୀଙ୍କୁ ମଧ ପିଲାଦୁହିଁଙ୍କ ସହ ନେଇଯାଇଥିଲେ ସ୍ୱାମୀ ମୁମ୍ବାଇ । ଘର ଛାଡିଲା ଦିନ ହୃଦୟରେ କାହାର କୋଉ ବର୍ଷା ହେଉଥିଲା ବୁଝିବାକୁ ବାକି ଥିଲେ ବି ବାହାରେ ମୂଷଳ ଧାରାରେ ବର୍ଷା ପଡି ଧରଣୀରାଣୀକୁ କରୁଥିଲା ସଦ୍ୟସ୍ନାତା. ସୁଜଳା, ସୁଫଳା, ଶଶ୍ୟସାମଳା ଠିକ ସ୍ୱାତୀଙ୍କ ଭଳି । ସେ ଆଉ କିଛି ଦିନ ପରେ ମାଆ ହେବେ ନା । କାନ୍ତା କହୁଥିଲେ ଭୁଲିଯିବନି ସ୍ୱାତୀ ।


**ସାକ୍ଷୀଗୋପାଳ**
**ପୁରୀ , ମୋ–୯୦୪୦୯୭୭୩୨୭**

# (କବିତା)



## ବାପାଙ୍କ ଆଖି

### ସନ୍ତୋଷ କୁମାର ସେଠୀ



କ'ଣ ଥାଏ ବାପାଙ୍କ ଆଖିରେ ?
ରାଗ, ବିରକ୍ତି, ଖୁସି ନା ରହସ୍ୟ !
ବାପାଙ୍କ ଆଖି ସହ କେବେ
ମିଶେଇ ହୁଏନା ଆଖି
ହୁଏତ ତାହା ହୋଇ ପାରେ
ଭୟ, ସଂକୋଚ, ସମ୍ମାନ
ଆତଙ୍କ କିମ୍ବା ଆଶଙ୍କା ।।
ବାପାଙ୍କ ଆଖି ବୋଧେ
ଗୋଟେ ସ୍କାନର ବା ମିଛ ଧରା ଯନ୍ତ୍ର
ତାଙ୍କ ଆଖିରେ ଧରା ପଡିଯାଏ
ସତ, ମିଛ, ନ୍ୟାୟ, ଅନ୍ୟାୟ
ଦୁଷ୍ଟାମୀ ବା ସେମିତି ଆଉ ସବୁ
ସେ କିଛି ନ କହିଲେ ବି
ଆଖିର ତୀବ୍ର ଦୃଷ୍ଟିରେ
ମନକୁ ମନ ହୋଇଯାଏ
ନେଚର କଲ ।।
ବାପା ଯିବା ହେଲାଣି ଢେର ବର୍ଷ
ହେଲେ ଏବେବି
ଫଟୋର ସେ ଆଖି ସହ
ମିଳେଇ ହୁଏନା ଆଖି
କାରଣ ସେବେ ଅପେକ୍ଷା
ଏବେ ବେଶୀ ଭୁଲ,
ବେଶୀ ଅନ୍ୟାୟରେ ଲିପ୍ତ ଆମେ
ଯାହା ସେ ପବିତ୍ର ଓ ତୀକ୍ଷ୍ଣ ଆଖିରୁ
ବାଦ ପଡି ନ ଯିବାର
ଆଶଙ୍କା ଅଧିକ ।।

**ଉପନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ, ପୁରୀ**
**ମୋ: ୯୪୩୭୩୦୨୬୧୮**

## ମୌସୁମୀ


### ଅବନୀ କୁମାର ରାଉତ



ମୌସୁମୀ ଗୋ ତୁମେ ପହିଲିଉଷାର
ପବିତ୍ର ଓଁକାର ଧ୍ୱନି
ରୌଦ୍ରଭରା ଏଇ ସଂସାରସାଗରେ
ଆଶାର ସଂଜୀବନୀ ।
ଗ୍ରୀଷ୍ମଜର୍ଜରିତ ତଟିନୀ ତଟରେ ଉତ୍ତାଳ
ତରଙ୍ଗମାଳା
ତୁମରି ସ୍ପର୍ଶରେ ଅଙ୍କୁରିତ ହୁଏ ସଦ୍ୟ
ପାଦପର ଲୀଳା ।
ସବୁରି ଜୀବନେ ଆଶାର
କିରଣ ଭାବମୟ ଅନୁରାଗ
ମେଘମେଦୁରିତ ନଭନିଳୀମାରେ
ତୁମେ ତ ଉଦୟରାଗ ।
ତୁମେ ଦେଇପାର ଅମୃତ
ବାରିଧି ମରୁଭୂମି ଓଠେ ହାସ୍ୟ
ତୁମକୁ କିଏ ବା ସଜେଇ ପାରିବ
ତୁମେ ତ ଲଳିତଲାସ୍ୟ ।
ପ୍ରତୀକ୍ଷା ତୁମର ପ୍ରତି ବରଷରେ ପଦ୍ମ
ପାଖୁଡ଼ା ପରି
ଶୂନ୍ୟଆକାଶରେ ଛଞ୍ଚାଣ ସାଜି
ନିମିଷକେ ଆସ ଫେରି ।
ଘନଘୋର ତୁମ କୃଷ୍ଣ ଚାହାଣି
ପ୍ରୟାଗ ପୁଣ୍ୟତୀର୍ଥ
ପ୍ରେମୀର ପ୍ରାଣରେ ପ୍ରଣୟବିଥି ଗୋ
ଅମର ବେଦର ଅର୍ଥ ।
ତୁମକୁ ପଚାରି ଖୋଜି ମୁଁ ଚାଲିଛି
ଅନେକ କବିତାପୃଷ୍ଠା
କେଉଁ କବିତାରେ ତୁମେ ନାୟିକା ଗୋ
କିଏ ଅଟେ ତୁମସ୍ରଷ୍ଟା ।

**ନଳଗୋହିରା, ମତୋ, ଭଦ୍ରକ**
**ମୋ: ୬୩୭୨୭୮୯୭୬୪**

## ମନଲୋଭା ରଥଯାତ୍ରା



### ଶ୍ରୀମତୀ ଦମୟନ୍ତୀ ନାୟକ



ଦେବସ୍ନାନ ପୂର୍ଣ୍ଣମାରେ ଜଗତ ଠାକୁର
ଭାଇଭଉଣୀ ଧରି ସ୍ନାନ କରନ୍ତି ସ୍ନାନ ମଣ୍ଡପର ।
ଗଜାନନ ବେଶରେ ହୋଇଣ ଭୂଷିତ
ଦର୍ଶନ ଦିଅନ୍ତି ପ୍ରଭୁ ହୋଇ ଉଲ୍ଲସିତ ।
ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ
ଭାଇଭଉଣୀ ସଙ୍ଗେ ବିଜେ କରନ୍ତି ରଥରେ ।
ଦର୍ପଦଳନ ରଥରେ ମା ସୁଭଦ୍ରା
ତାଳଧ୍ୱଜରେ ବଳରାମ ହୋଇଥାନ୍ତି ଉଭା ।
ଜଗତର ନାଥ ନିଜେ ନନ୍ଦିଘୋଷେ ଥାନ୍ତି ରହି
ପତିତ ଜନମାନଙ୍କୁ ଉଦ୍ଧାରିବା ପାଇଁ ।
ପୁରୀ ଗଜପତି ବିଜେ କରିଥାନ୍ତି ରଥରେ
ଛେରା ପହଁରା କରନ୍ତି ଅତି ଆନନ୍ଦରେ ।
ଚାତକ ପରାୟେ ଭକ୍ତ ହୁଅନ୍ତି ବିଭୋର
ଉପଭୋଗ କରନ୍ତି ପହଣ୍ଡି ବିଜେ ହୋଇ
ନିରନ୍ତର ।
ଅସରା ଅସରା ବରଷାରେ ଖରା
ଚକ୍ରପାଣିଙ୍କ ଭାବରେ ହଜିଯାନ୍ତି ଭକ୍ତମାନେ
ପରା ।
ସିଂହଦୁଆରୁ ସରଧାବାଲି ଯାଏ
ଟାଣି ଟାଣି ରଥ ଯାଏ ଅତି ଆନନ୍ଦରେ ।
ଗୁଣ୍ଡିଚା ମନ୍ଦିରେ ରଥ ରହେ ସାତ ଦିନ
ଭକ୍ତ ମାନଙ୍କର ଭିଡ ଲାଗିଥାଏ ସବୁଦିନ ।
ବାହୁଡ଼ାରେ ବାହୁଡ଼ି ଯିବେ ଚକାଡୋଳା
ମାଉସୀ ହାତରୁ ପୋଡ଼ପିଠା ଖାଇ ହେବେ
ଭୋଳା ।
ସିଂହଦ୍ୱାରଠାରେ ରଥ ଅଟକି ରହିବ
କେତେ କେତେ ଦେବନୀତି ସେଠାରେ
ହୋଇବ ।
ରସଗୋଲା ଖାଇ ମାନଭଞ୍ଜନ କରିବେ
ସାଇଁ
ନୀଳାଦ୍ରୀ ବିଜେ ରତ୍ନ ସିଂହାସନରେ
ବିରାଜିବେ ଯାଇ ।
ଏହି ରଥଯାତ୍ରା ଅଟେ ବଡ଼ ମନଲୋଭା
ପୃଥିବୀ ପ୍ରସିଦ୍ଧ ବୋଲି ରହେ ଖ୍ୟାତନାମା ।
ପ୍ରଭୁ ଜଗନ୍ନାଥ ସମସ୍ତଙ୍କର କରନ୍ତୁ କଲ୍ୟାଣ
ପ୍ରତି ବର୍ଷ ଏହିପରି ଲୀଳା ହେଉ କରୁଛି
ଜଣାଣ ।

**ମହାଦେବ ନଗର, ଝାରପଡ଼ା, ଭୁବନେଶ୍ୱର**
**ମୋ: ୯୩୩୮୭୦୪୫୧୩**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଯୋଗ...

ଜୋର ଦେଇ କହିଥିଲେ । ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ, ଏଗାର ବର୍ଷ ପରେ, ଯୋଗ ବିଶ୍ୱର ଲକ୍ଷ ଲକ୍ଷ ଲୋକଙ୍କ ଜୀବନଶୈଳୀର ଏକ ଅବିଚ୍ଛେଦ୍ୟ ଅଂଶ ପାଲଟିଛି । ଦିବ୍ୟାଙ୍ଗ ଜନମାନେ ବ୍ରେଲିରେ ଯୋଗ ପାଠ ପଢ଼ିବା ଏବଂ ବୈଜ୍ଞାନିକମାନେ ମହାକାଶରେ ଯୋଗ ଅଭ୍ୟାସ କରିବା ଗୌରବର ବିଷୟ । ଯୋଗ ଅଲିମ୍ପିଆଡରେ ଗ୍ରାମାଞ୍ଚଳର ଯୁବକମାନଙ୍କ ଉତ୍ସାହଜନକ ଅଂଶଗ୍ରହଣକୁ ମଧ୍ୟ ସେ ଉଲ୍ଲେଖ କରିଥିଲେ । ଶ୍ରୀ ମୋଦୀ ଗୁରୁତ୍ୱାରୋପ କରି କହିଥିଲେ ଯେ ସିଡନୀ ଅପେରା ହାଉସର ପଦକ୍ଷେପ ହେଉ, ମାଉଣ୍ଟ ଏଭରେଷ୍ଟର ଶିଖର ହେଉ, କିମ୍ବା ସମୁଦ୍ରର ବିଶାଳ ବିସ୍ତୃତି, ସବୁଠି ବାର୍ତ୍ତା ଗୋଟିଏ, "ଯୋଗ ସମସ୍ତଙ୍କ ପାଇଁ, ସୀମା, ପୃଷ୍ଠଭୂମି, ବୟସ ଓ କ୍ଷମତାଠାରୁ ଊର୍ଦ୍ଧ୍ୱରେ ।"

ବିଶାଖାପାଟଣାରେ ଉପସ୍ଥିତ ଥିବାରୁ ପ୍ରଧାନମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ । ସେ ଏହି ସହରକୁ ପ୍ରକୃତି ଏବଂ ପ୍ରଗତିର ସଙ୍ଗମସ୍ଥଳ ଭାବରେ ବର୍ଣ୍ଣନା କରିଥିଲେ। ଶ୍ରୀ ମୋଦୀ ଏହି କାର୍ଯ୍ୟକ୍ରମର ଉତ୍କୃଷ୍ଟ ଆୟୋଜନ ପାଇଁ ଏଥିରେ ସମ୍ପୃକ୍ତ ଲୋକମାନଙ୍କୁ ପ୍ରଶଂସା କରିଥିଲେ। ସେ ମଧ୍ୟ ଶ୍ରୀ ଚନ୍ଦ୍ରବାବୁ ନାଇଡୁ ଓ ଶ୍ରୀ ପବନ କଲ୍ୟାଣଙ୍କୁ ସେମାନଙ୍କର ନେତୃତ୍ୱ ପାଇଁ ଅଭିନନ୍ଦନ ଜଣାଇଥିଲେ । ପ୍ରଧାନମନ୍ତ୍ରୀ ଆଲୋକପାତ କରି କହିଥିଲେ ଯେ ସେମାନଙ୍କ ନେତୃତ୍ୱରେ ଆନ୍ଧ୍ର ପ୍ରଦେଶ ଏକ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୂପ 'ଯୋଗାନ୍ଧ୍ର ଅଭିଯାନ' ଆରମ୍ଭ କରିଥିଲା । ଶ୍ରୀ ନାରା ଲୋକେଶଙ୍କ ପ୍ରୟାସକୁ ମଧ୍ୟ ବିଶେଷ ଭାବରେ ପ୍ରଶଂସା କରି ସେ କହିଥିଲେ, ଯୋଗ କିପରି ଏକ ପ୍ରକୃତ ସାମାଜିକ ଉତ୍ସବ ହୋଇପାରେ ଏବଂ ସମାଜର ପ୍ରତ୍ୟେକ ବର୍ଗକୁ ଏଥିରେ କିଭଳି ସାମିଲ କରାଯାଇପାରିବ ତାହା ଶ୍ରୀ ଲୋକେଶ ପ୍ରଦର୍ଶନ କରିଛନ୍ତି ।

ଚଳିତ ବର୍ଷର ଅନ୍ତର୍ଜାତୀୟ ଯୋଗ ଦିବସର ବାର୍ତ୍ତା, "ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ" ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ, ଏହା ଏକ ଗଭୀର ସତ୍ୟକୁ ପ୍ରତିଫଳିତ କରେ ଏବଂ ତାହା ହେଉଛି ପୃଥିବୀର ପ୍ରତ୍ୟେକ ପ୍ରାଣୀର ସ୍ୱାସ୍ଥ୍ୟ ପରସ୍ପର ସହିତ ଜଡିତ । ଆମର ଖାଦ୍ୟ ଉତ୍ପାଦନ କରୁଥିବା ମାଟି, ଆମକୁ ଜଳ ଯୋଗାଉଥିବା ନଦୀ, ଆମର ପରିସଂସ୍ଥାକୁ ପରିଚାଳିତ କରୁଥିବା ପ୍ରାଣୀ ଏବଂ ଆମକୁ ପୋଷଣ ଦେଉଥିବା ଉଦ୍ଭିଦଗୁଡ଼ିକର ସ୍ୱାସ୍ଥ୍ୟ ଉପରେ ମାନବ କଲ୍ୟାଣ ନିର୍ଭର କରେ । ଯୋଗ ଆମକୁ ଏହି ସମ୍ପର୍କ ଉପରେ ସଚେତନ କରାଏ ।

ଶ୍ରୀ ମୋଦୀ କହିଥିଲେ,'ମୁଁରୁ ଆମେ'ର ଭାବନା ଭାରତର ଆତ୍ମାକୁ ପରିପୂର୍ଣ୍ଣ କରିଥାଏ। ଯେତେବେଳେ ଜଣେ ବ୍ୟକ୍ତି ସ୍ୱାର୍ଥରୁ ଊର୍ଦ୍ଧ୍ୱକୁ ଉଠି ସମାଜ ବିଷୟରେ ଚିନ୍ତା କରିବା ଆରମ୍ଭ କରେ, ସେତେବେଳେ ସମଗ୍ର ମାନବତାର କଲ୍ୟାଣ ସମ୍ଭବ ହୋଇପାରିଥାଏ । ସେ ଭାରତୀୟ ସଂସ୍କୃତି ସମ୍ପର୍କରେ ଉଲ୍ଲେଖ କରି କହିଥିଲେ, ଏହା ଆମକୁ "ସର୍ବେ ଭବନ୍ତୁ ସୁଖିନଃ"ର ମୂଲ୍ୟ ଶିକ୍ଷା ଦିଏ। ସମସ୍ତଙ୍କ କଲ୍ୟାଣ ହେଉଛି ମନୁଷ୍ୟର ପରମ କର୍ତ୍ତବ୍ୟ।

ଆଧୁନିକ ଗବେଷଣା ମାଧ୍ୟମରେ ଯୋଗ ବିଜ୍ଞାନକୁ ବିଶ୍ୱବ୍ୟାପୀ ପ୍ରସାରକୁ ସମର୍ଥନ କରିବା ପାଇଁ ଭାରତର ପ୍ରୟାସ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ। ସେ କହିଥିଲେ, ଦେଶର ପ୍ରମୁଖ ଚିକିତ୍ସା ପ୍ରତିଷ୍ଠାନଗୁଡ଼ିକ ଯୋଗ ଗବେଷଣାରେ ସକ୍ରିୟ ଭାବରେ ନିୟୋଜିତ ଅଛନ୍ତି। ଏହାର ଲକ୍ଷ୍ୟ ହେଉଛି ସମସାମୟିକ ଚିକିତ୍ସା ପଦ୍ଧତି ମଧ୍ୟରେ ଏହାର ବୈଜ୍ଞାନିକ ପ୍ରାସଙ୍ଗିକତା ପ୍ରମାଣ କରିବା । ଭାରତ ଏହାର ଚିକିତ୍ସା ଏବଂ ଗବେଷଣା ପ୍ରତିଷ୍ଠାନ ମାଧ୍ୟମରେ ଯୋଗ କ୍ଷେତ୍ରରେ ପ୍ରମାଣ-ଭିତ୍ତିକ ଚିକିତ୍ସାକୁ ପ୍ରୋତ୍ସାହିତ କରୁଛି । ଏହି ଦିଗରେ ଅନୁକରଣୀୟ ଅବଦାନ ପାଇଁ ନୂଆଦିଲ୍ଲୀସ୍ଥିତ ଅଖିଳ ଭାରତୀୟ ଚିକିତ୍ସା ବିଜ୍ଞାନ ସଂସ୍ଥାନ (ଏମ୍ସ) କୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ । ଏମ୍ସ ଗବେଷଣା ନିଷ୍କର୍ଷକୁ ଉଦ୍ଧୃତ କରି ସେ କହିଥିଲେ, ଯୋଗ ହୃଦସ୍ପନ୍ଦନ ଏବଂ ସ୍ନାୟୁଗତ ରୋଗର ଚିକିତ୍ସାରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଦେଖାଇଛି । ମହିଳାଙ୍କ ସ୍ୱାସ୍ଥ୍ୟ ଏବଂ ମାନସିକ ସୁସ୍ଥତାରେ ମଧ୍ୟ ଉନ୍ନତି ଆଣିପାରିଛି ।

ଯୋଗ ପ୍ରମାଣନ ବୋର୍ଡର ପ୍ରୟାସ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ । ଏହା ୬.୫ ଲକ୍ଷରୁ ଅଧିକ ସ୍ୱେଚ୍ଛାସେବୀଙ୍କୁ ତାଲିମ ଦେଇଛି ଏବଂ ପ୍ରାୟ ୧୩୦ଟି ପ୍ରତିଷ୍ଠାନକୁ ସ୍ୱୀକୃତି ଦେଇଛି। ମେଦବହୁଳତା ସମସ୍ୟା ପ୍ରତି ଦୃଷ୍ଟି ଆକର୍ଷଣ କରି, ଏହାକୁ ଏକ ବର୍ଦ୍ଧିତ ବିଶ୍ୱ ଆହ୍ୱାନ ବୋଲି ଶ୍ରୀ ମୋଦୀ ଦର୍ଶାଇଥିଲେ । ପ୍ରଧାନମନ୍ତ୍ରୀ ଯୋଗକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ସେ କହିଥିଲେ ଯେ ଏହା ଏକ ଆନ୍ଦୋଳନ ଯାହା ବିଶ୍ୱକୁ ଶାନ୍ତି, ସ୍ୱାସ୍ଥ୍ୟ ଏବଂ ସୌହାର୍ଦ୍ଦ୍ୟ ଆଡ଼କୁ ନେଇଯିବ । ପ୍ରତ୍ୟେକ ବ୍ୟକ୍ତି ଜୀବନରେ ସନ୍ତୁଳନ ଆଣିବା ପାଇଁ ଯୋଗ ସହିତ ନିଜର ଦିନ ଆରମ୍ଭ କରିବା ଉଚିତ ଏବଂ ପ୍ରତ୍ୟେକ ସମାଜ ଚାପରୁ ମୁକ୍ତି ପାଇବା ପାଇଁ ଯୋଗକୁ ଗ୍ରହଣ କରିବା ଉଚିତ । ପ୍ରଧାନମନ୍ତ୍ରୀ ଶେଷରେ କହିଥିଲେ, ଯୋଗ ମାନବଜାତିକୁ ଏକତା ସୂତ୍ରରେ ବାନ୍ଧିଥାଏ। 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ବିଶ୍ୱର ଏକ ସଂକଳ୍ପ ହେବା ଉଚିତ ।"

ଏହି କାର୍ଯ୍ୟକ୍ରମରେ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ସୟଦ ଅବଦୁଲ ନାଜିର, ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ, କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀ ରାମମୋହନ ନାଇଡୁ କିଞ୍ଜାରାପୁ, ଯାଧବ ପ୍ରତାପରାଓ ଗଣପତରାଓ, ଡକ୍ଟର ଚନ୍ଦ୍ର ଶେଖର ପେମାସାନି, ଭୂପତି ରାଜୁ ଶ୍ରୀନିବାସ ବର୍ମା ଉପସ୍ଥିତ ଥିଲେ ।

## ବନ୍ୟଜନ୍ତୁ...

ପାଇଁ ୧୦ ହଜାର ଟଙ୍କା; ରୋଷେଇ ଘର, ଧାନଗୋଦାମ, ଗୋରୁ ଗୁହାଳ, ଛେଳିଆଶ୍ରୟସ୍ଥଳଇତ୍ୟାଦିର କ୍ଷତି ଘଟିଲେ ୩ ହଜାର ଟଙ୍କାଏବଂପକ୍କା ପାଚେରୀ କିମ୍ବା କମ୍ପାଉଣ୍ଡ କାନ୍ଥର କ୍ଷତି ପାଇଁ ପ୍ରତି ରନିଂ ମିଟର ପିଛା ୫ ହଜାର ଟଙ୍କାଅନୁକମ୍ପାମୂଳକ ସହାୟତା ଦେୟଯାହାକି ସର୍ବାଧିକ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ସୀମିତ ରହିବ ।ଘରର ସମ୍ପୂର୍ଣ୍ଣ କ୍ଷତି ହେଲେ "ଅନ୍ତ୍ୟୋଦୟ ଗୃହଯୋଜନାରେ ଗୋଟିଏ ଘର କିମ୍ବା ସମତୁଲ୍ୟ ଆର୍ଥିକ କ୍ଷତିପୂରଣ ମିଳିବ । ଅନ୍ୟାନ୍ୟ ପ୍ରକାରର ନଷ୍ଟ ବା କ୍ଷୟକ୍ଷତି ପାଇଁ ଅନୁକମ୍ପାମୂଳକ ସହାୟତା ଦେୟ ଅପରିବର୍ତ୍ତିତ ରହିବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ ।

## ରଥଯାତ୍ରା...

ନବରଙ୍ଗପୁର, କୋରାପୁଟ, ମାଲକାନାଗିରି, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାର ସ୍ଥାନେ ସ୍ଥାନେ କାଳବୈଶାଖୀ ବର୍ଷା ସହ ପବନର ବେଗ ଘଣ୍ଟାପ୍ରତି ୩୦ରୁ ୪୦ କିମି ରହିପାରେ। ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି। ତେବେ ୨୪ ଓ ୨୫ ତାରିଖ ଦୁଇ ଦିନ ଧରି ଓଡ଼ିଶା ଉପକୂଳରେ ପବନ ଘଣ୍ଟା ପ୍ରତି ୩୫ରୁ ୪୫ ଝଟକା ୫୫ କିମି ରହିପାରେ। ତେଣୁ ଏହି ସମୟରେ ମତ୍ସ୍ୟଜୀବୀମାନେ ସମୁଦ୍ର ମଝିକୁ ନଯିବାକୁ ପାଣିପାଗ ବିଭାଗ ପରାମର୍ଶ ଦେଇଛି।

ଆସନ୍ତା୨୪ରୁ୨୬ ମଧ୍ୟରେ ରାଜ୍ୟରେ ପ୍ରବଳ ବର୍ଷା ହୋଇପାରେ । ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଶା କରାଯାଇଥିବା ବର୍ଷା ଅପେକ୍ଷା ୫ ପ୍ରତିଶତ ଅଧିକ ବର୍ଷା କରିଛି । ୨ଟି ଜିଲ୍ଲାରେ ଅଧିକ ପରିମାଣରେ ବର୍ଷା ହୋଇଛି । ୬ଟି ଜିଲ୍ଲାରେ ଆଶା ଅନୁଯାୟୀ ବର୍ଷା ହୋଇଛି ଏବଂ ୧୫ଟି ଜିଲ୍ଲାରେ ପୂର୍ବାନୁମାନ ଅନୁଯାୟୀ ବର୍ଷା ହୋଇଛି ।

## ୱେବ୍ କାଷ୍ଟିଂ...

ସୁରକ୍ଷା ପାଇଁ ଉପଯୁକ୍ତ ବାସ୍ତବରେ ଏହା ଲକ୍ଷ୍ୟ ଠାରୁ ବିପରିତ ଉଦ୍ଦେଶ୍ୟ ହାସଲ କରିବ। ସିସିଟିଭି ଫୁଟେଜ ବର୍ଷକ ପାଇଁ ରୁହେନାହିଁ। ୪୫ ଦିନ ମଧ୍ୟରେ ଏହାକୁ ନଷ୍ଟ କରିଦିଆଯାଏ। ନିର୍ବାଚନକୁ ନେଇ ଯଦି କିଛି ମାମଲା ହେଲା ତାହା ଫଳାଫଳ ଘୋଷଣାର ୪୫ ଦିନ ଭିତରେ ହେବ। ୪୫ ଦିନ ପରେ ଏହାକୁ ଚ୍ୟାଲେଞ୍ଜ କରାଯାଇପାରିବ ନାହିଁ। ଏହି ଦାବିଟି ବେଶ୍ ଯୁକ୍ତିଯୁକ୍ତ ମନେ ହେଉଥିଲେ ବି ଲୋକପ୍ରତିନିଧି ଆଇନର ୧୯୫୦-୫୧କୁ ନେଇ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶର ସମ୍ପୂର୍ଣ୍ଣ ବିପରିତ। ଫୁଟେଜ ସେୟାର କରିବା ଦ୍ୱାରା ମତଦାତା ଓ ମତଦାତା ନଥିବା ଲୋକ ଅସାମାଜିକ ବ୍ୟକ୍ତିଙ୍କ ଟାର୍ଗେଟକୁ ଆସିପାରନ୍ତି। କୌଣସି ଗୋଷ୍ଠୀ କିମ୍ବା ବ୍ୟକ୍ତି ପାଇଁ ମତଦାତାଙ୍କୁ ଚିହ୍ନଟ କରିବା ସମ୍ଭବ ହେବ। ଉଦାହରଣ ସ୍ୱରୂପ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଗୋଟିଏ ବୁଥରେ ଯଦି କିଛି ଭୋଟରଙ୍କର ଫୁଟେଜ ସିସିଟିଭିରେ ଦେଖେ ତେବେ ସେ ତୁରନ୍ତ ଏମାନଙ୍କ ପରିଚୟ ପାଇଯିବ। ଏମାନେ କାହାକୁ ଭୋଟ୍ ଦେଇଛନ୍ତି ତାହା ମଧ୍ୟ ଅନ୍ଦାଜ କରି ଜାଣିହେବ। ଫଳରେ ମତଦାତାଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରିବ। ସେହିଭଳି ସିସିଟିଭି ଫୁଟେଜକୁ ଦୀର୍ଘଦିନ ଧରି ରଖିବା ବାଧ୍ୟତାମୂଳକ ନୁହେଁ। ଏହାକୁ ଅଧିକ ସମୟ ଯାଏ ରଖିବା ଦ୍ୱାରା ଭୁଲ୍ ଓ ଦୁର୍ଭାଗ୍ୟପୂର୍ଣ୍ଣ ଖବର ପ୍ରଚାର କରିବା ସାମଗ୍ରୀ ଉପରେ ଏହାର ଦୁରୁପଯୋଗ କରାଯାଇପାରେ। ମତଦାତାଙ୍କଗୋପନୀୟତା ବଜାୟ ରଖିବା ନିର୍ବାଚନ ଆୟୋଗଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ। ଆଇନରେ ନିର୍ଦ୍ଧାରିତ ଏହି ଜରୁରୀ ନୀତି ଉପରେ କେବେବି ସାଲିସ କରାଯାଇପାରିନାହିଁ। ସୁପ୍ରିମକୋର୍ଟ ମଧ୍ୟ ଭୋଟରଙ୍କ ଅଧିକାର, ଭୋଟ୍ ଦେବାର ଅଧିକାର ଓ ଏହାର ଗୋପନୀୟତା ବଜାୟ ରଖିବାକୁ ରାୟ ଦେଇଛନ୍ତି। ମତଦାତାଙ୍କର ଗୋପନୀୟତା ଉଲ୍ଲଂଘନ ହେଲେ ଲୋକ ପ୍ରତିନିଧି ଆଇନ୍ ୧୯୫୧ର ୧୨୮ ଧାରା ଅନୁଯାୟୀ ଏହା ଦଣ୍ଡନୀୟ। ଏଥିରେ ୩ ମାସ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ସହ ଜରିମାନା ବ୍ୟବସ୍ଥା ଅଛି। ତେଣୁ ନିର୍ବାଚନ କମିଶନ ଆଇନଗତ ବାଧ ବାଧ୍ୟତା ଯୋଗୁ ଭୋଟରମାନଙ୍କର ବ୍ୟକ୍ତିଗତ ଗୋପନୀୟତାକୁ ସୁରକ୍ଷା ଦେଇଥାନ୍ତି। ପ୍ରାର୍ଥୀ କିମ୍ବା କୌଣସି ଏନଜିଓ ଏମାନେ ହେଉଛନ୍ତି ତୃତୀୟପକ୍ଷ। ମତଦାନ ସମୟରେ ଭିଡିଓଗ୍ରାଫି କରିବା ଆବଶ୍ୟକ ଏଇଥିପାଇଁ ଯେ ବୁଥରେ ଯେଭଳି ଭୋଟ ଜବରଦଖଲ ନହୁଏ।

## ୪ ବ୍ଲକର...

ଖସୁଥିବାବେଳେ ଉତ୍ତରବାଲେଶ୍ୱର ଜଳେଶ୍ୱର, ବସ୍ତା, ବାଲିଆପାଳ ଓ ଭୋଗରାଇବ୍ଲକ ରେ ଶତାଧିକ ଗାଁ ର ଲକ୍ଷାଧିକ ଲୋକେ ଜଳବନ୍ଦୀ ହୋଇ ଦୁର୍ବିସହ ଜୀବନ ଯନ୍ତ୍ରଣା ଭୋଗୁଛନ୍ତି ବହୁ ତଳିଆ ଅଞ୍ଚଳର ମୁଖ୍ୟ ରାସ୍ତାରେ ଆଣ୍ଠୁଏରୁ ଅଣ୍ଟାଯାଏ ପାଣିର ସ୍ରୋତ ଛୁଟୁଥିବାରୁ ଗାଁ ରାସ୍ତା ବିଚ୍ଛିନ୍ନ ହୋଇଛି ଏକ ଗାଁ ରୁ ଅନ୍ୟ ଗାଁ କୁ ଯିବାକୁ ହେଲେ ଡ଼ଙ୍ଗା ଏକ ମାତ୍ର ସାହା ହୋଇଛି । ଭୋଗରାଇ ବ୍ଲକ କୁମ୍ଭୀରଗଡ଼ି ପଞ୍ଚାୟତ କୁହ୍ଲା ଗ୍ରାମର ମହେଶ୍ୱର ପିଳା( ୨୨ ) ବର୍ଷର ଯୁବକ ତାଙ୍କ ମା ଓ ଅନ୍ୟ ଜଣେ ଭାଇଙ୍କ ସହ ବାଲିପାଳ ଶନିବାର ମଧ୍ୟାହ୍ନ ୧୨ ଟା ୧୫ ରେ ବାଲିଆପାଳ ଜାମକୁଣ୍ଡାରୁ ଘରକୁ ଫେରୁ ଥିବାବେଳେ ଏଲ ଏଣ୍ଡ ଟି କମ୍ପାନୀ କାର୍ଯ୍ୟକରୁଥିବା ପନ୍ତେଇ ବ୍ରିଜ ତଳେ ପ୍ରଖର ବନ୍ୟାସ୍ରୋତରେ ଭାସିଯାଇ ନିଖୋଜ ଅଛନ୍ତି । ଖବର ପାଇ ଅଗ୍ନିଶମ ବିଭାଗ ଜଳ ସହିତ ଯୁଦ୍ଧ କରି ଯୁବକକୁ ଠାବ କରିବାକୁ ତଲାସୀ ଜାରି ରଖିଛନ୍ତି । ଅପର ପକ୍ଷରେ ବ୍ରିଟିଶ ଅମଳର ନିର୍ମିତ ଖାଲଯୋଡି ସ୍ଲୁଇସ ୩ଟି ପୁରୁଣା ଗେଟରେ ବନ୍ୟାସ୍ରୋତ ମାଡ଼ କରିବାରୁ ଗେଟଭାଙ୍ଗି ଭୋଗରାଇ ଅଞ୍ଚଳର କୂଳବାସୀଙ୍କୁ ଭୟଭୀତ କରିଛି । ଏଭଳି ସ୍ଥିତିରେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର କୁମାର ଗିରି,ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ବସ୍ତା ବିଧାୟକ ସୁବାସିନୀ ଜେନା ସହିତ ଅତିରିକ୍ତ ଜିଲାପାଳ ରାଜସ୍ୱ ବିଭାଗର ହେମନ୍ତ ସିଂ ଉପ ଜିଲାପାଳ ସୁଧାକର ନାୟକ,ସର୍ବୋଚ୍ଚ ଯନ୍ତ୍ରୀ ମୁକୁଳ ବେରା, ଜିଲା ଅଧୀକ୍ଷଣ ଯନ୍ତ୍ରୀ ନବକୁମାର ମହାଲିକ ସହିତ ଜଳସମ୍ପଦ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ,୪ ବ୍ଲକର ବିଡ଼ିଓ ଏବଂ ତହସିଲଦାର ବନ୍ୟା ମୁକାବିଲା ନିମନ୍ତେ ତତ୍ପର ହେବାସହିତ ବନ୍ୟାଞ୍ଚଳ ପରିଦର୍ଶନ କରିଥିବାର ସୂଚନା ମିଳିଛି ।

# ଅସ୍ତରଙ୍ଗ ପଞ୍ଚାୟତରେ ଯୋଗ ଦିବସ ପାଳିତ

ଅସ୍ତରଙ୍ଗ,(ସବ୍ୟୁ) :ଶନିବାର ଦିନ ବିଶ୍ ଯୋଗ ଦିବଷ ପାଳନ ଅବ ସରରେ ଅସ୍ତରଙ୍ଗ ପଞ୍ଚଯାତ ସମିତି ଆନୁକୂଲ୍ୟରେ ପାଳିତ ହୋଇ ଯାଇଛି ବିଶ୍ୱ ଯୋଗ ଦିବସ ।

ଏହି ଉପଲକ୍ଷେ ଅସ୍ତରଙ୍ଗ ବ୍ଲକ ପଡିଆ ଠାରେ ସମୂହ ଯୋଗ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଅସ୍ତରଙ୍ଗ ବ୍ଲକ ବି ଡି ଓ, ସସ୍ମିତା ବେହେରା, ସମାଜସେବୀ ଦିବାକର ଛାଟୋଇ ଓ ଦୁଷ୍ମନ୍ତ ପରିଡା, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଅସ୍ତରଙ୍ଗ ହାଇ ସ୍କୁଲର ପ୍ରଧାନ ଶିକ୍ଷକ ସୁଶାନ୍ତ ପରିଡା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦାନ କରି ଯୋଗ ର ମହାତ୍ମ୍ୟ ଉପରେ ଯୋଗରେ ଯୋଗଦେଥିବା ଛାତ୍ରଛାତ୍ରୀ ଓ ଲୋମାନଙ୍କୁ କିଛି କିଛି ଟିପଣୀ ଦେଇଥିଲେ ।

## ପରିସ୍ଥିତି...

ରହିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ବୈଠକରେ ସୂଚନା ଦିଆଯାଇଥିଲା ଯେ, ସମସ୍ତ ଶିକ୍ଷାନୁଷ୍ଠାନରେ ପାନୀୟ ଜଳର ବିଶୋଧନ ପ୍ରକ୍ରିୟା ଚାଲୁରହିଛି। କୌଣସି ସ୍କୁଲରେ ପିଲା ଯେପରି ରୋଗରେ ନପଡନ୍ତି ସେଥିପାଇଁ ସମସ୍ତ ଶିକ୍ଷାନୁଷ୍ଠାନକୁ ସମସ୍ତ ନିୟମାବଳୀ ପାଳନ କରି ପ୍ରତିରୋଧକ ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ଏହା ମଧ୍ୟ କହିଛନ୍ତିଯେ, ଯେଉଁ ବିଭିନ୍ନ ସ୍ଥାନ ମାନଙ୍କରେ ଯେଉଁଠାରେ ଷ୍ଟ୍ରିଟ ଫୁଡ ବିକ୍ରି ହେଉଛି, ସେହି ସ୍ଥାନ ମାନଙ୍କରେ ଖାଦ୍ୟ ପଦାର୍ଥର କଡାକଡି ଯାଞ୍ଚ କରିବା ଆବଶ୍ୟକ ଏବଂ ସେହି ଅଂଚଳ ଗୁଡିକୁ ବିଶୋଧନ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯିବା ଦରକାର। ସମସ୍ତ ଗାଁ ଗହଳି ଅଂଚଳରେ ନଳକୂପ ଗୁଡିକୁ ବିଶୋଧିତ କରିବା ଏବଂ ସେହି ଅଂଚଳର ପାନୀୟଜଳର ପରୀକ୍ଷା କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ।

ସୂଚନାଯୋଗ୍ୟଯେ, ବର୍ତ୍ତମାନ ସୁଦ୍ଧା ରାଜ୍ୟର ସମସ୍ତ ପ୍ରଭାବିତ ଜିଲ୍ଲା ମାନଙ୍କରେ ସମୁଦାୟ ୩୮ ୯୨ ଜଣ ରୋଗଗ୍ରସ୍ତ ହୋଇଥିବା ବେଳେ ୩୫୪୩ ଜଣ ସୁସ୍ଥ ହୋଇସାରିଛନ୍ତି ଏବଂ ୨୫୪ ଜଣ ଚିକିତ୍ସାଧୀନ ଅଛନ୍ତି।

ରାଜ୍ୟ ସାରା ସୂଚନା- ଶିକ୍ଷା- ସଂଚାର (IEC) ମାଧ୍ୟମରେ ଜନସଚେତନତା କାର୍ଯ୍ୟକ୍ରମକୁ ଜୋରଦାର ଭାବରେ ଜାରି ରହିଛି । ମିଶନଶକ୍ତି ବିଭାଗ ପକ୍ଷରୁ ଡାଇରିଆ ନିବାରଣ ପାଇଁ ମହିଳା ଏସଏଚଜି ସଦସ୍ୟଙ୍କ ମାଧ୍ୟମରେ ସଚେତନତା ଅଭିଯାନ ଜାରି ରହିଛି । ଆଶା ଦିଦି, ଅଙ୍ଗନବାଡି କର୍ମୀ, ମହିଳା ଏସଏଚଜି ସଦସ୍ୟାମାନେ ସମସ୍ତ ପରିବାରଙ୍କ ନିକଟରେ ସଚେତନତା ବାର୍ତ୍ତା ପହଞ୍ଚାଇବା ପାଇଁ ଅଭିଯାନରେ ସକ୍ରିୟ ଭାବରେ ସଂଶ୍ଳିଷ୍ଟ ଅଛନ୍ତି ।

ଏହି ବୈଠକରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ଶାସନ ସଚିବ ଅଶ୍ୱଥି ଏସ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗ, ମହିଳା ଓ ଶିଶୁ ସୁରକ୍ଷା ବିଭାଗ, ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ମାନେ ଉପସ୍ଥିତ ଥିଲେ ।

## ବଡଚଣା...

ଝଲଖିଆ ଦୋକାନକୁ ସିଲ କରାଯାଇଥିଲା ବେଳେ ଶନିବାର ଦିନ ଆଉ ୪ଟି ହୋଟେଲ ଓ ଜଳଖିଆ ଦୋକାନକୁ ଦର୍ପଣ ତହସିଲଦାର ମାନସକୁମାର ତ୍ରିପାଠୀ ସିଲ କରିଛନ୍ତି। ଗତକାଲି ସୁଧା ବଡଚଣା ଅଞ୍ଚଳର ୨୨ଟି ହୋଟେଲ ଓ ଜଳଖିଆ ଦୋକାନର ଜଳ ନମୁନାଛଯାଞ୍ଚ ହୋଇଥିଲା ବେଳେ ସେଥିରୁ ୧୫ଟି ନମୁନାରେ କଲେରା ଜୀବାଣୁ ଥିବା ଜଣାଲଡିଥିଲା। ଫଳରେ ସେହିହବୁ ୧୬ଟି ହୋଟେଲ ଓ ଜଳଖିଆ ଦୋକାନକୁ ସିଲ କରିଦିଆ ଯାଇଛି। ସେହିପରି ଶନିବାର ଦିନ ପ୍ରଶାସନ ପକ୍ଷରୁ ଆଉ ୧୦ଟି ସ୍ଥାନରୁ ଜଳ ନମୁନା ସଂଗ୍ରହ କରାଯାଇ ପରିକ୍ଷା ପାଇଁ ପଠାଯାଇଥିବା ସୂଚନା ମିଳିଛି। ଏହିସବୁ ହୋଟେଲ ଓ ଜଳଖିଆ ଦୋକାନୀଙ୍କ ଖାମଖିଆଲି ମନୋଭାବ ପାଇଁ ସମଗ୍ର ଅଞ୍ଚଳରେ ଡାଇରିଆ ବ୍ୟାପୁଥିବା ଅଭିଯୋଗ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାରେ ନିଜକୁ ପ୍ରତିଷ୍ଠିତ ହୋଟେଲ ଭାବେ ଦାବି କରୁଥିବା ଚଣ୍ଡିଖୋଲର ମିଡଇଷ୍ଟ ହୋଟେଲ ଅତି ଅପରିଷ୍କାର ପରିବେଶ ମଧ୍ୟରେ ଚାଲିବା ସହ ହୋଟେଲରେ ବ୍ୟବହୃତ ହେଉଥିବା ଜଳ ସମ୍ପୂର୍ଣ୍ଣ ଦୂଷିତ ବୋଲି ଜଣାପଡିଛି। ଏହି ହୋଟେଲରୁ ସଂଗୃହିତ ଜଳରେ କଲେରା ଜୀବାଣୁ ଥିବା ଧରାପଡିବା ପରେ ଶୁକ୍ରବାର ପ୍ରଶାସନ ଏହି ହୋଟେଲକୁ ୧୫ଦିନ ପାଇଁ ସିଲ କରିଦେଇଛି। ଚଢ଼ାଉ ଖବରପାଇ ହୋଟେଲରେ ମହୁଯୁଦ ଥିବା ବହୁ ପରିମାଣର ଅତି ନିମ୍ନମାନର ଓ ବାସୀ ଖାଦ୍ୟକୁ ଏଣେତେଣେ ଫୋପାଡି ଦେଇଥିବା ଅଭିଯୋଗ ହୋଇଛି।

ତେବେ ଗୋରର ଭୟାବହତାକୁ ଖାତିର ନକରି ଅତି ସନ୍ତର୍ପଣରେ ହୋଟେଲ ମାଲିକ ଲଗାତାର ୫/୬ ଦିନ ଧରି ଲୋକଙ୍କୁ ସେହିସବୁ ନିମ୍ନମାନର ଓ ବାସୀ ଖାଦ୍ୟ ପରଷିଥିବା ଗୁରୁତର ଅଭିଯୋଗ ହୋଇଛି। ଏଥିନେଇ ତଦନ୍ତ ଓ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଲୋକେ ଦାବି କରିଛନ୍ତି।

## ଅନ୍ତର୍ଜାତୀୟ ଯୋଗ ଦିବସ

ବଲଙ୍ଗା , (ସବ୍ୟୁ) : ଶନିବାର ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଲଙ୍ଗା ଥାନା ଅନ୍ତର୍ଗତ ବିଭିନ୍ନ ସରକାରୀ ଓ ବେସରକାରୀ ସ୍ତରର ବିଦ୍ୟାଳୟ ମାନଙ୍କରେ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି । ବଲଙ୍ଗା ଥାନା ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସତ୍ୟ ଚେତନା ଶିକ୍ଷା ଶ୍ରମ,ଜୟଗୁରୁ ବିଦ୍ୟାଳୟ, ଲଙ୍ଗା ନୋଡାଲ ହାଇସ୍କୁଲ, ବଲଙ୍ଗା ମହାବିଦ୍ୟାଳୟ ଓ ଲଙ୍କେଶ୍ୱରୀ ମହିଳା ମହାବିଦ୍ୟାଳୟ ତରଫରୁ ଅନୁଷ୍ଠିତ ହୋଇଯାଇଛି । ଏଥିସହ ଗୋପିନାଥପୁର,ତରୋଇ ହାଇସ୍କୁଲର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ପ୍ରଧାନଶିକ୍ଷକ ଓ ଶିକ୍ଷୟତ୍ରୀ ସହ ଯୋଗ କରିଥିଲେ ।

## ପୂରିଲା...

ତେବେ ଯେଉଁ ପ୍ରତିଶ୍ରୁତି ଓ ଯେଉଁ ଆଶା, ଆକାଂକ୍ଷାରେ ଲୋକ ସରକାର ପରିବର୍ତ୍ତନ କରିଥିଲେ ତାହା କେତେଦୁର ପୂରଣ ହୋଇଛି ଏବେ ବି ତାହା ଏକ ପ୍ରଶ୍ନବାଚୀ ମଧ୍ୟରେ ରହିଯାଇଛି। ବର୍ଷକର ସରକାରକୁ ନେଇ କର୍ମୀ ଓ ଦଳୀୟ ନେତାଙ୍କ ମଧ୍ୟରେ ଉତ୍ସାହ ରହିବା ସ୍ୱାଭାବିକ। ବର୍ଷେ ପର୍ଯ୍ୟନ୍ତ ମଧ୍ୟ ସରକାରଙ୍କ ମୂଲ୍ୟାଙ୍କନ କରାଯାଇନଥାଏ। ମାତ୍ର ବର୍ଷପୂରଣୀ ପରେ ଏବେଠୁ ମୂଲ୍ୟାଙ୍କନ ଓ ପ୍ରଶ୍ନ ଆରମ୍ଭ ହେବ। ଯାହା ଆଗାମୀ ଦିନ ଲାଗି ସରକାରଙ୍କ ପାଇଁ ଏକ ବଡ ଆହ୍ୱାନ ହୋଇପାରେ। କାରଣ ଅନେକ ଦିନ ହେବ ଯେଉଁ ପ୍ରଶ୍ନ ଉଠୁଥିଲା ତାହାକୁ ମାତ୍ର ବର୍ଷକର ସରକାର ବୋଲି କହି ଏଡାଇ ଦିଆଯାଉଥିଲା ।ଲୋକଙ୍କ ମଧ୍ୟରେ ମଧ୍ୟ ଅଧିକ ସମୟ ଦେବାପାଇଁ ମତ ପ୍ରକାଶ ପାଉଥିଲା। ହେଲେ ଏବେ ଆଉ ଏ ସ୍ଥିତି ରହିବ ନାହିଁ। ହୁଏତ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ଏବେ ପ୍ରଶ୍ନ ପଚାରିବା ଆରମ୍ଭ କରିଦେଇପାରନ୍ତି। କହିଥିଲେ କ'ଣ, ହୋଇଛି କ'ଣ, ଆଗକୁ କ'ଣ ହେବ ଏହା ଏବେ ଲୋକଙ୍କ ମନରେ ରହିଛି। ଯଦିଓ ପ୍ରଧାନମନ୍ତ୍ରୀ ୧୮୬୦୦ କୋଟି ଟଙ୍କାର ପ୍ରକଳ୍ପ ବିକାଶର ଧାରାରେ ଯୋଡିଛନ୍ତି ତାହା ଲୋକଙ୍କ ନିକଟରେ କିପରି ପହଞ୍ଚିଛି ତାହା ଆଗାମୀ ବର୍ଷପୂର୍ତ୍ତିକୁ ଜଣାପଡ଼ିବ। ମାତ୍ର ଏବେଠାରୁ ଏ ବିଷୟରେ ଆଲୋଚନା ଆରମ୍ଭ ହୋଇଛି।

**NOTICE**

By virtue of an affidavit sworn before Executive Magistrate, Kantamal dated. 30.04.2025 I ASWINI KUMAR SAHU, Address : Village-Kantamal, Po/Ps-Kantamal, Dist.-BOUDH, Pin-762017 declare that I have changed my son's/daugher's name from ONKIT SAHOO (Old Name) to ANKIT SAHU (New Name). Henceforth he/she shall be known as ANKIT SAHU (New name) for all purposes.

Aswini Kumar Sahu

**AFFIDAVIT**

By an affidavit sworn before the Executive Magistrate, Kantapara, Cuttack, Dated. 18.03.2025. I am Amir Kumar Sahoo, S/o-Late Dhuleswar Sahoo, At/Po-Nahalpur, PS-Govindpur, Dist-Cuttack. Declare that I am Amir Kumar Sahoo and Amina Sahoo is one and same person. My father's name Dhuleswar Sahoo and Dhulla Sahoo is one and same person. Henceforth I shall be known as Amir Kumar Sahoo for LIC and all other purposes.

Amir Kumar Sahoo

**AFFIDAVIT**

By virtue of an affidavit sworn before Executive magistrate, Balasore on 11.06.2025, I, Sri Shashi Kant Bharti, S/o- Late Balkaran Bharti of Vill-Bhaskarganj Rly Colony Qtr. No. ES-59/B, PS: Sahadevkhunta, Po./Dist: Balasore declare that my name is Sri Shashi Kant Bharti and S.K. Bharati . The above two names are one and same person. Henceforth I shall be known as Sri Shashi Kant Bharti for all purposes.

Sd/Sri Shashi Kant Bharti

**GOVERNMENT OF ODISHA**
**FOREST, ENVIRONMENT & CLIMATE CHANGE DEPARTMENT**
**OFFICE OF THE DIVISIONAL FOREST OFFICER, KHARIAR FOREST DIVISION - 766107**
Tel/Fax : - 06671-224237, e-mail : dfo.khariar@odisha.gov.in
Bid Identification No. DFO-KHR-02 / 2025-26 dated. 19.06.2025
MM-97
Leter No. 4186/1F-Acct/Dated, Khariar the 19th June-2025

**NOTICE INVITING TENDER**

| Sl. No. | Name of the Work | Procurement of Different Planting materials for Planting Season - 2025-26 https://nuapada.odisha.gov.in |
|---|---|---|
| 1 | Estimated Cost | Depending upon funds availability |
| 3. | Perod & time of completion | 07 days from the date of issue of orders |
| 4. | Date & time of availability of the bid document in the portal | 19.06.2025 to 25.06.2025 |
| 5. | Last date / Time for receipt of bids in the portal | Up to 5.00 PM of 25.06.2025 |
| 6. | Date & Time of bid opening | 11.30 hours on Dated. 26.06.2025 |
| 7. | Name & Address of the officer inviting Bid | Divisional Forest Officer, Khariar, Forest Division, Pin-766107 |

Others can see the details from Notice inviting Tenders, available in website-https://nuapada.odisha.gov.in. Corrigendum if any, shall only be published in the above website.

OIPR : 08153/11/0011/2526

Sd/- Divisional Forest Officer,
Khariar Forest Division

**OFFICE OF THE CHIEF CONSTRUCTION ENGINEER : RURAL WORKS CIRCLE, BARIPADA**
**"e" Procurement Notice for Bridge Works**
**Identification No. - Online Tender-Bridge N.C.B. No. 378 for 2025-26**
O-319
Letter No. 2630 / Date. 18/6/25
By E-Maile-Despatch
E_Mail ID : serwcbaripada@gmail.com
Ph-No-06792-261343/261344
Gangraj, Baripada

1. Name of the work : Bridge works under SBY in the District of Mayurbhanj.
2. Total No. of work : 14 Nos. (Fourteen)
3. Estimated Cost : Rs. 320.77 lakhs & Rs. 772.56 lakhs (approximately)
4. Eligible Class of Contractor : As per annexure.
5. Period of Completion : As per annexure.
6. Other details :

| Procurement Officer | Bid Identification No | Availability of tender On-line for bidding | | Last Date & Timrd of seeking Tender Clarification | Date & Time of Opening of Tender in O/O C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Building On-line N.C.B. No. 378 | Dt.21.06.2025 at 11.00 A.M. | D.05.07.2025 up to 5.00 P.M. | Dt.04.07.2025 up to 5.00 P.M. | Dt.07.07.2025 at 11.00 A.M. | Will be intimated later |

• Further details can be seen from the website : www.tendersorissa.gov.in.
• Any Corrigendum / Addendum will be displayed in the above e-tender website only.

Sd/- Er. A.K. Naik
Chief Construction Engineer, R.W. Circle, Baripada

OIPR : 25130/11/0035/2526

**ସନ୍ଧ୍ୟା H.P GAS ଗ୍ରାହକମାନଙ୍କୁ ସୂଚନା**

ସୁଯୋଗ Gas Agency କଟକରୁ ନେଇଥିବା ଘରୋଇ L.P.G. Cylenders ନେଇଥିବା ଉସୁମା, ଶଙ୍କତ୍ରାସ, ସୁମାଣ୍ଡି, ଖଲର୍ଦ୍ଦା, କୋରକରା, ଗୋବିନ୍ଦପୁର, ଝାରପଡା, ନାହାଳପୁର, ପାଟସୁନ୍ଦରପୁର ଗ୍ରାମର ଗ୍ରାହକମାନଙ୍କୁ ସୂଚିତ କରାଯାଉଅଛି ଯେ, ସନ୍ଧ୍ୟା H.P. Gas ଠାରେ 14.06.2025 ତାରିଖ ଠାରୁ L.P.G. Gas ଉପଲବ୍ଧ ହେଉଅଛି । ଗ୍ରାହକମାନଙ୍କୁ ସନ୍ଧ୍ୟା H.P. Gas ବାଲିପଦା, ଗୋବିନ୍ଦପୁର, କଟକ ଠାରେ ଯୋଗାଯୋଗ ପାଇଁ ଅନୁରୋଧ କରାଯାଉଛି ।

MOB. ନମ୍ବର – 9938525222, 9937239156

**Sambalpur Municipal Corporation, Sambalpur**
Email Id : sambalpurm.hud@nic.in
**'e' Procurement NOTICE**
**Bid Reference NO : 14/SMC_SBP/2025-26**
**Tender ID No : 2025_ORULB_114494**

**C-564 :** The Municipal Commissioner on behalf of Municipal Corporation, Sambalpur invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. **https://tendersodisha.gov.in**

1. Number of Civil works : **4 (Four) numbers**
2. Estimated Costs : **3.93 lakhs & 22.07 lakhs**
3. Period of Completion : As per NIT
4. Date and time of availability of the bid documents in the portal : From **10.00 AM.** of **19.06.2025** to **05.00 PM** of **28.06.2025**
5. Last Date / Time for receipt of bids in the portal : **05.00 PM** of **28.06.2025**
6. Bids will be opened on : **10.00 AM of Dt. 30.06.2025**
7. Name and address of the officer inviting bid : **Municipal Commissioner, Sambalpur Municipal Corporation, Sambalpur**

OIPR : 13122/11/0135/2526

Sd/- Commissioner
Sambalpur Municipal Corporation

**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751007,
CAD-863
Tel. : 2545586/2545852
email - serifedodisha@gmail.com.
website - www.serifedodisha.in

**INVITATION FOR BIDS (e-Procurement)**
**Bid Identification no : VI-06(03)/SERIFED/2025-26/777**

The MANAGIND DIRECTOR (SERIFED), Odisha, Bhubaneswar invites Item rate Tenders in single cover system in ONLINE MODE only, for 1 no of work at Cuttack. The bid documents such as DTCN/BOQ etc. can be seen/downloaded from the government website : **www.tendersodisha.gov.in** durig the period dt. 25.06.2025 to 5.00 PM up to 07.07.2025. Tender shall be received till 5.00 PM on 07.07.2025 & shall be opened at 11.30 AM on 08.07.2025. Any addendum / corrigendum / cancellation of tender can also be seen in the said website.

OIPR : 39036/11/0055/2526

Sd/- MANAGING DIRECTOR

**Sambalpur Municipal Corporation, Sambalpur**
Email Id : sambalpurm.hud@nic.in
**'e' Procurement NOTICE**
**Bid Reference NO : 15/SMC_SBP/2025-26**
**Tender ID No : 2025_ORULB_114505**

**C-567 :** The Municipal Commissioner on behalf of Municipal Corporation, Sambalpur invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. **https://tendersodisha.gov.in**

1. Number of Civil works : **15 (Fifteen) numbers**
2. Estimated Costs : **2.52 lakhs & 40.23 lakhs**
3. Period of Completion : As per NIT
4. Date and time of availability of the bid documents in the portal : From **10.00 AM. of 20.06.2025** to **05.00 PM** of **30.06.2025**
5. Last Date / Time for receipt of bids in the portal : **05.00 PM** of **28.06.2025**
6. Bids will be opened on : **11.00 AM of Dt. 01.07.2025**
7. Name and address of the officer inviting bid : **Municipal Commissioner, Sambalpur Municipal Corporation, Sambalpur**

OIPR : 13122/11/0136/2526

Sd/- Commissioner
Sambalpur Municipal Corporation

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors/suppliers for the following packages :

1. **TPWODL/TP/O/SU/2500000992 : RC for supply of Earthing Coil & Earthing Device.**
2. **TPWODL/HS/O/SU/2500000993 : RC for Supply of Safety Shoes at TPWODL, Odisha.**
3. **TPWODL/PJ/O/SU/2500000994 : RC for Supply of Various Sizes of GI Wire.**
4. **TPWODL/PJ/O/SU/2500000995 : RC for Supply of 11KV DO Fuse with DD Link**

Interested bidders are to submit Tender Participation Fee and Authorization Letter through email on or before **2nd July 2025, 15:00 Hrs,** (for Srl. No.1) & **30th June 2025, 18:00 Hrs,** (for Srl. No. 2 to 4) respectively, after which link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in the tender is given in the tender document.

All future correspondences regarding the tender, bid submission, date extension etc. will take place with the participating bidders only through E-Tender system.

Sd/- Head- Contracts & Procurement

**OFFICE OF THE DEPUTY DIRECTOR OF TEXTILES : BARGARH**
At/PO/DIST : BARGARH, PIN-768028, E.mail-ddtbargarh@gmail.com
**QUOTATION CALL NOTICE**
**Notice No- 2380 Dated. 18/06/2025**

**PP-20 :** Sealed Quotations are invited in two separate bidder like Technical Bidder & Financial Bidder from the registered Suppliers / Manufacturers / Dealers / Firms having valid PAN & GST registration with up to date Income Tax & GST clearance certificate, for supply of different handloom items like Frame looms, Iron Frame Looms (made with G.I./Iron) Pit looms, Weaving Accessories, Loom Sley, Automatic Wefting Machine, Machanical Wefting Machine, Tie & Dye frame (Kamda), Dyeing Utensils, Motorised Charakha, High Speed Charkha, Dobby with accessories, Sizing kits, Kamda & other related accessories etc under "Technological Intervention" component, Dyeing & Tie & Dye utensils for the beneficiaries on Skill Up Gradation training programme under the scheme "Promotion of Handloom Industries" for the year 2024-25 of Bargarh Taxtiles Zone.

Interested suppliers may submit their quotation on or before **dt. 01.07.2025 by 5.00 P.M.** through Registered / Speed Post only and the same will be opened on **dt. 04.07.2025 at 11.00 A.M.** in the office of D.D.T. Bargarh. Eligible supplier should deposit 1% EMD (Earnest Money Deposit) (refundable without interest) of the total amount soon after finalisation of quotation. Then only work order shall be issued.

For more details, terms & condition etc. please visit the official website **www.sadhacodisha.org., www.boyanika.com, www.textiles.odisha.gov.in** or **www.sambalpuribastralaya.com.**

The undersigned reserves the right to reject or accept any or all the quotations without assigning any reason thereof.

Sd/- H.K. Mahali
Deputy Director of Textiles,
Bargarh

OIPR : 31032/11/0005/2526

# ଚରମ୍ପାରେ ଫୁଟିଲା ଗୁଳି : ବ୍ୟବସାୟୀ ଗୁରୁତର



ଭଦ୍ରକ , (ସବ୍ୟୁ) : : ଗୋଦାମରୁ ଟଙ୍କା ବ୍ୟାଗ ନେଇ ଘରକୁ ଯାଉଥିବା ବେଳେ ବ୍ୟବସାୟୀଙ୍କୁ ହୋଇଛିଅତର୍କିତ ଗୁଳି ମାଡ଼ । ଏହି ଗୁଳିମାଡ଼ରେ ବ୍ୟବସାୟୀ ଜଣଙ୍କ ଗୁରୁତର ହୋଇ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ ହୋଇଛନ୍ତି । ଏହିଭଳି ଘଟଣା ଦେଖା ଦେଇଛି ଭଦ୍ରକ ଟାଉନ ଥାନା ଅଧିନସ୍ଥ ଚରମ୍ପା ବେଲମୂଳା ଠାରେ । ଶନିବାର ରାତି ପ୍ରାୟ ୭ ଘଟିକା ବେଳେ ବିଦ୍ୟାଧର ପାତ୍ର ନାମକ ଜଣେ ଗୋ-ଖାଦ୍ୟ ବ୍ୟବସାୟୀ ନିଜ ଗୋଦାମରୁ ଟଙ୍କା ବ୍ୟାଗ ଧରି ଘର ପାଖରେ ପହଞ୍ଚି ଥିବା ବେଳେ ଘର ଦ୍ୱାର ମୁହଁରେ ତିନି ଜଣ ଦୁର୍ବୃତ୍ତ ହଠାତ୍ ତାଙ୍କୁ ଗୁଳି ମାଡ଼ କରି କରି ଟଙ୍କା ବ୍ୟାଗକୁ ନେଇ ଫେରାର ହୋଇଗଲେ । ବ୍ୟବସାୟ ଙ୍କ ଛାତି ଓ ପେଟ ପାଖରେ ଦୁଇ ରାଉଣ୍ଡ ଗୁଳି ବାଜି ଗୁରୁତର ହୋଇଥିବାର ତାଙ୍କୁ ପ୍ରଥମେ ଭଦ୍ରକ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଖବର ପାଇ ଭଦ୍ରକ ଏସପି ଘଟଣା ସ୍ଥଳରେ ପହଞ୍ଚି ଦୁର୍ବୃତ୍ତଙ୍କ ପିଛା କରି ଛାନ୍ଭିନ୍ନ କରିବା ସହ ଜିଲ୍ଲାର ପ୍ରବେଶ ପଥକୁ ବିଭିନ୍ନ ସ୍ଥାନରେ ନାକା ବନ୍ଧି କରାଯାଇଛ ।ପୋଲିସ ଏ ନେଇ ଅଧିକ ତଦନ୍ତ କରାଯାଉଛି । ବାରମ୍ବାର ଚରମ୍ପା ଅଞ୍ଚଳରେ ଏପରି ଘଟଣା ଘଟିବାରୁ ଅଞ୍ଚଳ ବାସୀ ଭୟବିତ ହୋଇ ପଡିଛନ୍ତି ।

## ଶ୍ରୀମନ୍ଦିରରେ ଶ୍ରୀଜଉମାନଙ୍କର ଖଳି ଲାଗି ଓ ଚକା ବିଜେ ନୀତି

ପୁରୀ (ସବ୍ୟୁ): ଶ୍ରୀମନ୍ଦିରରେ ଶନିବାର ପବିତ୍ର ଖଳିଲାଗି ଏକାଦଶୀ ନୀତି ଅନୁଷ୍ଠିତ ହୋଇଛି। ଅନବସର ଘରେ ଶ୍ରୀଜିଉଙ୍କ ଗୁପ୍ତ ନୀତି ଚାଲିଥିବା ବେଳେ ମହାପ୍ରଭୁଙ୍କୁ ତୁଳସୀ ଓ ରଙ୍ଗ ବେରଙ୍ଗ ପୁଷ୍ପ ଲାଗି କରା ଯାଇଛି। ମଧ୍ୟାହ୍ନ ଧୂପ ପରେ ଅନବସର ନୀତି ଆରମ୍ଭ ହେବା ସହ ମହାପ୍ରଭୁଙ୍କୁ ଖଳି ଲାଗି କରା ଯାଇଛି। ଶ୍ରୀବିଗ୍ରହଙ୍କୁ ଶନିବାର ତୁଳସୀ ଓ ବିଭିନ୍ନ ରଙ୍ଗୀନ ପୁଷ୍ପ ମଧ୍ଯ ଲାଗି କରାଯିବା ସହ ଶ୍ରୀବୈଦ୍ୟଙ୍କ ଦ୍ୱାରା ପ୍ରଦତ୍ତ ଦଶମୂଳ ଔଷଧ ସେବନ କରି ମହାପ୍ରଭୁ ଜ୍ୱରରୁ ସୁସ୍ଥ ଅନୁଭବ କରି ଛନ୍ତି । ଏହି ଗୁପ୍ତ ନୀତି ଦଇତାପତି ସେବକ ମାନଙ୍କ ଦ୍ୱାରା ସମ୍ପାଦିତ ହୋଇଥିବା ବେଳେ ମହାପ୍ରଭୁଙ୍କ ଏହି ସେବା କରି ସେମାନେ ନିଜକୁ ଧନ୍ୟମନେ କରିଛନ୍ତି |

# ବରିଷ୍ଠ ନାଗରିଙ୍କର ସ୍ୱାସ୍ଥ୍ୟ ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ ହେଉ : ରାଜ୍ୟପାଳ

ଭୁବନେଶ୍ୱର (ସବ୍ୟୁ): ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ୍‌ରେ ଜେରିଆଟ୍ରିକ୍ ସୋସାଇଟି ଅଫ୍ ଇଣ୍ଡିଆର ବାର୍ଷିକ ସମ୍ମିଳନୀ ମହାସମାରୋହରେ ଉଦ୍‌ଘାଟିତ ହୋଇଛି । ଏହାକୁ ଓଡିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବାବେଳେ ଜମ୍ମୁ ଓ କାଶ୍ମୀରୀ ଏମ୍ସର ମୁଖ୍ୟକାର୍ଯ୍ୟ ନିର୍ବାହୀ ଓ ନିର୍ଦ୍ଦେଶକ ଡକ୍ଟର ସଚ୍ଚିଦାନନ୍ଦ ମହାନ୍ତି ମୁଖ୍ୟ ଅତିଥି ଭାବେଯୋଗ ଦେଇ ଯେ ବରିଷ୍ଠ ନାଗରିକ, ବୃଦ୍ଧ, ବୟସ୍କ ଲୋକମାନେ ଆମସମାଜର ଗୋଟିଏ ଗୋଟିଏ ଆଦର୍ଶବାନ ଏବଂ ଆମଜୀବନର ଏକ ପରିପୃଷ୍ଠ ଅଧ୍ୟାୟ ବୋଲି କହିଛନ୍ତି। ସେମାନଙ୍କର ସ୍ୱାସ୍ଥ୍ୟ ଚିକିତ୍ସା ଆମମାନଙ୍କର କେବଳ ଦାୟିତ୍ୱ ନୁହେଁ, ଏହା ଆମମାନଙ୍କର କର୍ତ୍ତବ୍ୟ ବୋଲି ରାଜ୍ୟପାଳ କହିଥିବାବେଳେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ




ବରିଷ୍ଠ ନାଗରିକମାନଙ୍କର ସୁଚିକିତ୍ସା ପାଇଁ ଭାରତ ସରକାର ଓ ରାଜ୍ୟସରକାରଙ୍କର ନିର୍ଦ୍ଦେଶରେ ସମ୍ପୂର୍ଣ୍ଣରୂପେ ଦେୟମୁକ୍ତଭାବେ ହାଇଟେକ୍ ମେଡିକାଲ କଲେଜରେ ଚିକିତ୍ସା କରିବା ପାଇଁ ପ୍ରତିଶୃତିବଦ୍ଧ ବୋଲି କହିଛନ୍ତି । ଜେରିଆଟ୍ରିକ୍‌ସୋସାଇଟି ଅଫ୍ ଇଣ୍ଡିଆର ସଭାସଂପାଦକ ଓ.ପିଶର୍ମା, ସଭାପତି ଅତୁଲକୁଲ ଶ୍ରେଷ୍ଠା ଆନୁଷ୍ଠାନିକ ଭାବେ ଜେରିଆଟ୍ରିକ୍ ସୋସାଇଟିର ସମ୍ମିଳନୀକୁ ସାଧାରଣ ମଣିଷମାନଙ୍କ ପାଇଁ ଉତ୍ସର୍ଗୀକୃତ ବୋଲି କହିଥିବାବେଳେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର କମ୍ୟୁନିଟି ମେଡିସିନ୍‌ର ଡକ୍ଟର ମହେଶ କୁମାର ରଥ ଜେରିଆଟ୍ରିକ୍ ସୋସାଇଟି ଓଡିଶା ଚାପ୍ଟର ରସଂପାଦକ ଭାବେ ଏହି ସମ୍ମିଳନୀ ପ୍ରତ୍ୟେକଟି ସାଧାରଣ ମଣିଷଙ୍କର ଦୈନନ୍ଦିନ କାର୍ଯ୍ୟରେ ଆସିବାସହବରିଷ୍ଠ ନାଗରିକମାନଙ୍କର ସୁଚିକିତ୍ସା ଆମମାନଙ୍କର କେବଳ କର୍ତ୍ତବ୍ୟ ନୁହେଁଏହା ଏକ ଆଦର୍ଶଜୀବନର ପରିଚାଳକ ହେବ ବୋଲି କହିଛନ୍ତି। ଏହି ଉଦ୍‌ଘାଟନ ସମ୍ମିଳନୀରେ ହାଇଟେକ୍‌ଗ୍ରୁପ୍‌ର ନିର୍ଦ୍ଦେଶକ ଡକ୍ଟର ରାକେଶ କୁମାର ପାଣିଗ୍ରାହୀ, ସଭା ସଂଯୋଜକ ତଥା ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଅଧ୍ୟକ୍ଷ ପ୍ରଫେସର୍ ଡକ୍ଟର ପୂର୍ଣ୍ଣଚନ୍ଦ୍ର ଦାଶ, ଉପାଧ୍ୟକ୍ଷ ପ୍ରଫେସର୍ ଡ କ୍ଟର ଲିସା ଷଡଙ୍ଗୀ, ନିର୍ଦ୍ଦେଶକ ଓ ଡିନ୍‌ଡକ୍ଟର ଅକ୍ଷୟ କୁମାର ସାମଲ, ନିର୍ଦ୍ଦେଶକ ଓ ଡିନ୍ ଡକ୍ଟର ରାଧା ମାଧବ ତ୍ରିପାଠୀ ଉପସ୍ଥିତ ଥିଲାବେଳେ ଉପନିର୍ଦ୍ଦେଶକ ଅନିଲ୍ କୁମାର ପାଣିଗ୍ରାହୀ, ପ୍ରଶାସନିକ ଅଧିକାରୀ ଡ. ଗୋପେଶ୍ୱର ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜମି ଦଖଲକୁ ନେଇ ଖଣ୍ଡାରେ ସଂଘବଦ୍ଧ ଆକ୍ରମଣ, ୩ ଗୁରୁତର

ଭୁବନେଶ୍ୱର, (ସବ୍ୟୁ): ଜମି ଦଖଲକୁ ନେଇ ଖଣ୍ଡାରେ ସଂଘବଦ୍ଧ ଆକ୍ରମଣ ଯୋଗୁଁ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ପୋଲିସ୍ ଆହତଙ୍କୁ ଚିକିତ୍ସା କରାଇ ମାମଲାର ତଦନ୍ତ କରୁଛି।

ଭରତପୁର ଥାନା ଅନ୍ତର୍ଗତ ସାମପୁର ମୌଜାରେ ଜଣଙ୍କ ଜମିକୁ ସଂଘବଦ୍ଧ ଭାବେ ଡୋଜର ଚଲାଇ ଦଖଲକୁ ନେଉଥିବା ବେଳେ ଜମିର ମାଲିକଙ୍କ ସମେତ ୩ ଜଣ ଘଟଣାସ୍ଥଳରେ ପହଞ୍ଚି ପ୍ରତିବାଦ କରିଥିଲେ। ଆମ ଜମିରେ ତୁମେ କାହିଁ ଡୋଜର ଚଲାଉଛ ପଚାରିବାରୁ ହଠାତ ୨୦/୨୫ ଜଣ ସଂଘବଦ୍ଧ ଭାବେ ସେମାନଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଆହତ ହୋଇଥିବା ବିଶ୍ୱ, ବାପି ଓ ସଂଗ୍ରାମଙ୍କ କହିବା ଅନୁଯାୟୀ ସେମାନେ ସଂଘବଦ୍ଧ ଭାବେ ବିଭିନ୍ନ ଲୋକଙ୍କ ଜମି ଦଖଲ କରିବା ସହ ସରକାରୀ ଜମି ବିକ୍ରି ଟଙ୍କା ନେଉଛନ୍ତି। ଏସମ୍ପର୍କରେ ପୂର୍ବରୁ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ୍ ସେପରି କିଛି ଆଖିଦୃଷ୍ଟିଆ ପଦକ୍ଷେପ ନେଇନଥିଲା ବୋଲି ଆହାତମାନେ ଅଭିଯୋଗ କରିଛନ୍ତି। ଶନିବାର ଘଟଣା ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ୍ ଘଟଣାସ୍ଥଳକୁ ଯାଇ ସର୍ଜମିନ ତଦନ୍ତ କରିଥିଲେ ମଧ୍ୟ କାହାରିକୁ ଗିରଫ କରିନାହିଁ। ଏଠାରେ ସୂଚନାଯୋଗ୍ୟ ଯେ, ଆକ୍ରମଣକାରୀଙ୍କ ମଧ୍ୟରୁ କେତେକ ଜେଲ ଫେରନ୍ତା।

ଦୁଇ ଦିନ ତଳେ ସାମପୁରରେ ଥିବା ଏକ କାର୍ ଶୋରୁମ୍ ଉପରକୁ ଦୁର୍ବୃତ ବୋମମାଡ଼ କରିଥିଲେ। ଏପରିକି ଗୋଟିଏ ଦୁଇଟି ବୋମା ନୁହେଁ, ଶୋରୁମ୍ ପାଖରେ ୫ଟି ବୋମାମାଡ଼ କରିଥିବା ବେଳେ ମାଲିକଙ୍କ ଘର ପାଖରେ ଗୋଟିଏ ବୋମାମାଡ କରିଥିଲେ। ସେହି ଘଟଣାରେ ପୋଲିସ କାହାରିକୁ ଗିରଫ କରିନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ପୋଲିସ ଅପାରଗତା ପାଇଁ ଭରତପୁର ଥାନା ଅଞ୍ଚଳରେ କ୍ରମାଗତ ଭାବେ ବିଭିନ୍ନ ଅପରାଧିକ ଘଟଣା ଘଟୁଛି। ସରକାରୀ ଜମି ବିକ୍ରି କରି ଟଙ୍କା ନେଉଥିବା ମାଫିଆଙ୍କ ସହ ପୋଲିସ୍‌ର ହାତ ଥିବାରୁ ତାଙ୍କ ଉପରେ ଗୁରୁତର ପଦକ୍ଷେପ ନିଆଯାଉନଥିବା ଶନିବାର ଆହତ ହୋଇଥିବା ଯୁବକ ଅଭିଯୋଗ କରିଛନ୍ତି।

# ଏସିଆନ୍ ପେଣ୍ଟସ୍‌ର ଟ୍ରିବ୍ୟୁଟ୍ ଓଡ଼ିଶା ସ୍ପେଶିଆଲ ଏଡିସନ୍ ପ୍ୟାକ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ପାରମ୍ପରିକତା ଏକ ପ୍ରେରଣାଦାୟକ କଥାରେ ଭରି ରହିଛି। ଏହି ବିଶେଷ ସ୍ମୃତିକୁ ସମ୍ମାନ ଜଣାଇବା ପାଇଁ ଦେଶର ଅଗ୍ରଣୀ ପେଣ୍ଟ ଏବଂ ଡେକରବ୍ରାଣ୍ଡ ଏସିଆନ୍ ପ୍ରେଣ୍ଟସ୍ ତାର ରୟାଲ ଗ୍ଲିଟ୍ଜ ଲଗଜୁରୀ ରେଞ୍ଜରେ "ଟ୍ରିବ୍ୟୁଟ୍ରୁ ଓଡ଼ିଶା' ନାମକ ଏକ ଆକର୍ଷଣୀୟ ନୂଆ ବିଶେଷ ଏଡିସନ୍ ଉନ୍ମୋଚନ କରିଛି। ଏହି ପ୍ୟାକ୍ କାହାର ଡିଜାଇନ୍ ଓ କାହାଣୀ ମାଧ୍ୟମରେ ଓଡ଼ିଶାର ସମୃଦ୍ଧ ସଂସ୍କୃତିକୁ ପ୍ରଦର୍ଶିତ କରେ। ଏହି ବିଶେଷ ପ୍ୟାକ୍‌ର ଡିଜାଇନ୍ ଗୁଡିକ ପଟଚିତ୍ରରୁ ପ୍ରେରିତ। ଏହା ଭାରତର ସବୁଠାରୁ ପୁରୁଣା ଓ ଉତ୍ତମ କଳାରୂପ ଗୁଡିକରୁ ଗୋଟିଏ।




ଏହି ଲଞ୍ଚ ଏସିଆନ୍ ପେଣ୍ଟସ୍ ସେହି ଚେଷ୍ଟାର ଅଂଶ ଯାହା ଭାରତର ପ୍ରତ୍ୟେକ ଅଞ୍ଚଳର ସଂସ୍କୃତିକୁ ଉତ୍ସବରେ ପରିଣତ କରିବା ଓ ଗ୍ରାହକଙ୍କ ସହିତ ଭାବଗତ ସମ୍ପର୍କ ଯୋଡିବାର ଉଦ୍ଦେଶ୍ୟ ରଖେ ବୋଲି କହିଛନ୍ତି କମ୍ପାନୀର ଏମ୍‌ଡି ଓ ସିଇଓ ଅମିତ ସିଂଗଲ।c

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ପିସିସି ସଭାପତି

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ବିଜେପି ଦଳ ଶାସନ କ୍ଷମତାକୁ ଆସିବା ଏକବର୍ଷ ପୂର୍ଣ୍ଣ ହୋଇଛି । ଏହି ଏକ ବର୍ଷ ମଧ୍ୟରେ ସବୁ କ୍ଷେତ୍ରରେ ବିଫଳ ହୋଇଥିବା ସରକାର ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି । ତା ସହିତ ସାରା ରାଜ୍ୟରେ ନାରୀ ନିର୍ଯ୍ୟାତନା, ବାଳିକା ଅପହରଣ ଓ ଗଣଦୁଷ୍କର୍ମ ଉଦ୍‌ବେଗ ଜନକ ଭାବରେ ବୃଦ୍ଧି ପାଇଛି । ଏହି ସବୁ ଘଟଣାକୁ ଅନୁଧାନ କରିବାପାଇଁ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଦିପା ଦାସମୁନ୍‌ଷିଙ୍କ ଆବାହକତ୍ୱରେ ସାଂସଦ ରଞ୍ଜିତ ରଞ୍ଜନ, ସାଂସଦ ପ୍ରଣିତି ସିନ୍ଦେ, ସାଂସଦ ଏସ ଜଥିମଣି ଓ ଶୋଭା ଓଜାଙ୍କୁ ନେଇ ଗଠିତ ଏକ ତଥ୍ୟଅନୁଧାନ କମିଟି ଓଡ଼ିଶା ଆସିଛନ୍ତି ଏବଂ ବିଭିନ୍ନ ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି । ଆସନ୍ତା ୨୪ତାରିଖ ଦିବା ୧୦ ଘଣ୍ଟା ସମୟରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ସହ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ତଥ୍ୟ ଅନୁଧାନ କମିଟି ଏବଂ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଭେଟି ଏ ସମ୍ପର୍କରେ ଆଲୋଚନା କରିବାପାଇଁ ପିସିସି ସଭାପତି ଶ୍ରୀ ଦାସ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି । ମୁଖ୍ୟମନ୍ତ୍ରୀ ଉପରୋକ୍ତ ନେତୃବୃନ୍ଦଙ୍କୁ ସମୟ ଦେଇ ଆଲୋଚନା କରିବେ ବୋଲି ଶ୍ରୀ ଦାସ ଅନୁରୋଧ କରିଛନ୍ତି ।

# ଜୟ ଶ୍ରୀଜଗନ୍ନାଥ" ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱର (ସବ୍ୟୁ): ଏସଏନଏମ୍ କଳା ଓ ସଂସ୍କୃତି ଏକାଡେମୀ ଏବଂ ବି. ଏମ୍.ଏଚ. ହସ୍ପିଟାଲର ମିଳିତ ଉଦ୍ୟମରେ ରଥଯାତ୍ରା ଉପଲକ୍ଷେ "ଜୟ ଜଗନ୍ନାଥ" ଶୀର୍ଷକ ଚିତ୍ର ପ୍ରଦର୍ଶନୀ ବୁଦ୍ଧ ଆର୍ଟ ଗ୍ୟାଲେରୀ ଠାରେ ଉଦ୍‌ଘାଟିତ ହୋଯାଇଅଛି । ଏଥିରେ ମୁଖ୍ୟ ଅଥିତି ଭାବେ ଧଉଳି ଚାରୁ କଳା ମହାବଦ୍ୟାଳୟର ଅଧ୍ୟକ୍ଷ,ଚିତ୍ରଶିଳ୍ପୀ ଡ .ପଞ୍ଚାନନ ସାମଲ , ଇସ୍କନ୍ ମନ୍ଦିରର ମୁଖ୍ୟ ବକ୍ତା ସଂଗ୍ରାମଜିତ ପ୍ରଭୁ ,ବି. ଏମ୍. ଏଚ. ର ପରିଚାଳନା ଅଧ୍ୟକ୍ଷ ,ବିଜୟା ଲକ୍ଷ୍ମୀ ଜେନା ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଏସ. ଏନ.ଏମ୍. ଏକାଡେମୀର ସଭାପତି ଶିବ ନାରୟଣ ମହାପାତ୍ର



ଅତିଥି ମାନଙ୍କ ପରିଚୟ ପ୍ରଦାନ ପୂର୍ବକ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଏଥିରେ ୪୦ଜଣ ଚିତ୍ରଶିଳ୍ପୀ ଭାଗନେଇଥିଲେ। ଏହା ୪ଦିନ ଧରି ବୁଧ ଆର୍ଟ ଗ୍ୟାଲେରୀ ଠାରେ ଅନୁଷ୍ଠିତ ହେବ, ୨୪ ତାରିଖରେ ଚିତ୍ରଶିଳ୍ପୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି ।

## ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଯୋଗ

କଟକ(ସବ୍ୟୁ):ରାଜ୍ୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ୧୧ତମ ଅର୍ନ୍ତଜାତୀୟ ଯୋଗ ଦିବସ କଟକସ୍ଥିତ ଆଇନ ସେବା ଭବନ ଠାରେ ପାଳନ କରାଯାଇଛି । ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯନିର୍ବାହୀ ଅଧ୍ୟକ୍ଷ ମାନ୍ୟବର ନ୍ୟାୟମୂର୍ତ୍ତୀ ସଙ୍ଗମ କୁମାର ସାହୁଙ୍କ ପୌରହିତ୍ୟରେ ଏହି ଦିବସ ଉପଲକ୍ଷେ ଆଇନ ସେବା ଭବନଠାରେ ଏକ ଯୋଗ ଶିବିର ଆୟୋଜନ କରାଯାଇଥିଲା । "ଏକ ବିଶ୍ୱ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ" ଏ ବର୍ଷର ଅର୍ନ୍ତଜାତୀୟ ଯୋଗ ଦିବସର ପ୍ରସଙ୍ଗ । ଯୋଗର ଉପକାରିତା ଏବଂ ଏକ ସୁସ୍ଥ ସମାଜ ପାଇଁ ଏହାର ଅବଦାନ ସମ୍ପର୍କରେ ମାନ୍ୟବର ବିଚାରପତି ଦୃଷ୍ଟି ଆକର୍ଷଣ କରିଥିଲେ ।

## ଗୋପାଳପୁରରେ ଯୁବତୀଙ୍କୁ ଗଣଦୁଷ୍କର୍ମ ମାମଲା

# ଘଟଣା ସ୍ଥଳରେ ଏଆଇସିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ

ବ୍ରହ୍ମପୁର, (ସବ୍ୟୁ): ଗୋପାଳପୁର ସମୁଦ୍ର ବେଳାଭୂମିରେ ଯୁବତୀଙ୍କୁ ହୋଇଥିବା ଗଣଦୁଷ୍କର୍ମ ସ୍ଥାନରେ ଶନିବାର ଅପରାହ୍ନରେ ପହଞ୍ଚିଛନ୍ତି ଅଲ ଇଣ୍ଡିଆ କଂଗ୍ରେସ କମିଟିର ଫେକଫ ଫାଇଣ୍ଡିଂ ଟିମ୍ । ଏଆଇସିସି ସଦସ୍ୟା ଦୀପା ଦାସମୁନିସିଙ୍କ ସଂଯୋଜନାରେ ସାଂସଦ ରଞ୍ଜିତ ରଞ୍ଜନ, ସାଂସଦ ପ୍ରଣତି ସିନ୍ଦେ, ସାଂସଦ ଏସ.ଜ୍ୟୋତିମଣି ଓ ସୋଭା ଓଝା ଟିମରେ ରହିଥିଲେ । ଟିମ୍ ପହଞ୍ଚି ବୁଲି ବୁଲି ଗଣଦୁଷ୍କର୍ମ ସ୍ଥାନ ଓ ଏହାର ପରିବେଶ ଦେଖି କ୍ଷୁବ୍ଧ ହୋଇଥିଲେ । ଅସ୍ୱାସ୍ଥ୍ୟକର ପରିବେଶ ସମୁଦ୍ର ବେଳାଭୂମିରେ ରହିଥିବା ବେଳେ ଏଠାକୁ ପର୍ଯ୍ୟଟକମାନେ ଯାତାୟତ



କରୁଛନ୍ତି । ଏପରିକି ପର୍ଯ୍ୟଟକ ମାନଙ୍କ ନିମନ୍ତେ ଆଲୋକିକରଣର ବ୍ୟବସ୍ଥା ହିଁ ନାହିଁ । ଏଥିରୁ ସ୍ପଷ୍ଟ ହେଉଛି ସନ୍ଧ୍ୟା ହେଲେ ସମୁଦ୍ର ବେଳାଭୂମି ସମ୍ପୂର୍ଣ୍ଣ ଅନ୍ଧାର ହୋଇ ଯାଉଥିବ । ଏହାଛଡ଼ା ପୋଲିସର ପେଟ୍ରୋଲିଂ ନଥିବା ଯୋଗୁଁ ଏଭଳି ଗଣଦୁଷ୍କର୍ମ ଘଟି ଥାଇପାରେ ବୋଲି କମିଟି ଅନୁମାନ କରୁଛି । ତେଣୁ ସ୍ଥାନୀୟ ଜିଲ୍ଲା ପ୍ରଶାସନ ସମୁଦ୍ର ବେଳାଭୂମି ଆଲୋକିକରଣ ବ୍ୟବସ୍ଥା କରିବା ସହ ପୋଲିସ ପ୍ରଶାସନ ପେଟ୍ରୋଲିଂକୁ କଡ଼ାକଡ଼ି କରିବା ପାଇଁ କଂଗ୍ରେସ ଦାବି କରିଛି । ସେପଟେ କଂଗ୍ରେସ ବିଧାନସଭାରେ ମହିଳା ମାନଙ୍କର ସୁରକ୍ଷା ନିମନ୍ତେ ଏକ କମିଟି ଗଠନ କରିବା ନିମନ୍ତେ ପ୍ରୟାସ କରିବାରୁ ବିଧାୟକମାନଙ୍କୁ ବହିଷ୍କାର କରିଥିଲେ । ତେଣୁ ବିଜେପି ସରକାର ମହିଳାଙ୍କୁ ସୁରକ୍ଷା ଦେବା ନିମନ୍ତେ ଆଗଭର ନୁହେଁ । ମୁଖ୍ୟମନ୍ତ୍ରୀ ଉତ୍ସବ କରିବାରେ ବ୍ୟସ୍ତ କିନ୍ତୁ ଏପଟେ ମହିଳା ଓ ନୀରିହ ଝିଅ ମାନଙ୍କୁ ଗଣଦୁଷ୍କର୍ମ ରାଜ୍ୟରେ ବଢ଼ିବାରେ ଲାଗିଛି ବୋଲି ଅଭିଯୋଗ କରିଛି କଂଗ୍ରେସ । ଏହି ଫ୍ୟାକ୍ଟ ଫାଇଣ୍ଡିଂ ଟିମ ସହ ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୀପକ ପଟ୍ଟନାୟକଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ହାବେଲୀ ପଡ଼ିଆରେ ଆନ୍ତର୍ଜାତୀକ ଯୋଗ ଦିବସ

ଖୋର୍ଦ୍ଧା, (ସବ୍ୟୁ): ସ୍ଥାନୀୟ ହାବେଲୀ ପଡିଆ ଠାରେ ଆନ୍ତର୍ଜାତୀୟ ଯୋଗ ଦିବସ ତଥା ଯୁବା ଦିବସ ଜିଲ୍ଲା ପ୍ରଶାସନ,ଅବକାରୀ ଓ କ୍ରୀଡ଼ା ବିଭାଗ ମିଳିତ ଆନୁକୁଲ୍ୟରେ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଚଂଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଯୋଗ ଦିବସରେ ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ମୁଖ୍ୟ ଅତିଥି ଭାବେ ଯୋଗଯୋଇଥିଲେ । ଜିଲ୍ଲାପାଳ ଶ୍ରୀ ରାଣା କହିଲେ ଯେ ଯୋଗ ପ୍ରତ୍ୟେକ ବ୍ୟକ୍ତିର ଦୈନନ୍ଦିନ ଜୀବନରେ ଏକ ଅଂଶ ହେବା ଦରକାର। ଯୋଗଭ୍ୟାଷ ଦ୍ୱାରା ଶରୀର ବିଶୁଦ୍ଧିକରଣ ହୋଇ ରୋଗମୁକ୍ତ ହୋଇଥାଏ। ଯୋଗ ଦିବସରେ ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ, ବନଖଣ୍ଡ ଅଧିକାରୀ, ଖୋର୍ଦ୍ଧା ଲାଡେ ଗଜାନନ ଦୟାନନ୍ଦ, ଅତିରିକ୍ତ ଜିଲ୍ଲାପାଳ ( ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିବା ବେଳେ ପତଞ୍ଜଳି ଯୋଗ ପରିବାରର ଯୋଗଗୁରୁ ପୂର୍ଣ୍ଣଚନ୍ଦ୍ର ନାୟକ, ଯୋଗ ଗୁରୁ ଗୌରାଙ୍ଗ ଚନ୍ଦ୍ର ମଣ୍ଡଳ, ଯୋଗ ଗୁରୁମା' ଲଳିତା ସ୍ୱାଇଁ ଙ୍କ ସମେତ ସହକର୍ମୀ ବିଜୟ କୁମାର ମହାନ୍ତି, ନଗେନ ଚମ୍ପତି, ପ୍ରତାପ କୁମାର ସାହୁ, କବିତା ହରିଚନ୍ଦନ, ବବିତା ଚୌଧୁରୀ, ଦୁର୍ଗା ପ୍ରସାଦ ଚୌଧୁରୀ ପ୍ରମୁଖ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସରୋଜକାନ୍ତ ମହାପାତ୍ର ଯୋଗ ମନ୍ତ୍ର ପାଠ କରିବା ପରେ, ଶରୀର ଶୀତଳିକରଣ, ସ୍କନ୍ଧ ଝୁଲଣ, ନିକ୍ ବ୍ୟାଣ୍ଡ, ତାଳାସନ, ଅଧ ଚକ୍ର ଆସନ, ତ୍ରିକୋଣ ଆସନ ଦଣ୍ଡା ଆସନ, ଭଦ୍ରା ଆସନ, ବଜ୍ରା ଆସନ,ଅର୍ଦ୍ଧ ଉଚ୍ଚ ଆସନ ଇତ୍ୟାଦି, ପ୍ରାଣାୟମ ଏବଂ ଧ୍ୟାନ ଓ ଯୋଗ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ଯୋଗଗୁରୁ ପୂର୍ଣ୍ଣ ଚନ୍ଦ୍ର ନାୟକ ଓ ଗୌରାଙ୍ଗ ଚନ୍ଦ୍ର ମଣ୍ଡଳ ସଂକଳ୍ପ ପାଠ କରାଇଥିଲେ। ଏହି ଯୋଗ ଦିବସରେ ସହରର ବହୁ ବ୍ୟକ୍ତି, ବୁଦ୍ଧିଜୀବୀ, କ୍ରୀଡାବିତ୍, ଛାତ୍ରଛାତ୍ରୀ, ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀ ବୃନ୍ଦ, ପତଞ୍ଜଳି ପରିବାର, ଜିଲ୍ଲା ଅବକାରୀ ବିଭାଗ ଅଧିକାରୀ ଓ କର୍ମଚାରୀ ବହୁ ସଂଖ୍ୟାରେ ଯୋଗ ଦେଇ ଥିଲେ।

## ସମ୍ବଲପୁରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

# ଶାରିରୀକ, ମାନସିକ ଓ ଆଧ୍ୟାତ୍ମିକ ଚେତନାର ବୈଜ୍ଞାନିକ ପ୍ରୟୋଗ ହେଉଛି ଯୋଗ

ଭୁବନେଶ୍ୱର (ସବ୍ୟୁ): ଅନାଦି ଅନନ୍ତ କାଳରୁ ଭାରତରେ ଜନ୍ମ ନେଇଥିବା ଯୋଗ ଅଭ୍ୟାସ ବିଶ୍ୱରେ ଏକ ଜନଆନ୍ଦୋଳନରେ ପରିଣତ ହେଉଛି । ଯୋଗ ; ଶାରିରୀକ, ମାନସିକ ଓ ଆଧ୍ୟାତ୍ମିକ ଚେତନାର ବୈଜ୍ଞାନିକ ପ୍ରୟୋଗ ବୋଲି ଶନିବାର ସମ୍ବଲପୁରରେ ୧୧ତମ 'ଅନ୍ତର୍ଜାତୀୟ ଯୋଗ ଦିବସ' ପାଳନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ସମ୍ବଲପୁରର ମାଆ ସମଲେଶ୍ୱରୀଙ୍କ ପୀଠ ଓ ମହାନଦୀର ଉପକୂଳ ଅଞ୍ଚଳରେ ସମ୍ବଲପୁରର ଜନସାଧାରଣଙ୍କ ସହ ଯୋଗ କରିବା ସହ ଏହି ଦିବସର ଶୁଭେଚ୍ଛା ଜଣାଇଥିଲେ । ବିଶେଷ ଭାବରେ ସ୍କୁଲରୁ ବିଶ୍ୱବିଦ୍ୟାଳୟ ସ୍ତରର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ, ସାମାଜିକ ସଂଗଠନ, ସରକାରୀ ସଂସ୍ଥା ଏବଂ ଅନ୍ୟାନ୍ୟ ସଂଗଠନର ସଦସ୍ୟମାନେ କେନ୍ଦ୍ରମନ୍ତ୍ରୀଙ୍କ ସହ ସମବେତ ହୋଇ ଯୋଗ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଘୋଷିତ ଯୋଗ ଦିବସ -୨୦୨୫ ବିଷୟବସ୍ତୁ 'ଏକ



ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ଉପରେ ଶ୍ରୀ ପ୍ରଧାନ ଆଲୋକପାତ କରିବା ସହ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ ।

ସେ କହିଥିଲେ ଯୋଗ ଭାରତର ପ୍ରାଚୀନ ସଂସ୍କୃତିର ଏକ ଅମୂଲ୍ୟ ଉପହାର । ୨୦୧୪ରେ ମାନ୍ୟବର ପ୍ରଧାନମନ୍ତ୍ରୀ ଜୁନ ୨୧କୁ ଆନ୍ତର୍ଜାତିକ ସ୍ତରରେ ଯୋଗ ଅଭ୍ୟାସ ପୂର୍ବକ ଯୋଗ ଦିବସ ପାଳନ ପାଇଁ ପ୍ରଥମେ ପ୍ରସ୍ତାବ ଦେଇଥିଲେ । ଭାରତର ପ୍ରସ୍ତାବକୁ ୧୫୦ରୁ ଅଧିକ ଦେଶ ସମର୍ଥନ ଦେଇଥିଲେ । ସ୍ୱାସ୍ଥ୍ୟ ଏବଂ ସମୃଦ୍ଧି ପାଇଁ ଯୋଗ ଏକ ସିଦ୍ଧ ଉପଚାର ଅଟେ । ବ୍ଲଡ ପ୍ରେସର, ମଧୁମେହ ଭଳି ରୋଗକୁ ପ୍ରତିହତ କରିବା ପାଇଁ ଆମକୁ ଏକ ସୁସ୍ଥ ଜୀବନଶୈଳୀକୁ ବିକଶିତ କରିବା ପାଇଁ ପଡ଼ିବ । ଏଥିପାଇଁ ଜାତୀୟ ଶିକ୍ଷା ନୀତିରେ ମଧ୍ୟ ଛାତ୍ରଛାତ୍ରୀ ଏବଂ ଶିକ୍ଷକଙ୍କ ଶାରୀରିକ ଏବଂ ମାନସିକ ସୁସ୍ଥତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ସମ୍ବଲପୁରର ଗୋଟିଏ ଚରିତ୍ର, ସଂସ୍କୃତି ଓ ଉତ୍ସାହ ଅଛି । ଶାରିରୀକ ସୁସ୍ଥତାରେ ସମ୍ବଲପୁର ରାଜ୍ୟ ଓ ଦେଶର ପ୍ରମୁଖ ଅଞ୍ଚଳ ଭାବରେ ଉଭା ହେଉଛି । କ୍ରୀଡ଼ା, ବ୍ୟାୟାମ, କୁସ୍ତି ତଥା ପ୍ରାତଃ ଭ୍ରମଣ ଓ ସଂଧ୍ୟା ଭ୍ରମଣ ଲୋକମାନଙ୍କ ଦୈନନ୍ଦିନ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ହୋଇଛି । ସମସାମୟିକ ସମୟରେ ଆମକୁ ସମ୍ବଲପୁରକୁ ସୁସ୍ଥ ଓ ସୁନ୍ଦର ରଖିବା ପାଇଁ ପଡ଼ିବ ।

# ନିସ୍ ଶିକ୍ଷାନୁଷ୍ଠାନରେ ପରିବେଶ ସଚେତନତା ଓ ବୃକ୍ଷରୋପଣ

ଭୁବନେଶ୍ୱର, (ସବ୍ୟୁ) : ସ୍ଥାନୀୟ ମଦନପୁର ସ୍ଥିତ ନିସ୍ ଶିକ୍ଷାନୁଷ୍ଠାନର ସୋସିଆଲ ୱାର୍କ ବିଭାଗ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଶ ସୁରକ୍ଷା ଓ ଜୀବନରକ୍ଷା ଶିର୍ଷକ କାର୍ଯ୍ୟକ୍ରମ ସୁଦୁର ଜଗତସିଂହପୁର ଜିଲ୍ଲାର ନାଉଗାଁ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡକଫର ସୁଭାଷ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ଦିଗରେ ବୃକ୍ଷମାନଙ୍କର ଅବଶ୍ୟକତା ଉପରେ ବିସ୍ତୃତଭାବେ ଆଲୋଚନା କରିବା ସହିତ ବହୁ ଉପାଦେୟ ଔଷଧିୟ ଲେଙ୍କା, ସମାଜସେବୀ ଦେବେନ୍ଦ୍ର ମଲ୍ଲିକ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ



ଓ ଫଳବୃକ୍ଷ ରୋପଣ କରିଥିଲେ । ଏଥିରେ ନିସ୍ ଶିକ୍ଷାନୁଷ୍ଠାନର ସହପ୍ରତିଷ୍ଠାତ୍ରୀ ପ୍ରଫେସର ସ୍ମୃତିସୁଧା ନାୟକ, ବିଶିଷ୍ଟ ସମାଜସେବୀ ସୁକାନ୍ତ ଯୋଗଦେଇ ପରିବେଶ ସଚେତନା ଉପରେ ଆଲୋକପାତ କରିବା ସହ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ଅନ୍ତର୍ଜାତୀୟ ଯୋଗ ଦିବସ

# "ଯୋଗର ଅର୍ଥ ଯୋଡ଼ି ହେବା: ରାଷ୍ଟ୍ରପତି

ଡେରାଡୁନ୍: ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଡେରାଡୁନର ଉତ୍ତରାଖଣ୍ଡ ରାଜ୍ୟ ପୋଲିସ ଲାଇନ ମୈଦାନରେ ଏକ ସାମୂହିକ ଯୋଗ ପ୍ରଦର୍ଶନରେ ଅଂଶଗ୍ରହଣ କରିଥିଲେ । ଯୋଗ ଅଧିବେଶନ ପରେ ନିଜର ମନ୍ତବ୍ୟରେ ରାଷ୍ଟ୍ରପତି ସାରା ବିଶ୍ୱରେ ୩୧ଏ ଅନ୍ତର୍ଜାତୀୟ ଯୋଗ ଦିବସରେ

ଯୋଗଅଭ୍ୟାସକରୁଥିବାସମସ୍ତଅଂଶଗ୍ରହଣକାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସେ କହିଥିଲେ ଯେ ୨୦୧୫ ମସିହାରୁ ଯୋଗ ସମଗ୍ର ମାନବଜାତିର ଏକ ସାଧାରଣ ଅଭ୍ୟାସରେ ପରିଣତ ହୋଇଛି । ଏହା ଭାରତର ""ସଫଟ ପାଓ୍ୱାର'ର ଏକ ଗୁରୁତ୍ୱପୂର୍ଣ୍ଣ ଉଦାହରଣ ।

ରାଷ୍ଟ୍ରପତି କହିଲେ ଯେ ଯୋଗ ହେଉଛି ଏକ ସୁସ୍ଥ ଜୀବନ ବଞ୍ଚିବାର କଳା, ଯାହାକୁ ଗ୍ରହଣ କରିବା ଦ୍ୱାରା ମଣିଷର ଶରୀର, ମନ ଏବଂ ସାମଗ୍ରିକ ବ୍ୟକ୍ତିତ୍ୱ ବିକଶିତ ହୋଇଥାଏ । ଯେତେବେଳେ ଜଣେ ବ୍ୟକ୍ତି ସୁସ୍ଥ ରୁହେ, ପରିବାର ସୁସ୍ଥ ରହିଥାଏ । ଯେତେବେଳେ ପରିବାର ଏବଂ ସମାଜ ସୁସ୍ଥ ରହିବ, ସେତେବେଳେ ଦେଶ ସୁସ୍ଥ ରହିବ । ରାଷ୍ଟ୍ରପତି କହିଲେ ଯେ ""ଯୋଗର ଅର୍ଥ ହେଉଛି ""ଯୋଡ଼ି ହେବା । ଯୋଗ ଅଭ୍ୟାସ ବ୍ୟକ୍ତିର ଶରୀର, ମନ ଓ ଆତ୍ମାକୁ ଯୋଡ଼ିଥାଏ ଏବଂ ବ୍ୟକ୍ତିକୁ ସୁସ୍ଥ ରଖିଥାଏ । ଯୋଗ ଜଣେ ବ୍ୟକ୍ତିଙ୍କୁ ଅନ୍ୟ ଜଣେ ବ୍ୟକ୍ତିଙ୍କ



ସହ, ଗୋଟିଏ ସମ୍ପ୍ରଦାୟକୁ ଅନ୍ୟ ସମ୍ପ୍ରଦାୟ ସହିତ ଏବଂ ଗୋଟିଏ ଦେଶକୁ ଅନ୍ୟ ଦେଶ ସହିତ ଯୋଡ଼ି ପାରିବ ।

ରାଷ୍ଟ୍ରପତି କହିଛନ୍ତି ଏହା ଏକ ସାଧାରଣ ବିଶ୍ୱାସ ଯେ ଚିକିତ୍ସା ଅପେକ୍ଷା ପ୍ରତିରୋଧ ନୀତି ଅଧିକ ଫଳପ୍ରଦ । ରୋଗ ପ୍ରତିରୋଧରେ ଯୋଗ ଅତ୍ୟନ୍ତ ଉପଯୋଗୀ ବୋଲି ବିବେଚନା କରାଯାଏ । ସେ ସମସ୍ତଙ୍କୁ ଯୋଗକୁ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବାକୁ ଏବଂ ଯୋଗ ଅଭ୍ୟାସ କରିବା ସହିତ ଅନ୍ୟମାନଙ୍କୁ ଏଥିପାଇଁ ପ୍ରେରଣା ଦେବାକୁ ଅନୁରୋଧ କରିଥିଲେ ।

## ଡିଜିସିଏର କଡା ନିର୍ଦ୍ଦେଶ
### ୩ ଅଧିକାରୀଙ୍କୁ ତୁରନ୍ତ ବହିଷ୍କାର କର




ନୂଆଦିଲ୍ଲୀ: ବିମାନ ଦୁର୍ଘଟଣାରେ ଶତାଧିକ ଲୋକଙ୍କ ଜୀବନ ଯିବା ପରେ ଏବେ ଏୟାର୍ ଇଣ୍ଡିଆକୁ ତାଗିଦ୍ କରିଛି ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ।

ଶୁକ୍ରବାର ଏୟାର ଇଣ୍ଡିଆକୁ ଡିଜିସିଏ ଏକ କଡ଼ା ନିର୍ଦ୍ଦେଶ ଜାରି କରି ଏହାର ତିନି ଜଣ ପ୍ରମୁଖ ଅଧିକାରୀଙ୍କୁ ଦାୟିତ୍ୱରୁ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଛି ।

ସେହି ଅଧିକାରୀମାନେ ହେଉଛନ୍ତି ଡିଭିଜନାଲ୍ ଭାଇସ୍ ପ୍ରେସିଡେଣ୍ଟ ଚୁରାହ ସିଂହ, ମୁଖ୍ୟ ପରିଚାଳିକା ପିଙ୍କି ମିତ୍ତଲ ଏବଂ କର୍ମଚାରୀ ସୂଚୀକରଣ - ଯୋଜନା ଅଧିକାରୀ ପାୟଲ୍ ଆରୋରା ।

ଜୁନ୍ ୨୦ ତାରିଖରେ ଡିଜିସିଏ ବର୍ତ୍ତମାନ ଏୟାର ଇଣ୍ଡିଆକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ନାମିତ ଅଧିକାରୀମାନଙ୍କୁ ସେମାନଙ୍କ ବର୍ତ୍ତମାନର କାର୍ଯ୍ୟକ୍ଷମ ଭୂମିକାରୁ ତୁରନ୍ତ ବହିଷ୍କାର କରନ୍ତୁ । ଏୟାର ଇଣ୍ଡିଆକୁ ସେମାନଙ୍କ ବିରୋଧରେ ଆଭ୍ୟନ୍ତରୀଣ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଳମ୍ବ ନକରି ଏହି ଅଧିକାରୀଙ୍କ ବିରୋଧ ଆଭ୍ୟନ୍ତରୀଣ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବା ଆବଶ୍ୟକ ଏବଂ ଏହି ଚିଠି ଜାରି ହେବାର ୧୦ ଦିନ ମଧ୍ୟରେ ଏହି କାର୍ଯ୍ୟାଳୟକୁ ଏହି କାର୍ଯ୍ୟାନୁଷ୍ଠାନର ଫଳାଫଳ ରିପୋର୍ଟ କରାଯିବ, ବୋଲି ଡିଜିସିଏ ନିର୍ଦ୍ଦେଶରେ ଲେଖାଯାଇଛି ।

## ୪ ବର୍ଷର ଝିଅକୁ ଝାମ୍ପି ନେଲା ବାଘ

ନୂଆଦିଲ୍ଲୀ: ଘର ପାଖରେ ୪ ବର୍ଷର ଝିଅଟି ବେଶ ହସ ଖୁସିରେ ଖେଳୁଥିଲା । ଏତିକି ବେଳେ ଗୋଟିଏ କଲାପତରିଆ ହଠାତ୍ ପିଲାଟିକୁ ଟେକି ନେଇଥିଲା ।



ତାମିଲନାଡୁର କୋଏମ୍ବାଟୁର ଠାରେ ଏପରି ଘଟଣା ଘଟଣା ଘଟିଥିଲା । ପରିବାର ଲୋକ ଅନେକ ଲୋକ ଖୋଜାଖୋଜି କରିଥିଲେ ହେଁ ପିଲାଟିକୁ ପାଇ ନଥିଲେ । କିନ୍ତୁ ଶନିବାର ଝିଅଟିର କ୍ଷତାକ୍ତ ମୃତଦେହ ଘର ଠାରୁ ୫ କିମି ଦୂର ଗୋଟିଏ ଜଙ୍ଗଲିଆ ଅଞ୍ଚଳରୁ ମିଳିଛି ।

ଜଙ୍ଗଲ ବିଭାଗର ଅଧିକାରୀ ଓ ପୋଲିସ୍ ମିଳିତ ଭାବେ ପିଲାଟିର କ୍ଷତାକ୍ତ ମୃତଦେହକୁ ପଚରାମାଳିଆ ଇଷ୍ଟେଟ ଠାରୁ ଠାବ କରିଛନ୍ତି । ଜଣେ ପ୍ରବାସୀ ଶ୍ରମିକଙ୍କ ଝିଅ ହେଉଛନ୍ତି ୪ ବର୍ଷର ରୋଶନୀ । ତାଙ୍କ ବାପା ମା' ଝାଡଖଣ୍ଡରୁ ଆସି ଏଠାରେ ପ୍ରବାସୀ ଶ୍ରମିକ ଭାବେ କାମ କରୁଥିଲେ ।

ବୁଧବାର ଅଗଣାରେ ମା' ବସିଥିବା ବେଳେ ରୋଶନୀ ସେଠାରେ ଖେଳୁଥିଲେ । ଏତିକି ବେଳେ ହଠାତ ଗୋଟିଏ କଲରାପତରିଆ ସେଠାରେ ପହଞ୍ଚି ରୋଶନୀଙ୍କୁ ଆଖି ପିଛୁଳାକେ ଝାମ୍ପି ନେଇ ସେଠାରୁ ଚାଲି ଯାଇଥିଲା । ଏହାପରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା । ଦୀର୍ଘ ଘଣ୍ଟାର ଅପରେସନ ପରେ ରୋଶନୀଙ୍କ କ୍ଷତାକ୍ତ ମୃତଦେହ ଜଙ୍ଗଲ ଭିତରୁ ମିଳିଛି । କଲାପତରିଆର ଏପରି ଆକ୍ରମଣ ଇଷ୍ଟେଟ ଶ୍ରମିକ ଓ ସେଠାରେ ରହୁଥିବା ଲୋକଙ୍କ ମଧ୍ୟରେ ଆତଙ୍କ ଓ ଭୟର ପରିବେଶ ସୃଷ୍ଟି କରିଛି । ଏବେ ଜଙ୍ଗଲ ବିଭାଗର ଅଧିକାରୀମାନେ କଲରାପତରିଆକୁ ଠାବ କରି ତା'କୁ ଟ୍ରାଙ୍କୁଲାଇଜ କରିବା ଉପରେ ଫୋକସ କରୁଛନ୍ତି ।

## ରୁଷ ସେନାରେ ନରଭକ୍ଷକ !

ନୂଆଦିଲ୍ଲୀ: ଯୁଦ୍ଧ ପାଇଁ ରୁଷ ଶତାଧିକ ଅପରାଧୀ, ହତ୍ୟାକାରୀ, ଡକାୟତ ଓ ନରଭକ୍ଷକଙ୍କୁ ନିଜ ସେନାରେ ଭର୍ତ୍ତି ଥିବାୟୁକ୍ରେନ ଦାବି କରିଛି ।ୟୁକ୍ରେନ ସେନାର ଗୁଇନ୍ଦା ବିଭାଗ ଦାବି କରିଛି ଯେ ରୁଷ ସୈନିକ ନିଜକୁ ବଞ୍ଚାଇବା ପାଇଁ ଏବେ ସାଥୀଙ୍କୁ ମାରି ମଣିଷ ମାଂସ ଖାଇବାକୁ ବି ପଛାଉ ନାହାନ୍ତି ।ୟୁକ୍ରେନ କହିଛି ଯେ ଡେନିସ ଗୋରେନ ନାମକ ଜଣେ ବ୍ୟକ୍ତି ଚାରି ଜଣଙ୍କୁ ହତ୍ୟା କରଥିଲା ଓ ପରେ ମାଂସ ଖାଇଥିଲା । ୨୦୧୨ରେ ତାକୁ ଗିରଫ କରାଯାଇଥିଲା । ୨୨ ବର୍ଷ ଜେଲ ଦଣ୍ଡ ଶୁଣାଯାଇଥିଲା । ଏହା ବ୍ୟତୀତ ନିକୋଲେ ଓକୋଲୋବିୟାକ ନାମକ ଜଣେ ବ୍ୟକ୍ତି ମଧ୍ୟ ଦୁଇ ମହିଳାଙ୍କୁ ହତ୍ୟା କରିଥିଲେ । ଏହାପରେ ମହିଳାଙ୍କ ମାଂସ ଖାଇଥିଲା । ଏପରି କୁଖ୍ୟାତ ଅପରାଧୀଙ୍କୁ ମୁକ୍ତ କରି ରୁଷ ନିଜ ସେନାରେ ସାମିଲ କରିୟୁକ୍ରେନ ସଂଘର୍ଷରେ ଓହ୍ଲାଇଛି ।

ଡେଲି ମେଲ୍ ରିପୋର୍ଟରେ ଦାବି କରାଯାଇଛି ଯେ ଦମିତ୍ରି ମଲିସିଭ ନାମକ ଜଣେ ବ୍ୟକ୍ତିକୁ ତିନି ଜଣଙ୍କ ହତ୍ୟା ଓ ଏକ ହୃତପିଣ୍ଡକୁ ଫ୍ରାଏ କରି ଖାଇବା ଅଭିଯୋଗରେ ଗିରଫ କରାଯାଇଥିଲା । ଏହି କୁଖ୍ୟାତ ଅପରାଧୀକୁ ଯୁଦ୍ଧ ପାଇଁ ପଠାଇଛି । ରୁଷ ହତ୍ୟାକାରୀ ଓ ଦୁଷ୍କର୍ମକାରୀକୁ ଜେଲରୁ ମୁକ୍ତ କରି ୨୦୨୪ରେ ସମ୍ମୁଖ ଯୁଦ୍ଧକୁ ପଠାଇଛି ।

ଉଲ୍ଲେଖଯୋଗ୍ୟ ଯେ ରୁଷ ଓୟୁକ୍ରେନ ମଧ୍ୟରେ ଯୁଦ୍ଧକୁ ତିନି ବର୍ଷରୁ ଅଧିକ ସମୟ ହୋଇସାରିଛି । ଏବେ ବିୟୁକ୍ରେନ ଉପରେ ରୁଷ ବଡ଼ ଧରଣର ଆକ୍ରମଣ କରୁଛି । ରୁଷ ଗତ ୨୪ ଘଣ୍ଟାରେୟୁକ୍ରେନର ୪୦୦ରୁ ଅଧିକ ସୈନିକଙ୍କୁ ନିହତ କରିଥିବା ଦାବି କରିଛି । ରୁଷ ଦାବି କରିଛନ୍ତି ଯେୟୁକ୍ରେନ ସୀମା ବର୍ତ୍ତି କିଛି ସ୍ଥାନ ଉପରେ କବଜା କରିଛି । କ୍ରାସ୍ନୋଓର୍ମିଇସ୍କ, ଦିମିଟ୍ରୋଭ, ନୋଭୋସେର୍ଗେୟେବକା ତଥା ମୁରାବକା କ୍ଷେତ୍ରରେ ଚାରୋଟି ମେସିନଯୁକ୍ତ ଦୁଇଟି ଏୟାରବର୍ଣ୍ଣ ଆସଲଟ ଓ ଦୁଇଟି ମରିନ ବ୍ରିଗେଡକୁ ନଷ୍ଟ କରିଥିବା ରୁଷ ଦାବି କରିଛି । ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ ସାମ୍ବାଦିକଙ୍କୁ କହିଛନ୍ତି, ସୈନିକଙ୍କ ଦକ୍ଷିଣ ସମୂହ ୧୯୦ୟୁକ୍ରେନୀ ସୈନିକ ଓ ତିନି ଯୁଦ୍ଧ ବାହାନ ଓ ଦୁଇଟି ତୋପୋକୁ ନଷ୍ଟ କରିଛନ୍ତି ।

## ସିନ୍ଧୁ ଜଳବଣ୍ଟନ ଚୁକ୍ତି ଆଉ ପୂର୍ବଭଳି ଲାଗୁ ହେବ ନାହିଁ : ଶାହ

ନୂଆଦିଲ୍ଲୀ : ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ, ଭାରତ ସରକାର ସିନ୍ଧୁ ଜଳବଣ୍ଟନ ଚୁକ୍ତିକୁ ସ୍ଥଗିତ ରଖିଦେଇଥିଲେ । ଏହାକୁ ପୁଣି ଲାଗୁ କରିବାକୁ ପାକିସ୍ତାନ ସରକାର ବାରମ୍ବାର ଭାରତକୁ ଅନୁରୋଧ କରିଚାଲିଛନ୍ତି । କିନ୍ତୁ ଭାରତ ନିଜ ନିଷ୍ପତ୍ତିରେ ଅଟଳ ରହିଛି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସ୍ପଷ୍ଟ କରିଛନ୍ତି ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ୧୯୬୦ ମସିହାରେ ହୋଇଥିବା ସିନ୍ଧୁ ଜଳ ଚୁକ୍ତିନାମା କେବେବି ପୂର୍ବଭଳି ଲାଗୁ ହେବ ନାହିଁ । ସେ କହିଛନ୍ତି ଯେ ପାକିସ୍ତାନର ଶାନ୍ତି ଏବଂ ବିକାଶର ଭାବନାର ନିରନ୍ତର ଉଲ୍ଲଂଘନ ଯୋଗୁଁ ଏହି ନିଷ୍ପତ୍ତି ନିଆଯାଇଛି । ଶାହ ଏହା ମଧ୍ୟ କହିଛନ୍ତି ଯେ ସିନ୍ଧୁ ନଦୀର ପାଣି ଏବେ ପାକିସ୍ତାନକୁ ନୁହେଁ ବରଂ ରାଜସ୍ଥାନ ଭଳି ଭାରତୀୟ ରାଜ୍ୟର ଚାଷଜମିକୁ ପ୍ରବାହିତ ହେବ । ଶାହ ଏକ ସାକ୍ଷାତକାରରେ କହିଥିଲେ ଯେ ଆମେ ଚୁକ୍ତିନାମାକୁ ସ୍ଥଗିତ ରଖିଛୁ । ଏହାକୁ ଏକପାଖିଆ ଭାବରେ ବାତିଲ କରାଯାଇପାରିବ ନାହିଁ କିନ୍ତୁ ଆମର ଏହାକୁ ବନ୍ଦ କରିବାର ଅଧିକାର ଥିଲା ଏବଂ ଆମେ ତାହା କରିଛୁ ।

## ୨୦୦୦ କିମି ଦୂରରୁ ବି ପୂରା ଧ୍ୱଂସ କରିଦେବ ସହର

ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟରେ ଘନାଉଛି ସଙ୍କଟ । ଇସ୍ରାଏଲ ସହିତ ବଢୁଥିବା ଉତ୍ତେଜନା ମଧ୍ୟରେ, ଏବେ ଇରାନ ତାର ମାରାତ୍ମକ ଯୁଦ୍ଧ ଅସ୍ତ୍ର ବ୍ୟବହାର କରିବା ଆରମ୍ଭ କରିଦେଇଛି । ଯାହା ବିଶେଷ ଭାବେ କୌଣସି ଦେଶ ଏବଂ ତାହାର ନାଗରିକଙ୍କ ପାଇଁ ଘାତକ ବୋଲି ପ୍ରମାଣିତ ହୁଏ । ଇରାନ ପ୍ରଥମ ଥର ପାଇଁ ଏହାର ସ୍ୱଦେଶୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର "ସେଜିଲ୍'କୁ ଯୁଦ୍ଧରେ ଇସ୍ରାଏଲ ଉପରେ ନିକ୍ଷେପ କରିଛି । ଯାହାକୁ ଡ୍ୟାନ୍ସିଂ ମିସାଇଲ ବୋଲି ମଧ୍ୟ କୁହାଯାଏ । "ଅପରେସନ୍ ଟ୍ରୁ ପ୍ରମିଜ୍ ୩' ଅଧୀନରେ, ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡସ୍ କର୍ପସ୍ ଇସ୍ରାଏଲକୁ ଏକ ସ୍ପଷ୍ଟ ସାମରିକ ଏବଂ ରଣନୈତିକ ବାର୍ତ୍ତା ଭାବରେ ଏହି ଆକ୍ରମଣ କରିଛି । ସେଜିଲ୍ କ୍ଷେପଣାସ୍ତ୍ର କୌଣସି ସାଧାରଣ ଅସ୍ତ୍ର ନୁହେଁ । ଏହା ଏକ କଠିନ ଇନ୍ଧନ-ଆଧାରିତ ମଧ୍ୟମ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର । ଯାହାର ପରିସର ୨୦୦୦ ରୁ ୨୫୦୦ କିଲୋମିଟର । ଅର୍ଥାତ୍, ଯଦି ଏହାକୁ ଇରାନର ନାଟାଞ୍ଜ ଭଳି ସହରରୁ ନିକ୍ଷେପ କରାଯାଏ, ତେବେ ଏହା ମାତ୍ର ୭ ମିନିଟ୍ ମଧ୍ୟରେ ଇସ୍ରାଏଲର ପ୍ରମୁଖ ସହର ତେଲ ଅଭିଭକୁ ଟାର୍ଗେଟ କରିପାରିବ ।

ଯୁଦ୍ଧରେ ପ୍ରଥମ ଥର ପାଇଁ ବ୍ୟବହୃତ ଏହି କ୍ଷପଣାସ୍ତ୍ରରେ ଇସ୍ରାଏଲୀ ସହରଗୁଡ଼ିକୁ ପ୍ରବଳ କ୍ଷତି ସହିଛି । ଇରାନ ପ୍ରଥମ ଥର ପାଇଁ ଇସ୍ରାଏଲ ବିରୁଦ୍ଧରେ ସେଜିଲ୍ କ୍ଷେପଣାସ୍ତ୍ର ବ୍ୟବହାର କରିଛି । ଦକ୍ଷିଣ ଇସ୍ରାଏଲୀ ସହର ବେରଶେବାରେ ଏହି କ୍ଷେପଣାସ୍ତ୍ର ଆକ୍ରମଣ ବହୁତ କ୍ଷତି କରିଥିଲା । ଆବାସିକ କୋଠା ବ୍ୟତୀତ, ହସ୍ପିଟାଲଗୁଡ଼ିକୁ ମଧ୍ୟ ଟାର୍ଗେଟ କରାଯାଇଥିଲା । ଇରାନ ତେଲ ଅଭିଭ ନିକଟରେ ଅନ୍ୟ ଦୁଇଟି କ୍ଷେପଣାସ୍ତ୍ର ସାହାଯ୍ୟରେ ଏହି ଆକ୍ରମଣ କରିଥିଲା । ସେହି ସମୟରେ, ଭାରତରେ ଥିବା ଇରାନୀ ଦୂତାବାସ ଏହାର ଏକ୍ସ ଆକାଉଣ୍ଟରେ ଏକ ପୋଷ୍ଟ ସେୟାର କରି କହିଛି ଯେ ସେଜିଲ୍ କ୍ଷେପଣାସ୍ତ୍ର ହେଉଛି ଇରାନର ଏକ ଶକ୍ତିଶାଳୀ ଅସ୍ତ୍ର ଯାହା ଦୂର ଦୂରାନ୍ତରୁ ମଧ୍ୟ ଲକ୍ଷ୍ୟଭେଦ କରିବାର କ୍ଷମତା ରଖେ ।

ତେବେ ୩୫ ବର୍ଷ ପୂର୍ବେ, ଇରାନ ନିଜେ ସେଜିଲ୍ କ୍ଷେପଣାସ୍ତ୍ର ବିକଶିତ କରିଥିଲା । ଏହାର ପ୍ରଥମ ସଫଳ ପରୀକ୍ଷଣ ୧୩ ନଭେମ୍ବର ୨୦୦୮ ରେ ହୋଇଥିଲା । ସମ୍ପୂର୍ଣ୍ଣ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟାରେ ନିର୍ମିତ ଏହି କ୍ଷେପଣାସ୍ତ୍ରର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଯେ କଠିନ ଇନ୍ଧନ ଯୋଗୁଁ ଏହାକୁ ତୁରନ୍ତ ଲଞ୍ଚ କରାଯାଇପାରିବ ଏବଂ ଲୁଚାଇବା ସହଜ । ଏହାର ପରିସର ପ୍ରାୟ ୨୦୦୦ ରୁ ୨୫୦୦ କିଲୋମିଟର । ଏହି କ୍ଷେପଣାସ୍ତ୍ର ୫୦୦ ରୁ ୭୦୦ କିଲୋଗ୍ରାମ ବିସ୍ଫୋରକ ବହନ କରିବାର କ୍ଷମତା ରଖେ, ଅର୍ଥାତ୍ ଏହାର ପରମାଣୁ ଅସ୍ତ୍ର ବହନ କରିବାର ସମ୍ଭାବ୍ୟ କ୍ଷମତା ଅଛି । ଏହାର ଗତି ପ୍ରାୟ ୭୦୦୦ କିଲୋମିଟର ପ୍ରତି ଘଣ୍ଟା ବୋଲି କୁହାଯାଉଛି । ଏହା ତାଠୁ ବି ଅଧିକ ହୋଇପାରେ ବୋଲି କେତେକ ରିପୋର୍ଟରେ ଦାବି କରାଯାଇଛି ।

୧୦ ମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଲକ୍ଷ୍ୟଭେଦ କରିବାର କ୍ଷମତା ମଧ୍ୟ ଏହାର ବୈଶିଷ୍ଟ୍ୟରେ ଅନ୍ତର୍ଭୁକ୍ତ । ରୋଡ୍-ମୋବାଇଲ୍ ଏବଂ




ଭର୍ଟିକାଲ୍ ଲଞ୍ଚ ସିଷ୍ଟମ୍ ଏହାକୁ ଚଳପ୍ରଚଳ ଏବଂ ରାଡାରକୁ ଏଡାଇବାରେ ସକ୍ଷମ କରିଥାଏ । ଏହା ଇସ୍ରାଏଲର ଆଇରନ ଡୋମ୍ ପରି ଯେକୌଣସି କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀକୁ ଏଡାଇବାରେ ସାହାଯ୍ୟ କରେ । ଇରାନ ଦାବି କରେ ଯେ ଏହା ସମ୍ପୂର୍ଣ୍ଣ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟାରେ ନିର୍ମିତ, ଯଦିଓ ଏହାର କିଛି ବୈଶିଷ୍ଟ୍ୟ ରୁଷିଆର ଇସ୍କନ୍ଦର କ୍ଷେପଣାସ୍ତ୍ର ସହିତ ମିଶିଥାଏ ।

ଇସ୍ରାଏଲ ଦାବି କରିଛି ଯେ ଏହାର ପ୍ରତିରକ୍ଷା ବାହିନୀ ଏହି କ୍ଷେପଣାସ୍ତ୍ରକୁ ସଫଳତାର ସହ ପ୍ରତିହତ କରିଛି । ଏହା ସେ%୦, ସେଜିଲ୍ ବ୍ୟବହାର ଏକ ସ୍ପଷ୍ଟ ସଙ୍କେତ ଯେ ଇରାନ ଆଉ ସଂଘର୍ଷରେ ଏହାର ରଣନୈତିକ ଅସ୍ତ୍ରଶସ୍ତ୍ରକୁ ସାମିଲ କରିବାରୁ ନିବୃତ୍ତ ରହୁନାହିଁ । ବିଶ୍ଳେଷକମାନେ ବିଶ୍ୱାସ କରନ୍ତି ଯେ ସେଜିଲ୍ କ୍ଷେପଣାସ୍ତ୍ରର ବ୍ୟବହାର କେବଳ ମଧ୍ୟପ୍ରାଚ୍ୟର ରଣନୈତିକ ସ୍ଥିରତାକୁ ଚ୍ୟାଲେଞ୍ଜ କରେ ନାହିଁ, ବରଂ ବଡ଼ ଶକ୍ତିଗୁଡ଼ିକୁ ସେମାନଙ୍କର ସୁରକ୍ଷା ନୀତିର ପୁନରବିଚାର କରିବାକୁ

## ବିହାରରେ ମାସିକ ପେନସନ ୧୧୦୦ ଟଙ୍କାକୁ ବୃଦ୍ଧି

ନୂଆଦିଲ୍ଲୀ: ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ବଡ଼ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନୀତୀଶ କୁମାର । ରାଜ୍ୟର ସାମାଜିକ ସୁରକ୍ଷା ପେନସନ ସ୍କିମର ଭତ୍ତାକୁ ମୁଖ୍ୟମନ୍ତ୍ରୀ ବୃଦ୍ଧି କରିଛନ୍ତି । ଏଣିକି ବିହାରରେ ରହୁଥିବା ବରିଷ୍ଠ ନାଗରିକମାନେ ମାସିକ ୪୦୦ ଟଙ୍କା ବଦଳରେ ୧୧ ଶହ ଟଙ୍କା ପାଇବେ । ଦିବ୍ୟାଙ୍ଗ ଓ ବିଧବାଙ୍କ ପାଇଁ ମଧ୍ୟ ଏହି ନିୟମ ଲାଗୁ ହେବ । ଏହାଦ୍ୱାରା ରାଜ୍ୟର ପ୍ରାୟ ୧ କୋଟିରୁ ଅଧିକ ଲୋକ ଲାଭ ପାଇବେ ବୋଲି ସରକାର କହିଛନ୍ତି ।



ମାସିକ ଭତ୍ତା ବୃଦ୍ଧି ସମ୍ପର୍କରେ ଘୋଷଣା କରି ମୁଖ୍ୟମନ୍ତ୍ରୀ ଏକ୍ସରେ କହିଛନ୍ତି ଯେ ମୁଁ ବହୁତ ଖୁସିର ସହ ଜଣାଇବାକୁ ଚାହୁଁଛି ଯେ ସାମାଜିକ ସୁରକ୍ଷା ପେନସନ ସ୍କିମ ଅଧିନରେ ସମସ୍ତ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଓ ବିଧବାମାନଙ୍କୁ ମାସିକ ୪୦୦ ଟଙ୍କା ବଦଳରେ ୧୧ଶହ ଟଙ୍କାର ଭତ୍ତା ମିଳିବ । ସମସ୍ତ ହିତାଧିକାରୀ ଜୁଲାଇ ମାସରୁ ବର୍ଦ୍ଧିତ ଭତ୍ତା ପାଇବେ । ସମସ୍ତ ହିତାଧିକାରୀଙ୍କ ଆକାଉଣ୍ଟକୁ ପ୍ରତି ମାସର ୧୦ ତାରିଖ ବେଳକୁ ଭତ୍ତା ପଠାଇବା ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ । ଏହା ରାଜ୍ୟର ୧ କୋଟି ୯ ଲକ୍ଷ ଓ ୨୫୫ ଜଣ ଲୋକଙ୍କୁ ଫାଇଦା ଦେବ ।

ଆଉ କିଛି ମାସ ପରେ ବିହାରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ଏହାପୂର୍ବରୁ ନୀତୀଶ କୁମାର ଭତ୍ତା ବୃଦ୍ଧି ସମ୍ପର୍କରେ ଘୋଷଣା କରିଛନ୍ତି । ଏବେ ବିଜେପି ସହ ମିଶି ନୀତୀଶ କୁମାରଙ୍କ ଜେଡିୟୁ ସରକାରରେ ରହିଛି । ଚଳିତ ବିଧାନସଭା ନିର୍ବାଚନରେ ଏହି ମେଣ୍ଟକୁ ତେଜସ୍ୱୀ ଯାଦବଙ୍କ ଆରଜେଡି ଓ କଂଗ୍ରେସ ମିଳିତ ଭାବେ ଟMର ଦେବାକୁ ଅଣ୍ଟା ଭିଡ଼ିଛନ୍ତି ।

ଅନ୍ୟପକ୍ଷରେ ବିହାର ସରକାର ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ ବା ମନରେଗା ଯୋଜନାରେ ଥିବା କ୍ଷମତାକୁ ମଧ୍ୟ ସଂଶୋଧନ କରିଛନ୍ତି । ଏଣିକି ଗାଁର ମୁଖିଆ ସ୍ୱାଧୀନ ଭାବେ ୧୦ ଲକ୍ଷ ଟଙ୍କା ଯାଏ ଯୋଜନାକୁ ଅନୁମୋଦନ କରିପାରିବେ । ପୂର୍ବରୁ ଏହା ୫ ଲକ୍ଷ ଟଙ୍କା ଥିଲା ।

ଗୁରୁବାର ଗୋଟିଏ ବୈଠକରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପଞ୍ଚାୟତି ରାଜ ବ୍ୟବସ୍ଥା ଦ୍ୱାରା ବିଭିନ୍ନ ଜନପ୍ରତିନିଧିଙ୍କୁ ମିଳୁଥିବା ମାସିକ ଭତ୍ତାକୁ ମଧ୍ୟ ବୃଦ୍ଧି କରିଥିଲେ । ନୂଆ ନିୟମ ଅନୁସାରେ ଜିଲ୍ଲା ପରିଷଦ ସଭାପତିଙ୍କ ମାସିକ ଭତ୍ତା ୨୦ ହଜାରରୁ ୩୦ ହଜାର ହୋଇଛି । ସେହିପରି ଜିଲ୍ଲା ପରିଷଦର ଉପ ସଭାପତିଙ୍କ ମାସିକ ଭତ୍ତା ୧୦ ହଜାରରୁ ବି ୨୦ ହଜାରରେ ପହଞ୍ଚିଛି । ଗାଁ ମୁଖିଆମାନେ ୫ ହଜାର ଟଙ୍କା ବଦଳରେ ମାସିକ ୭,୫୦୦ ଟଙ୍କା ପାଇବେ ।

## ଘନିଷ୍ଠ ବନ୍ଧୁ ଥିଲେ ଇସ୍ରାଏଲ୍- ଇରାନ୍



ନୂଆଦିଲ୍ଲୀ: ଦିନ ଥିଲା ଦୁଇ ଦେଶ ମଧ୍ୟରେ ବନ୍ଧୁତା ନିବିଡ଼ ଥିଲା । କିନ୍ତୁ ଆଜି ପରସ୍ପରର ଚରମ ଶତ୍ରୁ । ପରସ୍ପର ଉପରେ ସବୁଠୁ ଘାତକ ମିସାଇଲ ଆଟାକ୍ କରିବାକୁ ଉଣ୍ଡି ବସୁଥିବା ଦୁଇ ଦେଶ କେବେ ପରସ୍ପରର ଆଲିଙ୍ଗନ କରୁଥିଲେ । ତେଣୁ ସଭିଙ୍କ ମନରେ ପ୍ରଶ୍ନ ଉଠୁଛି ଯେ କାହିଁକି ଏହି ଦୁଇ ଦେଶ ମଧ୍ୟରେ ଶତ୍ରୁତା ଆରମ୍ଭ ହେଲା ? ଦିନ ଥିଲା ପରସ୍ପରର କାନ୍ଧ ମିଶାଇ କୂଟନୈତିକ ଓ ଗୁଇନ୍ଦା କ୍ଷେତ୍ରରେ ସହଯୋଗ କରୁଥିବା ଦୁଇ ଦେଶ କେମିତି ପରସ୍ପର ପାଇଁ ବଡ଼ ଶତ୍ରୁ ପାଲଟିଗଲେ ।

ଦୁଇ ଦେଶ ମଧ୍ୟରେ ବନ୍ଧୁତା ଶାହି ଯୁଗର । ଇସ୍ରାଏଲ ୧୯୪୮ ରେ ନିଜକୁ ୟହୁଦୀ ଦେଶ ଘୋଷିତ କରିଥିବା ବେଳେ ଇରାନ ମୁସଲିମ ଦେଶ ଥିଲା । ଆଉ ଇରାନ ଇସ୍ରାଏଲକୁ ୟେହୁଦି ଦେଶର ମାନ୍ୟତା ଦେଇଥିଲା । ସେହିସମୟରେ ଇରାନର ଶାସକ ଥିଲେ ଶାହ ମହମ୍ମଦ ରଜା ପହଲବୀ । ଇସ୍ରାଏଲ ସରକାରଙ୍କ ସହ ଇରାନ ମଧ୍ୟରେ ରାଜନୈତିକ ଓ ସାମରିକ ସମ୍ବନ୍ଧ ବହୁତ ମଜବୁତ ଥିଲା । ଦୁଇ ଦେଶ ଆମେରିକାର ଘନିଷ୍ଠ ଥିଲେ । ଉଭୟଙ୍କ ମଧ୍ୟରେ ସଂପର୍କ ବେଶ ସୁଦୃଢ ଥିଲା? ଇରାନ ଇସ୍ରାଏଲକୁ ତେଲ ଯୋଗାଉଥିବା ବେଳେ ବଦଳରେ ଇସ୍ରାଏଲ ଇରାନକୁ ଗୁଇନ୍ଦା ଟ୍ରେନିଂ ଓ ଜ୍ଞାନ କୌଶଳରେ ସାହାଯ୍ୟ କରୁଥିଲା । ବନ୍ଧୁତାର ଡୋରି ସେ ପର୍ଯ୍ୟନ୍ତ ଅତୁଟ ରହିଲା ଯେ ପର୍ଯ୍ୟନ୍ତ ଶାହ ଶାସନ ଗାଦିରେ ଥିଲେ । ଇସଲାମିକ କ୍ରାନ୍ତି ପରେ ଇରାନରେ ରିଜିମ ପରିବର୍ତ୍ତନ ହୋଇଥିଲା ଏବଂ ଦୁଇ ବନ୍ଧୁ ଦେଶ ଶତ୍ରୁ ପାଲଟିଗଲେ ।

ଇରାନରେ ଇରାନୀ କ୍ରାନ୍ତି ସହିତ ଶାହଙ୍କ କ୍ଷମତାକୁ ଆୟାତୁଲ୍ଲା ଖାମେନି ସମାପ୍ତ କରିଥିଲେ । ଖାମେନି ଏକ ଚରମ ଇସଲାମିକ ଶାସନ ସ୍ଥାପନ କଲେ । ଆଉ ଖାମେନି ଇସ୍ରାଏଲକୁ ସଇତାନ ଓ ଇସଲାମ ଦେଶର ଶତ୍ରୁ ଭାବେ ଘୋଷିତ କରି ଦେଲେ । ଇରାନ ଇସ୍ରାଏଲର ପାସପୋର୍ଟକୁ ସ୍ୱୀକାର କରିବା ବନ୍ଦ କରି ଦେଲା । ଇସ୍ରାଏଲ ସହ ସବୁ ସଂପର୍କ ଛିନ୍ନ କରି ଦେଲେ ଖାମେନି । ଏପରିକି ଇସ୍ରାଏଲର ଦୂତାବାସକୁ ମଧ୍ୟ ବନ୍ଦ କରି ଦିଆଗଲା । ଏହା ବଦଳରେ ପାଲେଷ୍ଟାଇନ ଲିବେରେସନ ଅର୍ଗାନାଇଜେସନ(ପିଏଲଓ)କୁ ଦପ୍ତର ଖୋଲିବାକୁ ଦିଆଗଲା । ଏହିପରି ଭାବେ ବନ୍ଧୁତା ଶତ୍ରୁତାର ରୂପ ନେଲା । ଏହା ପରେ ଇସ୍ରାଏଲ ଇରାନକୁ ମଧ୍ୟ ପୂର୍ବରେ ସବୁଠୁ ବଡ଼ ବିପଦ ମାନିବା ଆରମ୍ଭ କରିଦେଲା । ଦିନ ଥିଲା ଏକାଠି ମିଶି ମିସାଇଲ ତିଆରି କରୁଥିବା ଦୁଇ ବନ୍ଧୁ ଦେଶ ଆଜି ପରସ୍ପର ଉପରେ ମିସାଇଲ ମାଡ଼ କରି ସଂପୂର୍ଣ୍ଣ ଭାବେ ଧ୍ୱଂସ କରିବାକୁ ଅଣ୍ଟା ଭିଡ଼ିଛନ୍ତି ।

### ଇରାନର ୪୦ଟି ଡ୍ରୋନକୁ ଖସାଇଲା ଇସ୍ରାଏଲ୍

ତେଲ ଅଭିବ: ଦିନକୁ ଦିନ ଅଧିକ ଘମାଘୋଟ ହେଉଛି ଇସ୍ରାଏଲ-ଇରାନ ଯୁଦ୍ଧ । ଇରାନ ପକ୍ଷରୁ କ୍ଷେପଣାସ୍ତ୍ର ଓ ଡ୍ରୋନ ସାହାଯ୍ୟରେ ଇସ୍ରାଏଲ ଉପରେ ଆକ୍ରମଣ କରୁଛି । ସେହିପରି ଇସ୍ରାଏଲ ବାୟୁ ସେନା ମଧ୍ୟ ଇରାନର ବିଭିନ୍ନ ସାମରିକ ଓ ଆଣବିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରୁଛି । ଇତି ମଧ୍ୟରେ ଇସ୍ରାଏଲୀ ବାୟୁସେନା (ଆଇଏଏଫ) ଦାବି କରିଛି ଯେ ଗତ ରାତିରେ ଇରାନର ୪୦ଟିୟୁଏଭି ବା ଡ୍ରୋନକୁ ଖସାଇ ଦିଆଯାଇଛି । ଏ ନେଇ ଆଇଏଏଫ ଏକ ଭିଡିଓ ଜାରି କରିଛି । ଇସ୍ରାଏଲ କହିଛି, ଅପରେସନ୍ ରାଇଜିଂ ଲାୟନ୍ ଆରମ୍ଭ ହେବା ପରଠାରୁ ୪୭୦ ରୁ ଅଧିକ ଡ୍ରୋନକୁ ସଫଳତାର ସହ ନଷ୍ଟ କରାଯାଇଛି । ଯାହା ପ୍ରାୟ ୯୯% ସଫଳତା ହାର ଦର୍ଶାଉଛି ।

ସୂଚନା ଯୋଗ୍ୟ ଯେ,ୟୁଏଭିର ପୂର୍ଣ୍ଣ ରୂପ ହେଉଛି ମାନବହୀନ ବାୟୁ ଯାନ । ସାଧାରଣ ଭାଷାରେ ଏହାକୁ ଡ୍ରୋନ କୁହାଯାଏ । ଏଗୁଡ଼ିକ ଏପରି ବିମାନ ଯାହାକୁ ଉଡ଼ିବା ପାଇଁ ପାଇଲଟଙ୍କ ଆବଶ୍ୟକତା ନାହିଁ । ଏଗୁଡ଼ିକୁ ଦୂରରୁ ରିମୋଟ୍ କଣ୍ଟ୍ରୋଲ୍ କିମ୍ବା ସାଟେଲାଇଟ୍ ସିଷ୍ଟମ୍ ମାଧ୍ୟମରେ ପରିଚାଳିତ କରାଯାଏ ।

# ଭାରତୀୟ ହକି ଖେଳାଳିଙ୍କୁ ମିଳିବ ଭତ୍ତା




ନୂଆଦିଲ୍ଲୀ, ୨୧।୬(ଏଜେନ୍ସି) : କ୍ରୀଡା ମନ୍ତ୍ରାଳୟ ପୁରୁଷ ଓ ମହିଳା ଉଭୟ ବର୍ଗର ଜାତୀୟ ଶିବିର ପାଇଁ ମନୋନୀତ ଖେଳାଳିମାନଙ୍କ ଲାଗି ମାସିକ ୨୫ ହଜାର ଟଙ୍କାର ଭତ୍ତା ମଞ୍ଜୁର କରିଛି । ପ୍ରଥମ ଥର ପାଇଁ ହକି ଖେଳାଳି ଭତ୍ତା ପାଇବାକୁ ଯାଉଛନ୍ତି । ହକି ଇଣ୍ଡିଆ ପକ୍ଷରୁ କ୍ରୀଡା ମନ୍ତ୍ରାଳୟ ପାଖରେ ବାରମ୍ବାର ଅନୁରୋଧ କରାଯାଇଥିଲା । ଟାର୍ଗେଟ୍ ଅଲମ୍ପିକ୍ ପୋଡିଅମ୍ ସ୍କିମ୍(ଟପ୍‌ସ)ର ବିକାଶ ମୂଳକ ଗୋଷ୍ଠୀରେ ଖେଳାଳିଙ୍କୁ ଦିଆଯାଉଥିବା ଭତ୍ତାରୁ ୮୦ ଜଣ ଖେଳାଳି ଉପକୃତ ହେବେ । ମିଶନ ଅଲମ୍ପିକ୍ ସେଲ୍‌ର ମାସିକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ସରକାରଙ୍କୁ ପ୍ରତି ମାସରେ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡିବ । କୋର ଗ୍ରୁପ୍‌ରେ ଥିବା ଖେଳାଳିମାନେ ମାସିକ ୫୦ ହଜାର ଟଙ୍କା ଲେଖାଏଁ ପାଇବେ । ଭତ୍ତା ପାଇବାକୁ ଯୋଗ୍ୟ ଖେଳାଳିଙ୍କ ନାମ ତାଲିକା ହକି ଇଣ୍ଡିଆ ସରକାରଙ୍କୁ ପ୍ରତି ମାସ ପ୍ରଦାନ କରିବ ।

ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି । ଏହା ଆଗାମୀ ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଖେଳାଳିମାନଙ୍କ ମନୋବଳକୁ ଆହୁରି ବଢାଇବ । ଗତ କିଛି ବର୍ଷ ମଧ୍ୟରେ ଭାରତୀୟ ହକିର ଗ୍ରାଫ୍ ଉପରକୁ ଉଠିଛି । ଟୋକିଓ ଅଲମ୍ପିକ୍ସରେ ଭାରତ ୪୧ ବର୍ଷ ପରେ ବ୍ରୋଞ୍ଜ୍ ପଦକ ଜିତିଥିଲା । ମହିଳା ଦଳ ଐତିହାସିକ ପ୍ରଦର୍ଶନ କରି ଚତୁର୍ଥ ସ୍ଥାନ ଅଧିକାର କରିଥିଲା । ଭାରତୀୟ ପୁରୁଷ ହକି ଦଳ ପ୍ୟାରିସ୍ ଅଲମ୍ପିକସ୍‌ରେ ବ୍ରୋଞ୍ଜ୍ ପଦକ ବଜାୟ ରଖିଥିଲା ।

## ଲିଡ୍ସ ଟେଷ୍ଟ

# ପନ୍ତ, ଗିଲ୍, ଯଶସ୍ୱୀଙ୍କ ଶତକ : ଭାରତ ୪୭୧

ଲଣ୍ଡନ, ୨୧।୬ (ଏଜେନ୍ସି) : ଭାରତ-ଇଂଲଣ୍ଡ ଟେଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ଭାରତୀୟ ବ୍ୟାଟ୍‌ରଙ୍କ ରାଜୁତି ଦେଖିବାକୁ ମିଳିଛି । ପ୍ରଥମ ଦିନ ଶୁଭମନ୍ ଗିଲ୍ ଓ ଯଶସ୍ୱୀ ଜୟସ୍ୱାଲ୍ ଶତକ ଅର୍ଜନ କରିଥିବା ବେଳେ ଦ୍ୱିତୀୟ ଦିନ ପ୍ରଥମ ଅଧିବେଶନରେ ରିଷଭ ପନ୍ତଙ୍କ ବ୍ୟାଟରୁ ଆଉ ଏକ ଶତକ ଦେଖିବାକୁ ମିଳିଥିଲା । ଅର୍ଥାତ୍ ଭାରତର ପ୍ରଥମ ଇନିଂସରେ ୩ ଜଣ ବ୍ୟାଟ୍‌ର ଯଶସ୍ୱୀ, ଅଧିନାୟକ ଶୁଭମନ୍ ଗିଲ୍ ଓ ରିଷଭ ପନ୍ତ ଶତକ ଅର୍ଜନ କରି ଦଳର ସ୍ଥିତି ମଜଭୁତ କରିଛନ୍ତି । ଭାରତର ପ୍ରଥମ ପାଳି ୧୧୩ ଓଭରରେ ୪୭୧ ରନ୍‌ରେ ଶେଷ ହୋଇଛି । ଦ୍ୱିତୀୟ ଦିବସ ଭାରତ ୨୮ ଓଭରରେ ବ୍ୟାଟିଙ୍ଗ୍ କରି ଅବଶିଷ୍ଟ ୭ ୱିକେଟ୍ ହରାଇଥିଲା । ଦ୍ୱିତୀୟ ଦିନ ପ୍ରଥମ ଅଧିବେଶନ ପରେ ପରେ ବର୍ଷା କାରଣରୁ ମ୍ୟାଚ୍ ପାଖାପାଖି ୨ ଘଣ୍ଟା ବିଳମ୍ବିତ ହୋଇଥିଲା । ଇଂଲଣ୍ଡ ୪୫ ଓଭର ସୁଦ୍ଧା ୨ ୱିକେଟ୍ ହରାଇ ୧୯୮ ରନ୍ କରିଥିଲା ।

ପ୍ରଥମ ଦିନର ଅସମାପ୍ତ ଇନିଂସ୍ ୩୫୯/୩ ରୁ ଖେଳ ଆରମ୍ଭ କରିଥିଲା ଭାରତ । ଶୁଭମନ୍ ଗିଲ୍ ୧୨୭ ଓ ରିଷଭ ପନ୍ତ ୬୫ ରନ୍‌ର ଅପରାଜିତ ଇନିଂସକୁ ଆଗେଇ ନେଇଥିଲେ । ଭଲ ଲୟରେ ଥିଲା ଗିଲ୍ ଦ୍ୱିଶତକ ଆଡେ ଅଗ୍ରସର ହେଉଥିବା ବେଳେ ଶୋଏବ ବଶିରଙ୍କ ବଲରେ ଟଙ୍ଗଙ୍କ ହାତରେ ଧରା ପଡିଥିଲେ । ସେ ୨୨୭ ବଲ୍‌ର ସମ୍ମୁଖୀନ ହୋଇ ୧୯ ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୧୪୭ ରନ୍ କରି ପାଭିଲିୟନ୍ ଫେରିଥିଲେ । ଏହି ଯୋଡି ଭାଙ୍ଗିବା ପରେ ମଧ୍ୟମ କ୍ରମ ଓ ଶେଷ ଭାଗ ଭୁଶୁଡି ଯାଇଥିଲା । କେବଳ ପନ୍ତ ଏକାକି ଦ୍ରୁତ ରନ୍ କରି ଦଳୀୟ ସ୍କୋରକୁ ୪୫୩ ରେ ପହଞ୍ଚାଇ ଥିଲେ । ପନ୍ତ ୧୭୮ ବଲ୍‌ର ସମ୍ମୁଖୀନ ହୋଇ ୧୨ ଟି ଚୌକା ଓ ୬ଟି ଛକା ସହାୟତାରେ ୧୩୪ ରନ୍‌ର ଇନିଂସ ଖେଳିଥିଲେ । ସ୍ପିନ୍ ଅଲରାଉଣ୍ଡର ରବିନ୍ଦ୍ ଜାଡେଜା ୧୫ ବଲ୍‌ରୁ ୧୧ ରନ୍ ତଥା ମହମ୍ମଦ ସିରାଜ ଅପରାଜିତ ୩ ରନ୍ କରିଥିଲେ । ତେଣୁ ଭାରତର ପ୍ରଥମ ଇନିଂସ ୧୧୩ ରନ୍‌ରେ ୪୭୧ ରନ୍‌ରେ ଶେଷ ହୋଇଥିଲା । ଇଂଲଣ୍ଡର ବେନ୍ ଷ୍ଟୋକସ୍ ଓ ଜୋସ୍ ଟଙ୍ଗ ୪ ଟି ଲେଖାଏଁ ତଥା ବ୍ରେଡନ୍ କାରସେ ଓ ସୋଏବ ବଶିର ଗୋଟିଏ କରି ୱିକେଟ୍ ଦଖଲ କରିଥିଲେ ।



ବର୍ଷା ଯୋଗୁଁ ଲଞ୍ଚ୍ ବ୍ରେକ୍ ପରେ ଆଉ ୪ ଓଭର ଖେଳ ସମ୍ଭବ ହୋଇଥିଲା । ଏହି ୪ ଓଭରରେ ଭାରତର ୩ ୱିକେଟ୍ ଦଖଲ କରି ଇଂଲଣ୍ଡ ଇନିଂସରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ସକ୍ଷମ ହୋଇଥିଲା । ପାଖାପାଖି ୨ ଘଣ୍ଟାର ବିରତି ପରେ ପୁଣି ଖେଳ ଆରମ୍ଭ ହୋଇଥିଲା । ଇଂଲଣ୍ଡକୁ ପ୍ରଥମ ଓଭରରେ ହିଁ ଝଟକା ଲାଗିଥିଲା । ପ୍ରଥମ ଓଭର ଫିଙ୍ଗିବାକୁ ଆସିଥିବା ଅଭିଜ୍ଞ ଯଶପ୍ରୀତ ବୁମରା ନିଜର ଶେଷ ବଲ୍‌ରେ ଇଂଲଣ୍ଡର ଜ୍ୟାକ୍ କ୍ରାୱଲିଙ୍କୁ ଆଉଟ୍ କରି ଘରୋଇ ଦଳକୁ ଚାପରେ ରଖିବାକୁ ସଫଳ ହୋଇଥିଲେ । କ୍ରାୱଲି ୬ ବଲ୍‌ର ସମ୍ମୁଖୀନ ହୋଇ ୪ ରନ୍ ସ୍କୋରରେ ପ୍ରଥମ ସ୍ଲିପ୍‌ରେ ଥିବା କରୁଣ ନାଏରଙ୍କ ହାତରେ ଧରାପଡିଥିଲେ । ବେନ୍ ଡକେଟ୍ ଏବଂ ଓଲିପୋପ୍‌ଙ୍କ ମଧ୍ୟରେ ଦ୍ୱିତୀୟ ୱିକେଟ୍ ପାଇଁ ୧୨୨ ରନ୍‌ର ପାର୍ଟନରସିପ୍ ହୋଇଥିଲା । ଡକେଟ୍ ୯୪ ବଲ୍‌ରୁ ୬୨ ରନ୍‌ର ଅର୍ଦ୍ଧ ଶତକ ଇନିଂସ୍ ଖେଳିଥିଲେ । ଯଶପ୍ରୀତ ବୁମ୍‌ରା ଡକେଟ୍‌ଙ୍କୁ ଆଉଟ୍ କରି ବ୍ୟକ୍ତିଗତ ତଥା ଦଳ ପାଇଁ ଦ୍ୱିତୀୟ ସଫଳତା ହାସଲ କରିଥିଲେ । କିନ୍ତୁ ଭଲ ଫର୍ମରେ ଥିଲା ଓଲିପୋପ୍ ଶତକ ଆଡେ ମୁହାଁଇ ଥିଲେ । ସେ ୧୧୪ ବଲ୍‌ରୁ ୯୧ ରନ୍‌ର ଇନିଂସ ଖେଳିଛନ୍ତି । ରୁଟ୍ ୫୩ ବଲ୍‌ରୁ ୨୪ ରନ୍ କରି ଅପରାଜିତ ଥିଲେ । ତେଣୁ ଇଂଲଣ୍ଡ ୪୪ ଓଭରରେ ୨ ୱିକେଟ୍ ହରାଇ ୧୯୨ ରନ୍‌ରେ ପହଞ୍ଚିଥିଲା । ଏବେବି ଘରୋଇ ଦଳ ଭାରତୀୟ ଇନିଂସଠାରୁ ୨୭୫ ରନ୍‌ରେ ପଛରେ ରହିଛି ।

# ରବିବାରଠୁ ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିଅନ୍‌ସିପ୍



ଭୁବନେଶ୍ୱର, ୨୧।୬(ସବ୍ୟୁ) : ରବିବାରଠାରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ର ଅତ୍ୟାଧୁନିକ ଆକ୍ୱାଟିକ୍ ଇନ୍‌ଡୋର ସେଣ୍ଟରରେ ୭୮ତମ ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିଅନ୍‌ସିପ୍ ଆରମ୍ଭ ହେବାକୁ ଯାଉଛି । ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଆୟୋଜନ ହେବାକୁ ଥିବା ପ୍ରତିଯୋଗିତାକୁ ରାଜ୍ୟ କ୍ରିଡା ବିଭାଗ, ଓଡିଶା ରାଜ୍ୟ ସୁଇମିଙ୍ଗ ତଥା ସୁଇମିଙ୍ଗ ଫେଡେରେସନ୍ ଅଫ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଆୟୋଜନ କରାଯାଇଛି । ରବିବାର ଅପରାହ୍ନ ୪.୩୦ ମିନିଟ୍‌ରେ ପ୍ରତିଯୋଗିତା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ ହେବ । ୨୬ ଅପରାହ୍ନ ୪ ରେ ପ୍ରତିଯୋଗିତା ଉଦ୍‌ଯାପିତ ହେବ । ସବୁଦିନ ସକାଳ ଅଧିବେଶନ ୧୦ ଟାରୁ ୧୨.୩୦ ପର୍ଯ୍ୟନ୍ତ ଏବଂ ସନ୍ଧ୍ୟା ଅଧିବେଶନ ଅପରାହ୍ନ ୫ ଟା ପରେ ଆରମ୍ଭ ହେବ । ଏହି ପ୍ରତିଯୋଗିତାରେ ଓଡିଶାର ତାରକା ସନ୍ତରଣକାରୀ ପ୍ରତ୍ୟାଷା ରାୟ ଭାଗ ନେବେ ।

# ରାଜ୍ୟ ଟ୍ରାପ୍ ସୁଟିଂ ପ୍ରତିଯୋଗିତା ଉଦ୍‌ଯାପିତ

ଭୁବନେଶ୍ୱର, ୨୧। ୬(ସବ୍ୟୁ) : ତାଳଚେର ସ୍ଥିତ ରାଜା ହୃଦୟଚନ୍ଦ୍ର ଦେବ ସୁଟିଂ କମ୍ପେକ୍ସଠାରେ ଦ୍ୱିତୀୟ ରାଜ୍ୟ ଟ୍ରାପ୍ ସୁଟିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ପ୍ରତିଯୋଗିତାରେ ଓଡିଶାର ବିଭିନ୍ନ ଜିଲ୍ଲା ଓ ସଂଘମାନଙ୍କରୁ ବହୁ ସଂଖ୍ୟାରେ ଭାଗ ନେଇଥିଲେ । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ରଣେନ୍ଦ୍ର ପ୍ରତାପ ସିଂ ଦେଓ ଯୋଗ ଦେଇ କୃତିପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ । ମୁଖ୍ୟ ଅତିଥିଙ୍କ ସହ ଓଡିଶାର ରାଇଫଲ୍ ସଂଘର ସହସମ୍ପାଦକ ବଳଭଦ୍ର ଦାସ, ତାଳଚେର ରାଇଫଲ୍ କ୍ଲବର ଉପସଭାପତି ରାଜା ସାହେବ ବିଜଏନ୍ଦ୍ର ଚନ୍ଦ୍ର ଦେବ,




ସମ୍ପାଦକ ପ୍ରବୀର ଚନ୍ଦ୍ର ଧୀର ଦେବ, ସହସମ୍ପାଦକ ଶରତ ଚନ୍ଦ୍ର ଦେବ, କୋଷାଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ । ସିନିୟର ପୁରୁଷ ବର୍ଗରେ ଦିଗନ୍ତ ଜ୍ୟୋତି ପଟ୍ଟନାୟକ ପ୍ରଥମ, ଶୁଭମ୍ ଅଗ୍ରୱାଲ୍ ଦ୍ୱିତୀୟ ଓ ରିତ୍ୟୁକ୍ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଜୁନିୟର ପୁରୁଷ ବର୍ଗରେ ଦେବେନ୍ଦ୍ର ପ୍ରଧାନ ପ୍ରଥମ, ସୌନକ ଦତ୍ତ ଦ୍ୱିତୀୟ ଓ ଦେବୀଦତ୍ତ ବିଶ୍ୱାଳ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ମହିଳା ବର୍ଗରେ ଅନ୍ୱେଷା ଦାସ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ମାଷ୍ଟର ବର୍ଗରେ ରଜତ ମିଶ୍ର ପ୍ରଥମ, ଶରତ ଚନ୍ଦ୍ର ଦେବ ଦ୍ୱିତୀୟ ଓ ବିଶ୍ୱଜିତ ସୁର ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସିନିୟର ମାଷ୍ଟର ବର୍ଗରେ ଅଶୋକ ମହାନ୍ତି ପ୍ରଥମ, ସଶାଙ୍କ ଦେଇ ଦ୍ୱିତୀୟ ଓ ଆରପେ ସିଂ ଦେଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଗ୍ରୁପ୍ ସୁଟିଂରେ ରଜତ କୁମାର ମିଶ୍ର, ଅଶୋକ କୁମାର ମହାନ୍ତି ଓ ବିଭୂତି ଭୂଷଣ ମିଶ୍ରଙ୍କ ଦଳ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।

# ଜେଏମ୍ ସ୍ପୋର୍ଟ୍ସ ଏକାଡେମିରେ ଅନ୍ତର୍ଜାତୀୟ ଯୋଗ ଦିବସ



ଭୁବନେଶ୍ୱର, ୨୧।୬(ସବ୍ୟୁ) : ଚକେଇସିଆଣି ସମେଇଗାଡିଆ ସ୍ଥିତ ଜେଏମ୍ ସ୍ପୋର୍ଟ୍ସ ଏକାଡେମିରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଏକାଡେମିର କୁନିକୁନି ପିଲାଙ୍କ ସହିତ ସେମାନଙ୍କ ଅଭିଭାବକ, ପ୍ରଶିକ୍ଷକ ଓ ଏକାଡେମୀର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଏହି ଦିବସକୁ ପାଳନ କରିଥିଲେ । ଏକାଡେମୀର ଅଧକ୍ଷା ମୀରାରାଣୀ ଦାସ ଓ ସମ୍ପାଦକ ଯଶୋବନ୍ତ ଦାସଙ୍କ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରଶ୍ମିରେଖା ସାହୁ ଜଣେ ଆଇନ୍ ଛାତ୍ରୀ ଏବଂ ଜଣେ ଜିମ୍‌ନାଷ୍ଟ ମଧ୍ୟ । ସେ ପିଲାମାନଙ୍କୁ ଯୋଗ ଶିକ୍ଷା ଦେଇଥିଲେ । ଯୋଗ କିପରି ମାନବ ଜାତି ପାଇଁ କଲ୍ୟାଣକାରୀ, ପ୍ରତିଦିନ ଜୀବନରେ ଏହା ଅତ୍ୟନ୍ତ ଜରୁରୀ ଏ ବିଷୟରେ ଆଲୋଚନା କରାଯାଇଥିଲା । ଆଇନ୍ ପରାମର୍ଶ ଦାତା ସୁବ୍ରତ କୁମାର ମହାପାତ୍ର ମଧ୍ୟ ଏ ବିଷୟରେ ପିଲାମାନଙ୍କୁ ସୂଚନା ଦେଇଥିଲେ । ଆସନ୍ତୁ ସଭିଏଁ କରିବା ଯୋଗ ଶରୀର ଓ ମନକୁ ରଖିବା ନିରୋଗ ଶୀର୍ଷକ ଉପରେ ଅନ୍ତର୍ଜାତୀୟ ଯୋଗ ଦିବସର ବାର୍ତ୍ତା ଦିଆଯାଇଥିଲା ।

# ପନ୍ତଙ୍କ ନାଁରେ ଲମ୍ବା ରେକର୍ଡ

ଲଣ୍ଡନ, ୨୧।୬(ଏଜେନ୍ସି) : ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଶତକ ହାସଲ କରି ରିଷଭ ପନ୍ତ ଏକାଧିକ କୀର୍ତ୍ତୀମାନ ରଚିଛନ୍ତି । ୧୩୪ ରନ୍‌ର ଇନିଂସ ଖେଳିଛନ୍ତି ପନ୍ତ । ପନ୍ତ ୱିକେଟ୍ କିପର ଭାବେ ଭାରତ ପକ୍ଷରୁ ସର୍ବାଧିକ ଶତକ ଆସଲ କରିଛନ୍ତି । ସେ ୭ ଶତକ ସହ ମହେନ୍ଦ୍ର ସିଂ ଧୋନୀଙ୍କ ରେକର୍ଡକୁ ଅତିକ୍ରମ କରିଛନ୍ତି । ଧୋନୀ ୬ ଟି ଓ ରିଦ୍ଧିମାନ୍ ସାହା ୩ଟି ଶତକ ମାରିଥିଲେ । ଇଂଲଣ୍ଡ ବିପକ୍ଷରେ ଏହା ପନ୍ତଙ୍କ ଚତୁର୍ଥ ଶତକ । ଇଂଲଣ୍ଡ ମାଟିରେ ଏହା ତାଙ୍କର ତୃତୀୟ ଶତକ । ଅନ୍ୟ କୌଣସି ବିଦେଶରେ ଗୋଟିଏରୁ ଅଧିକ ଶତକ ମାରିନାହାଁନ୍ତି । ବିଦେଶ ମାଟିରେ ମୋଟ ୫ଟି ଶତକ ମାରି ୱିକେଟ୍ କିପରଙ୍କ ମଧ୍ୟରେ ତୃତୀୟ ସ୍ଥାନରେ ରହିଛନ୍ତି । ସେହିଭଳି ଟେଷ୍ଟରେ ସର୍ବାଧିକ ଛକା ମାରିବାରେ ସେ ତୃତୀୟ ଭାରତୀୟ । ସେ ୭୯ ଛକା ମାରିଛନ୍ତି । ବିରେନ୍ଦ୍ର ସେହ୍ୱାଗ୍ ୯୦ ଛକା ସହ ଶୀର୍ଷ ସ୍ଥାନରେ ରହିଛନ୍ତି । ପ୍ରଥମ ଟେଷ୍ଟରେ ପନ୍ତଙ୍କ ବ୍ୟତୀତ ଶୁଭମନ୍ ଗିଲ୍ ଓ ଜୟସ୍ୱାଲ୍ ଶତକ ହାସଲ କରିଥିଲେ ।

## ଏଫଆଇଏଚ୍ ହକି ପ୍ରୋଲିଗ୍

# ବେଲିଜିୟମଠୁ ହାରିଲା ଭାରତୀୟ ମହିଳା ଦଳ



ନୂଆଦିଲ୍ଲୀ, ୨୧।୬(ଏଜେନ୍ସି) : ଆଣ୍ଟେରପ୍‌ରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋଲିଗ୍ ହକିର ମହିଳା ବର୍ଗରେ ଭାରତ ୧-୫ ଗୋଲ୍‌ରେ ବେଲଜିୟମ୍ ନିକଟରୁ ପରାଜିତ ହୋଇଛି । ଏହି ଶକ୍ତିଶାଳୀ ଲଢେଇଙ୍କ ମ୍ୟାଚ୍‌ରେ ବେଲଜିୟମ୍‌କୁ ୧୭ ଟି ପେନାଲ୍‌ଟି କର୍ଣ୍ଣର ମିଳିଥିଲା । ଭାରତ ପକ୍ଷରୁ ଦୀପିକା ଏକ ମାତ୍ର ଗୋଲ୍ ଦେଇଥିଲେ । ବେଲଜିୟମ୍‌ର ହେଲେନ । ବ୍ରାସେଉଡ୍ ୨ଟି, ଲୁସି ବ୍ରାଏନି ଓ ଆମ୍ବ୍ରେ ବାଲେନ୍‌ଘିନ୍ ତଥା ଚାର୍ଲୋ ଇଙ୍ଗିଲ୍ ବର୍ଟ ଗୋଲ୍ ସ୍କୋର କରିଥିଲେ । ବେଲଜିୟମ୍ ପକ୍ଷରୁ ହୋଇଥିବା ୫ଟି ଗୋଲ୍ ସ୍କୋର ପେନାଲ୍‌ଟି କର୍ଣ୍ଣରରୁ ହୋଇଥିଲା । ରବିବାର ପରବର୍ତ୍ତୀ ମ୍ୟାଚରେ ଭାରତୀୟ ମହିଳା ଦଳ ବେଲଜିୟମକୁ ଭେଟିବ ।

# ରଗବୀ ପ୍ରିମିୟର ଲିଗରେ ଦିବ୍ୟରଞ୍ଜନ ଅଫିସିଆଲ୍

ବାରିପଦା, (ସବ୍ୟୁ) : ମୁମ୍ବାଇର ଅନ୍ଧେରୀ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଆରମ୍ଭ ହୋଇଥିବା ୧ମ ବାର୍ଷିକ ରଗବୀ ପ୍ରୀମିୟର ଲିଗରେ ଏକମାତ୍ର ଓଡ଼ିଆ ମ୍ୟାଚ୍ ଅଫିସିଆଲ୍ ଭାବେ ମୟୂରଭଞ୍ଜ ଜିଲ୍ଲାର ଦିବ୍ୟରଞ୍ଜନ ଦାସ ସ୍ଥାନ ପାଇଛନ୍ତି । ଦିବ୍ୟରଞ୍ଜନଙ୍କ ଘର ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଚମ୍ପାଝର ପଞ୍ଚାୟତର କିରିକିଚିପାଳ ଗ୍ରାମରେ ହୋଇଥିବାବେଳେ ବର୍ତ୍ତମାନ ସେ ଶ୍ୟାମଖୁଣ୍ଟା ବ୍ଲକ ସ୍ଥିତ କୃଷ୍ଣଚନ୍ଦ୍ର ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ରୀଡ଼ା ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି । ୨୦୧୭ ମସିହାରେ ପ୍ରଥମ ଥର ପାଇଁ ଜାତୀୟ ରେଫରୀ ଭାବେ ମନୋନୀତ ହୋଇ ଜାତୀୟ ସ୍କୁଲ କ୍ରୀଡା ସଫଳତା ସହିତ ସମ୍ପାଦନା କରିବା ସହ ବର୍ତ୍ତମାନ ସୁଦ୍ଧା ୪୦ରୁ ଊର୍ଦ୍ଧ୍ୱ ଜାତୀୟ ଓ ଦୁଇଟି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ମ୍ୟାଚ୍ ଅଫିସିଆଲ୍ ଭାବେ କାର୍ଯ୍ୟ କରି ଅନେକ ସଫଳତା ସାଉଁଟିଛନ୍ତି । ଲେଭେଲ-୨ ମ୍ୟାଚ୍ ଅଫିସିଆଲ୍ ଭାବେ ଓଡ଼ିଶାର ଏକମାତ୍ର ଓଡ଼ିଆ ଭାବେ ଜାତୀୟ ରଗବୀ ରେଫରୀ ପ୍ୟାନେଲରେ ସ୍ଥାନ ପାଇଛନ୍ତି । ତୃଣମୂଳ ସ୍ତରରେ କ୍ରୀଡ଼ାର ବିକାଶ ପାଇଁ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀ ନାମରେ ଏକ ଅନୁଷ୍ଠାନ ଖୋଲି ୩୦ ଅଧିକ ଜାତୀୟ ଓ ୪ଜଣ ଅନ୍ତର୍ଜାତୀୟ ଖେଳାଳୀ ସୃଷ୍ଟି କରିବା ସହିତ ଆହୁରି ଅନେକ ପ୍ରତିଭା ସୃଷ୍ଟି କରିବାର ପ୍ରୟାସ ଜାରି ରଖିଛନ୍ତି । ପ୍ରକାଶ ଥାଉକି ଏହି ରଗବୀ ପ୍ରୀମିୟର ଲିଗ୍ ଚଳିତ ମାସ ୧୫ ରୁ ୨୯ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିବା ବେଳେ ୬ଟି ଦଳ ବିଭିନ୍ନ ଫ୍ରାଞ୍ଚାଇଜରୁ ଅଂଶଗ୍ରହଣ କରିଛନ୍ତି । ତାଙ୍କର ଏହି ସଫଳତାର ଖବର ପାଇ ମୟୂରଭଞ୍ଜ ଏଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା କ୍ରୀଡ଼ା ଶିକ୍ଷା ଅଧିକାରୀ ଭାଗିରଥୀ ମଲ୍ଲିକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ, ଓଡ଼ିଶା ରଗବୀ ଫୁଟବଲ୍ ସଂଘର ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଡିଭାଇନ୍ ଅନୁଷ୍ଠାନର ନିର୍ଦ୍ଦେଶକ ବିପ୍ଲବ ଭଞ୍ଜନ ଭୁଗୁଡେଇ, ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀର ନିର୍ଦ୍ଦେଶକ ତଥା ସମାଜସେବୀ ଅମର କୁମାର ସେଠି, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଲ ହାଁସଦାଃ ଓ ସମେତ ବହୁ କ୍ରୀଡ଼ାବିତ ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତି ।




# ଶ୍ରୀଲଙ୍କା -ବାଂଲାଦେଶ ପ୍ରଥମ ଟେଷ୍ଟ ଡ୍ର

ଗାଲେ, ୨୧।୬(ଏଜେନ୍ସି) : ଶ୍ରୀଲଙ୍କା-ବାଂଲାଦେଶ ଟେଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଡ୍ର ରହିଛି । ଗାଲେ ଟେଷ୍ଟରେ ବାଂଲାଦେଶ ପ୍ରଥମ ପାଳିରେ ୪୯୫ ଓ ଦ୍ୱିତୀୟ ପାଳିରେ ୨୮୫/୬ ରନ୍‌ରେ ଘୋଷଣା କରିଥିଲା । ଶ୍ରୀଲଙ୍କା ପ୍ରଥମ ପାଳିରେ ୪୮୫ ରନ୍ କରିଥିଲା ଏବଂ ୨୯୬ ରନ୍‌ର ବିଜୟ ଲକ୍ଷ ପିଛା କରି ୩୨ ଓଭରରେ ୪ ୱିକେଟ୍ ହରାଇ ୭୨ ରନ୍ କରିଥିଲା । ୧୪୮ ଓ ୧୨୫ ରନ୍‌ର ଇନିଂସ ଖେଳିଥିବା ବାଂଲାଦେଶର ନଜମୁଲ୍ ହୋସେନ୍ ସାଣ୍ଟୋଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଥିଲା ।

ବାଂଲାଦେଶ ଦ୍ୱିତୀୟ ପାଳିରେ ଭଲ ଖେଳିଥିଲା । ଅଧିନାୟକ ନାଜମୁଲ ହୋସେନ୍ ସାଣ୍ଟୋ ଅପରାଜିତ ୧୨୫ ରନ୍‌ର ଶତକୀୟ ଇନିଂସ୍ ଖେଳିଥିଲେ ।

ତେଣୁ ବାଂଲାଦେଶ ୮୭ ଓଭରରେ ୨୮୫/୬ ରନ୍ କରି ପାଳି ଘୋଷଣା କରିଥିଲା । ତେଣୁ ଶ୍ରୀଲଙ୍କା ସମ୍ମୁଖୀନରେ ୨୯୬ ରନ୍‌ର ବିଜୟ ଲକ୍ଷ ଧାର୍ଯ୍ୟ ହୋଇଥିଲା । ନଜମୁଲ୍‌ଙ୍କ ବ୍ୟତିତ ଓପନ୍‌ର ସଦମନ୍ ଇସଲାମ୍ ୭୪ ଓ ମୁସ୍‌ଫିକର୍ ରହିମ୍ ୪୯ ରନ୍‌ର ଇନିଂସ୍ ଖେଳିଥିଲେ । ଶ୍ରୀଲଙ୍କାର ଥାରିନ୍ଦୁ ରତ୍ନାୟକେ ୩ ଟି, ମିଲନ୍ ରତ୍ନାୟକେ ଓ ପ୍ରଭାତ ଜୟସୁରୀୟା ଗୋଟିଏ କରି ୱିକେଟ୍ ନେଇଥିଲେ ।

୨୯୬ ରନ୍‌ର ବିଜୟ ଲକ୍ଷ ଶ୍ରୀଲଙ୍କା ପାଇଁ ସହଜ ନଥିଲା । କମ୍ ଓଭରରେ ବଡ ବିଜୟ ଲକ୍ଷକୁ ହାସଲ କରିବା ଅସମ୍ଭବ ଥିଲା । ତେଣୁ ପଞ୍ଚମ ଦିନ ଖେଳ ଶେଷ ବେଳକୁ ଶ୍ରୀଲଙ୍କା ୩୨ ଓଭରରେ ୪ ୱିକେଟ୍ ହରାଇ ୭୨ ରନ୍ କରିଥିଲା । ପାଥୁମ୍ ନିଶାଙ୍କ ୨୪ ରନ୍ କରି ଆଉଟ୍ ହୋଇଥିବା ବେଳେ କାମିନ୍ଦୁ ମେଣ୍ଡିସ୍ ୧୨ ଓ ଧନଞ୍ଜୟ ଡି ସିଲ୍‌ଭା ୧୨ ରନ୍ କରି ଅପରାଜିତ ଥିଲେ । ବାଂଲାଦେଶର ତାଇଜୁଲ୍ ଇସଲାମ୍‌ଙ୍କୁ ସର୍ବାଧିକ ୩ ଟି ନଇମ ହାସନଙ୍କୁ ଗୋଟିଏ ୱିକେଟ୍ ସଫଳତା ମିଳିଥିଲା ।



ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକାର ବିଜ୍ଞାପନ ଦେବାକୁ ଚାହୁଁଥିବା ବନ୍ଧୁ ମାନଙ୍କୁ ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି